୬

ମୁମ୍ବାଇ ଦଳକୁ ମଝି ଆଙ୍ଗୁଳି ଦେଖାଇ ମ୍ୟାଚ୍ ପାଉଣାର ୩୦% ଅର୍ଥ ହରାଇଲେ ଡେଭିଡ୍

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
# ସମ୍ବାଦ କଳିକା
The Sambad Kalika
TM
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
● ବର୍ଷ–୩୩ ● ସଂଖ୍ୟା–୧୦୩ ● ୧୪ ମଇ ୨୦୨୬ ଗୁରୁବାର ● ଭୁବନେଶ୍ୱର ● Vol -33 ● Issue-103 ● 14th May 2026, Thursday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

### ୨୦୨୬-୨୭ ଖରିଫ୍ ଋତୁ ପାଇଁ ୧୪ଟି ଫସଲର ଏମ୍‌ଏସ୍‌ପି ବୃଦ୍ଧିକୁ କ୍ୟାବିନେଟ୍ ମଞ୍ଜୁରୀ

# ଧାନର ଏମ୍‌ଏସ୍‌ପି କ୍ୱିଣ୍ଟାଲ ପିଛା ୭୨ ଟଙ୍କା ବୃଦ୍ଧି

**ନୂଆଦିଲ୍ଲୀ, ୧୩।୫**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି (ସିସିଇଏ) ବୁଧବାର ୧୪ଟି ଖରିଫ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ(ଏମଏସପି) ବୃଦ୍ଧିକୁ ଅନୁମୋଦନ କରିଛି। ୨୦୨୬-୨୭ ଖରିଫ୍ ବିପଣନ ଋତୁ ପାଇଁ ବିଭିନ୍ନ ଫସଲର ଏମଏସପି ବୃଦ୍ଧି କରାଯାଇଛି।



ଚାଷୀମାନଙ୍କୁ ସେମାନଙ୍କ ଫସଲର ଲାଭକାରୀ ମୂଲ୍ୟ ପ୍ରଦାନ କରିବା ଲାଗି ସରକାର ୨୦୨୬-୨୭ ଖରିଫ୍ ବିପଣନ ଋତୁ ପାଇଁ ଏମଏସପି ବୃଦ୍ଧି କରିଛନ୍ତି। ସାଧାରଣ ଧାନ ଏବଂ ଗ୍ରେଡ୍ ଏ ଧାନର ଏମଏସପି କ୍ୱିଣ୍ଟାଲ ପିଛା ୭୨ ଟଙ୍କା ବୃଦ୍ଧି କରାଯାଇଛି।

୨୦୧୪-୧୫ ରୁ ୨୦୨୫-୨୬ ବର୍ଷ ମଧ୍ୟରେ ୮୪୧୮ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ହୋଇଥିଲା ବେଳେ ୨୦୦୪-୦୫ ରୁ ୨୦୧୩-୧୪ ବର୍ଷ ମଧ୍ୟରେ ୪୫୯୦ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ହୋଇଥିଲା।

୨୦୧୪-୧୫ ରୁ ୨୦୨୫-୨୬ ଅବଧି ମଧ୍ୟରେ ୧୪ଟି ଖରିଫ ଫସଲର କ୍ରୟ ପରିମାଣ ୮୭୪୬ ଲକ୍ଷ ମେଟ୍ରିକ ଟନ୍ ଥିଲା। ଅନ୍ୟପଟେ ୨୦୦୪-୦୫ରୁ ୨୦୧୩-୧୪ ଅବଧି ମଧ୍ୟରେ ୪୬୭୯ ଲକ୍ଷ ମେଟ୍ରିକ ଟନ୍ ଫସଲ କ୍ରୟ ହୋଇଥିଲା।

୨୦୧୪-୧୫ରୁ ୨୦୨୫-୨୬ ବର୍ଷ ମଧ୍ୟରେ ଧାନ ଚାଷୀମାନଙ୍କୁ ଦିଆଯାଇଥିବା ସର୍ବନିମ୍ନ ସହାୟକ ମୂଲ୍ୟ ୧୬.୦୮ ଲକ୍ଷ କୋଟି ଟଙ୍କା ଥିଲାବେଳେ ୨୦୦୪-୦୫ ରୁ ୨୦୧୩-୧୪ ବର୍ଷ ମଧ୍ୟରେ ଚାଷୀମାନଙ୍କୁ ଦିଆଯାଇଥିବା ସର୍ବନିମ୍ନ ସହାୟକ ମୂଲ୍ୟ ୪.୪୪ ଲକ୍ଷ କୋଟି ଟଙ୍କା ଥିଲା।

୨୦୧୪-୧୫ ରୁ ୨୦୨୫-୨୬ ବର୍ଷ ମଧ୍ୟରେ ୧୪ଟି ଖରିଫ ଫସଲ ଅମଳ କରୁଥିବା ଚାଷୀଙ୍କୁ ଦିଆଯାଇଥିବା ସର୍ବନିମ୍ନ ସହାୟକ ମୂଲ୍ୟ ୧୮.୯୯ ଲକ୍ଷ କୋଟି ଟଙ୍କା ଥିଲା। ଅନ୍ୟପଟେ ୨୦୦୪-୦୫ ରୁ ୨୦୧୩-୧୪ ବର୍ଷ ମଧ୍ୟରେ ଚାଷୀମାନଙ୍କୁ ୪.୭୫ ଲକ୍ଷ କୋଟି ଟଙ୍କାର ସର୍ବନିମ୍ନ ସହାୟକ ମୂଲ୍ୟ ଦିଆଯାଇଥିଲା।

ଗତ ବର୍ଷ ତୁଳନାରେ ସୂର୍ଯ୍ୟମୁଖୀ ମଞ୍ଜି ଉପରେ କ୍ୱିଣ୍ଟାଲ ପିଛା ୬୨୨ ଟଙ୍କାର ସବୁଠୁ ଅଧିକ ଏମଏସପି ବୃଦ୍ଧି କରାଯାଇଛି। ଏହାପରେ କପା କ୍ୱିଣ୍ଟାଲ ପିଛା ୫୫୭ ଟଙ୍କା, ଅଳସୀ କ୍ୱିଣ୍ଟାଲ ପିଛା ୫୧୫ ଟଙ୍କା ଏବଂ ରାଶି କ୍ୱିଣ୍ଟାଲ ପିଛା ୫୦୦ ଟଙ୍କା ବୃଦ୍ଧି କରାଯାଇଛି।

ଉତ୍ପାଦନ ଖର୍ଚ୍ଚରେ ଫସଲ ଅମଳ ପାଇଁ ଆରମ୍ଭରୁ (ପୃଷ୍ଠା ୭ରେ)

## ଆସ୍ଥା ଭୋଟରେ ଜିତିଲେ ଟିଭିକେ ସରକାର

**ଚେନ୍ନାଇ, ୧୩।୫**

ତାମିଲନାଡୁ ବିଧାନସଭାରେ ମୁଖ୍ୟମନ୍ତ୍ରୀ ବିଜୟଙ୍କ ନେତୃତ୍ୱାଧୀନ ତାମିଲଗା ଭେଟ୍ରି କଡଗମ୍ (ଟିଭିକେ) ସରକାର ଆସ୍ଥା ଭୋଟ୍‌ରେ ବିଜୟ ଲାଭ କରିଛି। ମୁଖ୍ୟମନ୍ତ୍ରୀ ଭାବେ ବିଜୟଙ୍କୁ ନିଜର ବହୁମତ ସାବ୍ୟସ୍ତ କରିବା ପାଇଁ ୧୧୮ ଜଣ ବିଧାୟକଙ୍କ ସମର୍ଥନ ଆବଶ୍ୟକ ଥିଲା ବେଳେ ସେ ବିଧାନସଭାରେ ୧୪୪ ଜଣ ସଦସ୍ୟଙ୍କ ସମର୍ଥନ ପାଇଥିଲେ। ସରକାରଙ୍କ ପକ୍ଷରେ ଏଆଇଏଡିଏମକେର ୨୭ ଜଣ ସଦସ୍ୟ ମଧ୍ୟ ଭୋଟ୍ ଦେଇଥିଲେ।

ତାମିଲନାଡୁରେ ରାଜନୈତିକ ଚଞ୍ଚଳତା ମଧ୍ୟରେ ବୁଧବାର ସକାଳ (ପୃଷ୍ଠା ୭ରେ)

## ପୁଡୁଚେରୀ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ରଙ୍ଗାସାମୀ

**ପୁଡୁଚେରୀ, ୧୩।୫**

ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନଡିଏ) ନେତା ଏବଂ ଅଲ୍ ଇଣ୍ଡିଆ ଏନଆର କଂଗ୍ରେସ (ଏଆଇଏନଆରସି) ସଂସ୍ଥାପକ ଏନ୍. ରଙ୍ଗାସାମୀ ବୁଧବାର ପଞ୍ଚମ ଥର ପାଇଁ ପୁଡୁଚେରୀର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ଉପରାଜ୍ୟପାଳ କୈଳାଶନାଥନ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ତାଙ୍କ ସହ ବିଜେପିର ଏ. ନମସ୍ୱିବାୟମ ଏବଂ ଏନଆର କଂଗ୍ରେସର ମଲ୍ଲାଡି କୃଷ୍ଣ ରାଓ ମନ୍ତ୍ରୀ ପଦରେ ଶପଥ ନେଇଛନ୍ତି। ବୁଧବାର ସକାଳ ୯:୪୭ରେ ଉପରାଜ୍ୟପାଳ ଭବନ ପରିସରରେ ପୁଡୁଚେରୀର ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀମଣ୍ଡଳର ଶପଥଗ୍ରହଣ ସମାରୋହ ଆୟୋଜିତ ହୋଇଥିଲା। ଏଥିରେ (ପୃଷ୍ଠା ୭ରେ)

## ସିବିଏସଇ ଦ୍ୱାଦଶ ପରୀକ୍ଷା ଫଳ ପ୍ରକାଶିତ : ସଫଳତା ହାର ୮୫.୨୦%

**ନୂଆଦିଲ୍ଲୀ, ୧୩।୫**

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସଇ) ବୁଧବାର ଦ୍ୱାଦଶ ଶ୍ରେଣୀର ପରୀକ୍ଷା ଫଳାଫଳ ଘୋଷଣା କରିଛି। ଚଳିତ ବର୍ଷ ମୋଟ ୮୫.୨୦ ପ୍ରତିଶତ ଛାତ୍ରଛାତ୍ରୀ ପରୀକ୍ଷାରେ ସଫଳ ହୋଇଛନ୍ତି, ଯାହା ଗତ ବର୍ଷ ତୁଳନାରେ ୩.୧୯ ପ୍ରତିଶତ କମ୍। ପରୀକ୍ଷା ଫଳାଫଳରେ ଛାତ୍ରୀମାନଙ୍କର ପ୍ରଦର୍ଶନ ଛାତ୍ରମାନଙ୍କଠାରୁ ଆଗୁଆ ରହିଛି।

ବୋର୍ଡ ପକ୍ଷରୁ ଜାରି ହୋଇଥିବା ତଥ୍ୟ ଅନୁସାରେ, ଏହି ବର୍ଷ ୧୭,୮୦,୩୬୫ ଜଣ ଛାତ୍ରଛାତ୍ରୀ ପଞ୍ଜୀକରଣ କରିଥିଲେ, ସେଥି ମଧ୍ୟରୁ ୧୭,୬୮,୮୧୮ ଜଣ ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧୫,୦୭,୧୦୯ ଜଣ ସଫଳ ଘୋଷିତ ହୋଇଛନ୍ତି। ପାସ୍ (ପୃଷ୍ଠା ୭ରେ)

TIMELESS LAXMAN




FROM THE ARCHIVES: R K Laxman's cartoon on the front page of The Times of India on Feb 16, 1971

ଆର.କେ. ଲକ୍ଷ୍ମଣଙ୍କ ଦ୍ୱାରା ଅଙ୍କିତ ଏହି କାର୍ଟୁନର ପ୍ରାସଙ୍ଗିକତା ଆଜି ମଧ୍ୟ ଉପଲବ୍ଧି ହୁଏ ଯାହା ୧୬.୦୨.୧୯୭୧, ଦୀର୍ଘ ୫୫ ବର୍ଷ ପୂର୍ବରୁ ଅଙ୍କା ଯାଇଥିଲା।

## ସଡ଼କ ଦୁର୍ଘଟଣା : ୬ ମୃତ

**ତିରୁପୁର, ୧୩।୫**

ତିରୁପୁର ଜିଲ୍ଲାର ଓ୍ୱେଲ୍ଲକୋଭିଲ-କରୁର ଜାତୀୟ ରାଜପଥରେ ଥିବା ପୋଲିସ ଚେକ୍‌ପୋଷ୍ଟ ନିକଟରେ ବୁଧବାର ସକାଳେ ଘଟିଥିବା ଏକ ସଡ଼କ (ପୃଷ୍ଠା ୭ରେ)

## ଅଧା ହେଲା ମୁଖ୍ୟମନ୍ତ୍ରୀଙ୍କ କାରକେଡ୍‌ର ଗାଡ଼ିସଂଖ୍ୟା

**ଭୁବନେଶ୍ୱର, ୧୩।୫**
**ନ୍ୟୁଜ୍‌ବ୍ୟୁରୋ**

ପଶ୍ଚିମ ଏସିଆ ପରିସ୍ଥିତି ଯୋଗୁଁ ସମଗ୍ର ବିଶ୍ୱରେ ଦେଖାଦେଇଥିବା ତୈଳ ସଂକଟ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ବିଭିନ୍ନ ଖର୍ଚ୍ଚକାଟ, ବିଶେଷକରି ପେଟ୍ରୋଲ-ଡିଜେଲ ବ୍ୟବହାର କମ୍ କରିବାକୁ ଦେଇଥିବା ଆହ୍ୱାନକୁ ସ୍ୱାଗତ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ନିଜ ବ୍ୟକ୍ତିଗତ ସୁରକ୍ଷା ପାଇଁ କାରକେଡ୍‌ରେ ଯାଉଥିବା ଗାଡ଼ିଗୁଡ଼ିକୁ କମ୍ କରି ଅଧା କରିଦେଇଛନ୍ତି। ଏହା ସହିତ ପ୍ରଧାନମନ୍ତ୍ରୀଙ୍କ (ପୃଷ୍ଠା ୭ରେ)



32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୪ ମଇ ୨୦୨୬ ଗୁରୁବାର





## ସାଇବର ଥାନାର ସଫଳତା

# ମହିଳାଙ୍କୁ ବ୍ଲାକ୍‌ମେଲ୍ କରୁଥିବା ଅପରାଧୀ ଗିରଫ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ସାଇବର ଥାନାରେ ଜଣେ ମହିଳାଙ୍କୁ ଇନ୍‌ଷ୍ଟାଗ୍ରାମ୍‌ରେ ଜଣେ ମହିଳାଙ୍କୁ ବଦ୍‌ନାମ୍ କରିବା ସହିତ ତାଙ୍କ ଉପରେ ପ୍ରତିଶୋଧ ନେବାପାଇଁ ବିଭିନ୍ନ ପ୍ରକାର ଆପତ୍ତିଜନକ ଫଟୋ ଛଡ଼ା ଯାଇଥିବାର ଅଭିଯୋଗ କରାଯାଇଥିଲା। ଉକ୍ତ ଅଭିଯୋଗକୁ ଭିତ୍ତିକରି ଜଗତସିଂହପୁର ସାଇବର ଥାନାରେ କେସ୍ ନଂ ୩/୨୦୨୬ରେ ପଞ୍ଜିକୃତ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା। ସାଇବର ଥାନାର କର୍ତ୍ତୃପକ୍ଷ ଉନ୍ନତମାନର ଜ୍ଞାନକୌଶଳ ବ୍ୟବହାର କରି କେନ୍ଦ୍ରାପଡା ଜିଲ୍ଲାର ନାରଦା (ଖୁଦା ନଗରୀ) ଗ୍ରାମର ସରୋଜ କୁମାର ବେହେରାଙ୍କୁ ଗିରଫ କରିବା ସହିତ ତାଙ୍କଠାରୁ ଭିଭୋ ମୋବାଇଲ୍ ଫୋନ୍ ଜବତ କରାଯାଇଛି ଏବଂ ଅପରାଧିଙ୍କୁ କୋର୍ଟ ଚାଲାଣ କରାଯାଇଛି। ସାଇବର ଥାନାରୁ ପ୍ରକାଶ ପାଇଥିବା ପ୍ରେସ୍ ରିପୋର୍ଟ ଅନୁସାରେ ଅଭିଯୁକ୍ତ ସରୋଜ କୁମାର ବେହେରା ଜଗତସିଂହପୁର କ୍ରିଷ୍ଣାନନ୍ଦପୁର ଥାନା ଅଞ୍ଚଳରେ ଗ୍ୟାରେଜ୍ ମେକାନିକ୍ ଭାବରେ କାମ କରୁଥିଲା। ସେ ଉକ୍ତ ମହିଳାଙ୍କ ସ୍ୱାମୀ ସହିତ ବନ୍ଧୁତା ସ୍ଥାପନ କରିବା ସହିତ ଉକ୍ତ ମହିଳାଙ୍କ ସହିତ ଶାରୀରିକ ସମ୍ପର୍କ ସ୍ଥାପନ କରିବା ପାଇଁ ଚେଷ୍ଟା କରିଥିଲା। ମାତ୍ର ଅଭିଯୋଗ କାରିଣୀ



ମହିଳା ଏପରି ଘୃଣ୍ୟ ପ୍ରସ୍ତାବରେ ରାଜି ନହେବା ସହିତ ଗ୍ୟାରେଜ୍ ମେକାନିକ୍ ଠାରୁ ଦୂରତ୍ୱ ଅବଲମ୍ବନ କରିଥିଲେ ଓ ମୋବାଇଲ୍ ନମ୍ବରକୁ ବ୍ଲକ କରିଦେଇଥିଲେ। ଏହି ଘଟଣାରେ ଗ୍ୟାରେଜ୍ ମେକାନିକ୍ ସରୋଜ କୁମାର ବେହେରା ସମ୍ପୃକ୍ତ ମହିଳାଙ୍କ ଉପରେ ପ୍ରତିଶୋଧ ନେବାପାଇଁ ଯୋଜନା ପ୍ରସ୍ତୁତ କରିଥିଲା। ସେ ତାଙ୍କ ଭିଭୋ ମୋବାଇଲ୍ ଫୋନ୍‌ର ନମ୍ବର ବଦଳାଇ ଫେକ୍ ଇନ୍‌ଷ୍ଟାଗ୍ରାମ୍ ଆଇଡି ପ୍ରସ୍ତୁତ କରିବା ସହିତ ଉକ୍ତ ମହିଳାଙ୍କ ଫଟୋ ସହିତ ଆଉ ଜଣେ ବ୍ୟକ୍ତିର ଫଟୋକୁ ଯୋଡି ଆପତ୍ତିଜନକ ଫଟୋ ଉକ୍ତ ମହିଳାଙ୍କ ସ୍ୱାମୀ ଓ ବନ୍ଧୁ ବାନ୍ଧବ ଫୋନ୍‌କୁ ପଠାଇଥିଲା। ଜଗତସିଂହପୁର ସାଇବର ଥାନା ଉକ୍ତ ଘଟଣାର ତଦନ୍ତ କରି ଅଭିଯୁକ୍ତ ସରୋଜ କୁମାର ବେହେରାଙ୍କୁ ୧୧.୫.୨୦୨୬ ତାରିଖରେ ଗିରଫ କରିଥିଲା ଓ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଏହି ସାମ୍ବାଦିକ ଅତିରିକ୍ତ ଏସ୍‌ପି ସତ୍ୟବ୍ରତ ଦାଶ, ଡିଏସ୍‌ପି ରଶ୍ମିରଞ୍ଜନ ଦାଶ, ସାଇବର ଥାନା ଶ୍ରୀ ରାୟ ପ୍ରମୁଖ ଉପସ୍ଥିତ ଥିଲେ।





# କଟକରେ ବୁଲିଲା ଖଣ୍ଡା:୩ ଯୁବକ ଗୁରୁତର

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକର ବାରଙ୍ଗ ଥାନା ଗୋଡ଼ିସାହି ଫାଣ୍ଡି ମୁଣ୍ଡଳୀ ଛକରେ ୩ ଜଣଙ୍କୁ ଖଣ୍ଡାରେ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ୩ ଜଣ ଗୁରୁତରଙ୍କୁ କଟକ ଏସ୍‌ସିବି ମେଡିକାଲ୍‌ରେ ଭର୍ତ୍ତି କରାଯାଇଛି। ବାରଙ୍ଗ ଥାନା ମୁଣ୍ଡଳୀ ବ୍ୟାରେଜ୍ ନିକଟ ସାନମୁଣ୍ଡଳୀ ଗ୍ରାମର କାହ୍ନୁ ଦଳାଇ ନାମକ ଯୁବକ ଛକରେ ଦହିବରା ଖାଉଥିବା ବେଳେ ୬ ଜଣ ଦୁର୍ବୃତ୍ତ ୨ଟି ବାଇକ୍‌ରେ ଆସି ଖଣ୍ଡାରେ ପ୍ରଥମେ ତାଙ୍କୁ ଆକ୍ରମଣ କରିଥିଲେ। କାହ୍ନୁଙ୍କୁ ବଞ୍ଚାଇବାକୁ ଯାଇ ଦହିବରା ବ୍ୟବସାୟୀ ବାଟୁଆ ଏବଂ ଅନ୍ୟ ଜଣେ ପାନ ଦୋକାନୀ ଅନୀଲ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ଏପରିକି ଆକ୍ରମଣକାରୀଙ୍କ ଧାରୁଆ ଅସ୍ତ୍ରର ଚୋଟ, ଦହିବରା ବିକାଳୀଙ୍କ ହାଣ୍ଡି ଗୁଡ଼ିକରେ ମଧ୍ୟ ସ୍ପଷ୍ଟ ଦେଖିବାକୁ ମିଳିଛି। କାହ୍ନୁଙ୍କୁ ଖଣ୍ଡାରେ ପେଟକୁ ଆକ୍ରମଣ କରିଥିଲେ ଦୁର୍ବୃତ୍ତ। ତାଙ୍କୁ ବଞ୍ଚେଇବାକୁ ଆସିଥିବା ୨ ଜଣଙ୍କୁ ମଧ୍ୟ ଦୁର୍ବୃତ୍ତମାନେ ଆକ୍ରମଣ କରିଥିଲେ। ଏହି ଘଟଣାରେ ଆହତମାନଙ୍କୁ କଟକ ବଡ଼ ମେଡିକାଲକୁ ପଠାଯାଇଛି। ଘଟଣାସ୍ଥଳରେ ଜୋନ୍ ୪ ଏସିପି, ବାରଙ୍ଗ ଥାନା ଅଧିକାରୀ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଆକ୍ରମଣର କାରଣ ଜଣାପଡିନାହିଁ। କେଉଁ କାରଣରୁ ଏପରି ଘଟଣା ଘଟିଲା ତାହାର ତଦନ୍ତ କରୁଛି ପୋଲିସ। ତେବେ ପୂର୍ବ ଶତ୍ରୁତାରୁ ଏପରି ଘଟଣା ଘଟିଥିବା କୁହାଯାଉଥିବା ବେଳେ ଏନେଇ ବାରଙ୍ଗ ଥାନାରେ କେସ୍ ନମ୍ବର ୨୩୭/୨୦୨୬ ଅନୁଯାୟୀ ମାମଲା ରୁଜୁ କରାଯାଇଛି। ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ପୋଲିସ ଏହାର ତଦନ୍ତ କରୁଛି ବୋଲି ବାରଙ୍ଗ ଥାନା ପକ୍ଷରୁ ସୂଚନା ମିଳିଛି। ରାଜ୍ୟରେ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ। ଏପରି ବିଭତ୍ସ ହତ୍ୟାକାଣ୍ଡ ଦିନକୁ ଦିନ ବଢ଼ି ଚାଲିଛି। ଦୁର୍ବୃତ୍ତମାନେ ଦିନ ଦ୍ୱିପ୍ରହରେ ଖଣ୍ଡା, ଭୁଜାଲି ପରି ମାରଣାସ୍ତ୍ରରେ ବିଚ୍ ବଜାର ଉପରେ ଆକ୍ରମଣ କରିବାକୁ ପଛାଉ ନାହାନ୍ତି। ଏଇ କିଛି ଦିନ ମଧ୍ୟରେ ପ୍ରଥମେ ପୁରୀ ଜିଲ୍ଲା କଣାସ, ଏହାପରେ ବାଲିଅନ୍ତା ଓ ଗୋଟିଏ ଦିନ ବ୍ୟବଧାନରେ ବାଲିପାଟଣା, ତାପରେ ନୟାଗଡ଼ର ବିଭତ୍ସ ହତ୍ୟାକାଣ୍ଡକୁ ନେଇ ସମଗ୍ର ରାଜ୍ୟବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି।

# ଜିଲ୍ଲା ଶିକ୍ଷା ପ୍ରତିନିଧି ଭାବେ ନିଯୁକ୍ତ ହେଲେ ମାନସ ରଞ୍ଜନ ତ୍ରିପାଠୀ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲାର ଶିକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼, ସକ୍ରିୟ ଓ ଲୋକମୁଖୀ କରିବା ଲକ୍ଷ୍ୟରେ ଯାଜପୁର ଲୋକସଭା କ୍ଷେତ୍ରର ସାଂସଦ ଡ. ରବିନ୍ଦ୍ର ନାରାୟଣ ବେହେରା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ସାଂସଦଙ୍କ ପକ୍ଷରୁ ଜାରି ହୋଇଥିବା ସରକାରୀ ଚିଠି ଅନୁସାରେ ଯୁବ ଆଇନ୍‌ଜୀବୀ, ସମାଜସେବୀ ଓ ସକ୍ରିୟ ସଂଗଠକ ମାନସ ରଞ୍ଜନ ତ୍ରିପାଠୀଙ୍କୁ ଯାଜପୁର ସାଂସଦଙ୍କ "ଜିଲ୍ଲା ଶିକ୍ଷା ପ୍ରତିନିଧି" ଭାବେ ନିଯୁକ୍ତ କରାଯାଇଛି। ଏହି ନିଯୁକ୍ତି ପରେ ଯାଜପୁର ଜିଲ୍ଲାର ଶିକ୍ଷା ମହଲ, ଛାତ୍ର ସଂଗଠନ ଓ ସାମାଜିକ କ୍ଷେତ୍ରରେ ଖୁସିର ଲହରୀ ଦେଖିବାକୁ ମିଳିଛି। ଶିକ୍ଷା କ୍ଷେତ୍ରରେ ଲୋକଙ୍କ ସମସ୍ୟାକୁ ସରକାରୀ ସ୍ତରରେ ପହଞ୍ଚାଇବା ଓ ସମାଧାନ ପାଇଁ ଏହି ନିଯୁକ୍ତି ଫଳପ୍ରଦ ହେବ ବୋଲି ଅନେକ ମତ ପ୍ରକାଶ ପାଇଛି। ମାନସରଞ୍ଜନ ତ୍ରିପାଠୀ ଜଣେ ଶିକ୍ଷିତ ଓ ସଂସ୍କାରବାନ ପରିବାରରୁ ଆସିଛନ୍ତି। ତାଙ୍କ ବାପା ଓ ମାଆ ଉଭୟେ ସରକାରୀ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଥିବାରୁ ଛୋଟ ବେଳୁ ଶିକ୍ଷା ଓ ସାମାଜିକ ମୂଲ୍ୟବୋଧର ପରିବେଶ ମଧ୍ୟରେ ସେ ବଢ଼ିଉଠିଛନ୍ତି। ଛାତ୍ରଛାତ୍ରୀଙ୍କ ସମସ୍ୟା, ଯୁବମାନଙ୍କ ସଂଗଠନ, ସାମାଜିକ କାର୍ଯ୍ୟ ଓ ଲୋକସମ୍ପର୍କ କ୍ଷେତ୍ରରେ ତାଙ୍କ ସକ୍ରିୟ



ଭୂମିକା ତାଙ୍କୁ ଜନସାଧାରଣଙ୍କ ନିକଟରେ ଜଣେ ପରିଚିତ ମୁହଁ କରିଛି। ଦୀର୍ଘଦିନ ଧରି ସେ ଛାତ୍ରଛାତ୍ରୀଙ୍କ ଶିକ୍ଷା ସମସ୍ୟା, ସ୍କୁଲ ଓ କଲେଜ ସମ୍ପର୍କିତ ଅନେକ ମୁଦ୍ଦା, ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଓ ଯୁବ ସଂଗଠନ ସହ ଜଡିତ ରହିଆସୁଛନ୍ତି। ଏହା ସହିତ ଜଣେ ଯୁବ ଆଇନ୍‌ଜୀବୀ ଭାବେ ସେ ଆଇନ୍‌ଗତ ଓ ପ୍ରଶାସନିକ ବିଷୟରେ ମଧ୍ୟ ଦକ୍ଷତା ରଖୁଥିବାରୁ ଜିଲ୍ଲାର ଶିକ୍ଷା ସମ୍ପର୍କିତ ଅନେକ ମୁଦ୍ଦାରେ ସମନ୍ୱୟ ରଖିବାରେ ତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହେବ ବୋଲି ମନେ କରାଯାଉଛି। ସାଂସଦଙ୍କ ଚିଠିରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି ଯେ, ମାନସ ରଞ୍ଜନ ତ୍ରିପାଠୀ ସାଂସଦଙ୍କ ପକ୍ଷରୁ ଜିଲ୍ଲାର ଶିକ୍ଷା ସମ୍ପର୍କିତ ବିଭିନ୍ନ ମୁଦ୍ଦାରେ ସମନ୍ୱୟ ରକ୍ଷା କରିବେ ଓ ଆବଶ୍ୟକ ସମସ୍ୟାଗୁଡ଼ିକୁ ସମ୍ପୃକ୍ତ ବିଭାଗ ସହ ଆଲୋଚନା କରି ସମାଧାନ ପାଇଁ ପଦକ୍ଷେପ ନେବେ। ଜିଲ୍ଲାର ସ୍କୁଲ, କଲେଜ, ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ନାନା ସମସ୍ୟା ସମାଧାନ ପାଇଁ ଏହି ନିଯୁକ୍ତି ଏକ ନୂଆ ଆଶା ସୃଷ୍ଟି କରିଛି। ନିଯୁକ୍ତି ପରେ ମାନସ ରଞ୍ଜନ ତ୍ରିପାଠୀ ସାଂସଦ ଡ଼ା. ରବିନ୍ଦ୍ର ନାରାୟଣ ବେହେରାଙ୍କୁ କୃତଜ୍ଞତା ଜଣାଇ କହିଛନ୍ତି, "ମୋ ପ୍ରତି ସାଂସଦ ମହୋଦୟ ଯେଉଁ ଭରସା ଓ ବିଶ୍ୱାସ ରଖିଛନ୍ତି, ତାହାକୁ ସବୁବେଳେ ସମ୍ମାନ ଦେବି। ଜିଲ୍ଲାର ଶିକ୍ଷା କ୍ଷେତ୍ରରେ ସମସ୍ତଙ୍କ ସହ ସମନ୍ୱୟ ରଖି ଛାତ୍ରଛାତ୍ରୀ, ଶିକ୍ଷକ ଓ ସାଧାରଣ ଲୋକଙ୍କ ସମସ୍ୟା ସମାଧାନ ପାଇଁ ନିଷ୍ଠାର ସହ କାମ କରିବି।" ସାମାଜିକ ଓ ଶିକ୍ଷା ମହଲର ବହୁ ବିଶିଷ୍ଟ ବ୍ୟକ୍ତି ଏହି ନିଯୁକ୍ତିକୁ ସ୍ୱାଗତ କରିଥିବା ବେଳେ ଆଗାମୀ ଦିନରେ ଯାଜପୁର ଜିଲ୍ଲାର ଶିକ୍ଷା ବ୍ୟବସ୍ଥାରେ ଏହା ଏକ ନୂଆ ପରିବର୍ତ୍ତନ ଆଣିବ ବୋଲି ଆଶା ପ୍ରକାଶ କରିଛନ୍ତି। ବିଶେଷକରି ଗ୍ରାମାଞ୍ଚଳର ଛାତ୍ରଛାତ୍ରୀଙ୍କ ସମସ୍ୟା, ସ୍କୁଲର ଭିତ୍ତିଭୂମି ଉନ୍ନତି ଓ ଶିକ୍ଷାର ଗୁଣାତ୍ମକ ବିକାଶ ଦିଗରେ ଏହି ନିଯୁକ୍ତି ଦୂରଗାମୀ ପ୍ରଭାବ ପକାଇବ ବୋଲି ଅନେକଙ୍କ ମତ। ଯାଜପୁର ଜିଲ୍ଲାର ଶିକ୍ଷା କ୍ଷେତ୍ରରେ ଏହି ନୂଆ ଅଧ୍ୟାୟ କେତେଦୂର ସଫଳ ହେଉଛି, ତାହା ଆଗାମୀ ଦିନରେ ସ୍ପଷ୍ଟ ହେବ। ତେବେ ସାଂସଦଙ୍କ ଏହି ପଦକ୍ଷେପ ଜିଲ୍ଲାର ଶିକ୍ଷା ମହଲରେ ନିଶ୍ଚିତ ଭାବେ ନୂଆ ଚର୍ଚ୍ଚା ଓ ଆଶାର ସୃଷ୍ଟି କରିଛି।

# ନିଖୋଜ ଯୁବକର ମୃତ ଦେହ ଉଦ୍ଧାର:ହତ୍ୟା ସନ୍ଦେହ

**ରାଜଗାଙ୍ଗପୁର, ନ୍ୟୁଜ୍ ବ୍ୟୁରୋ**

ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ପଦା ଜାମପଲ୍ଲୀର ନିବାସୀ ବାବୁଲା ଡୁଙ୍ଗ ଡୁଙ୍ଗ ଗତ ଦୁଇ ଦିନ ତଳେ ନିଖୋଜ ଥିବା କଥା ପରିବାର ଲୋକେ ଥାନାରେ ଅଭିଯୋଗ କରିବା ପରେ ପୋଲିସ କେସ୍ ରୁଜୁ କରି ତଦନ୍ତ କରି ଶବକୁ ଉଦ୍ଧାର କରିଥିଲା। ଘଟଣାରୁ ପ୍ରକାଶ ଯେ ଗତ ୧୦ ତାରିଖରେ ବାବୁଲା ଡୁଙ୍ଗ ଡୁଙ୍ଗ ତାଙ୍କ ସ୍ତ୍ରୀ ସାରା ଡୁଙ୍ଗ ଡୁଙ୍ଗ, ପୁଅ, ଝିଅ ଏବଂ ସାଙ୍ଗରେ ଭାଇକୁ ନେଇ ରାଜଗାଙ୍ଗପୁର ରାଣୀବନ୍ଧ ଧୋବାପଡାକୁ କାନ ବିନ୍ଧାଣୀ ଭୋଜି ଖାଇବା ପାଇଁ ଆସିଥିଲେ। ଭୋଜିରେ ମଦ ଖାଇ ବାବୁଲା ମାତାଲ ହୋଇଯାଇଥିଲା। ବିଳମ୍ବିତ ରାତ୍ରରେ ଗ୍ରାମର ଜୈନକ ଘରେ ପଶି ଯାଇଥିଲା। ସେହି ସମୟରେ ଗୃହ ମାଲିକ ଦେଖିବା ପରେ ପାଟି ତୁଣ୍ଡ ହେବା ସହ ବାବୁଲାକୁ ମାଡ଼ ମାରିଥିଲେ। ଗଣ୍ଡଗୋଳରେ ବାବୁଲାଙ୍କ ଭାଇ ଶାନ୍ତ କରିବା ପାଇଁ ଚେଷ୍ଟା କରିବା ବେଳେ ବାବୁଲା ଘଟଣା ସ୍ଥଳରୁ ଦୌଡ଼ ପଳେଇଥିଲା। ପରିବାର ଲୋକ ତାକୁ ଖୋଜା ଖୋଜି କରିଥିଲେ ତାର ପତ୍ତା ନମିଳିବାରୁ ସେ କେଉଁଠି ଶୋଇଯାଇଥିବା କଥା ଭାବିଥିଲେ। ସକାଳୁ ଖୋଜା ଖୋଜି କରିବା ପରେ ନମିଳିବାରୁ ପରିବାର ଲୋକେ ଥାନାରେ ନିଖୋଜ ଥିବା ଅଭିଯୋଗ କରିଥିଲେ। ପୋଲିସ ସନ୍ଧାନୀ କୁକୁର ଆଣି ତଦନ୍ତ କରିବା ପରେ କୁକୁରଟି ନିକଟରେ ଥିବା ନାଳ ପାଖରେ ଯାଇ ଅଟକିଯାଇଥିଲା। ପୋଲିସ ଅଗ୍ନିଶମ ବାହିନୀଙ୍କ ସହାୟତାରେ ବାବୁଲାର ମୃତ ଶରୀରକୁ ଉଦ୍ଧାର କରିଥିଲେ। ପୋଲିସ ଶବକୁ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ରାଜଗାଙ୍ଗପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା। ସଙ୍ଗିନ୍ ଅପରାଧ ଅଭିଯୋଗ ପରେ ପୋଲିସ ରାଜଗାଙ୍ଗପୁର ସହକାରୀ ତହସିଲଦାର ଅନୀଲ କୁମାର ସୋରେନ୍‌ଙ୍କ ଉପସ୍ଥିତରେ ଶବ ବ୍ୟବଚ୍ଛେଦ କରାଯାଇଥିଲା। ବ୍ୟବଚ୍ଛେଦ ରିପୋଟ ଆସିଲେ ଅନ୍ୟ କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି ରାଜଗାଙ୍ଗପୁର ଏସ୍.ଡି.ପି.ଓ ବିଭୁତି ଭୂଷଣ ଭୋଇ ସାମ୍ବାଦିକଙ୍କୁ ଜଣାଇଥିଲେ।

# ଆମ ଲୋକସଂସ୍କୃତି ଓ ପରମ୍ପରା ଆମ ରାଜ୍ୟକୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି



**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଏବଂ ସଂସ୍କାର ଭାରତୀ, ଓଡ଼ିଶାର ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଛି 'ଲୋକ ରଞ୍ଜନୀ' ସାଂସ୍କୃତିକ କାର୍ଯ୍ୟକ୍ରମ। ବରଗଡ଼ ଜିଲ୍ଲାର ଯଦୁମଣି ପ୍ରଧାନ ପ୍ରେକ୍ଷାଳୟରେ ମେ' ୧୧ ରୁ ୧୩ ତାରିଖ ପର୍ଯ୍ୟନ୍ତ 'ଲୋକ ରଞ୍ଜନୀ' ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। 'ଲୋକ ରଞ୍ଜନୀ' କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସମାରୋହରେ ବରଗଡ଼ର ସାଂସଦ ପ୍ରଦୀପ ପୁରୋହିତ ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ସନ୍ଧ୍ୟାରେ ବରଗଡ଼ ପୌରପରିଷଦ ଅଧ୍ୟକ୍ଷା କଳ୍ପନା ମାଝୀ, ପଦ୍ମଶ୍ରୀ ଭାଗବତ ପ୍ରଧାନ, ପଦ୍ମଶ୍ରୀ ହଳଧର ନାଗ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଆମ ଲୋକସଂସ୍କୃତି ଓ ଲୋକ ପରମ୍ପରା ଆମ ରାଜ୍ୟ ଓଡ଼ିଶାକୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି। ଆମ ଲୋକସଂସ୍କୃତିର ବହୁଳ ପ୍ରଚାର ଓ ପ୍ରସାର ନିମନ୍ତେ 'ଲୋକ ରଞ୍ଜନୀ' ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ହେବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଆଗାମୀ ଦିନରେ ଆମ ଲୋକସଂସ୍କୃତିକୁ ବିଶ୍ୱ ବିଦିତ କରିବା ଲକ୍ଷ୍ୟରେ ସମସ୍ତ କଳାକାରମାନେ ନିଜର ନିରନ୍ତର ପ୍ରୟାସ ଜାରି ରଖନ୍ତୁ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଏହି ସାଂସ୍କୃତିକ ସନ୍ଧ୍ୟା କାର୍ଯ୍ୟକ୍ରମରେ କଳାକାରମାନେ ଜାମୁଡ଼ାଲି, ଡ଼ାଲଖାଇ, ଝୁମର, ଜାଇଫୁଲ, ଦୁରୁଆ ନୃତ୍ୟ, ଶବ୍ଦନୃତ୍ୟ, ନଚନିଆଁ ଆଦି ଲୋକନୃତ୍ୟ ପରିବେଷଣ କରିଥିଲେ। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ଡ଼. ଚନ୍ଦ୍ରଶେଖର ହୋତା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



# ବିଭିନ୍ନ ଜଙ୍ଗଲରୁ ୨୬୦ କେଜି ଗଞ୍ଜେଇ ଜବତ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଅବକାରୀ ପକ୍ଷରୁ ବବଡା ଜଙ୍ଗଲରେ ଚଢଉ କରାଯାଇ ୧୪୦ କେଜି ଗଞ୍ଜେଇ ଜବତ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ଉକ୍ତ ଜଙ୍ଗଲରେ ଚାଲାଣ ପାଇଁ ଗଞ୍ଜେଇ ରଖାଯାଇଥିବା ଖବରପାଇ ଅବକାରୀ ଅଧିକ୍ଷକ ଶାନ୍ତି ମାରାଣ୍ଡିଙ୍କ ନିର୍ଦ୍ଦେଶକ୍ରମେ ବୌଦ୍ଧ ଅବକାରୀରେ ଇନ୍ସପେକ୍ଟର ଦିଲ୍ଲୀପ କୁମାର ଶତପଥୀଙ୍କ ନେତୃତ୍ୱରେ ଚଢଉ କରାଯାଇଥିଲା। ସେଠାରେ ଗଚ୍ଛିତ ଥିବା ଗଞ୍ଜେଇକୁ ଜବତ କରି ଓଜନ କରାଯିବାରୁ ତାହା ୧୪୦ କେଜି ହୋଇଥିଲା। ଏ ସମ୍ପର୍କରେ ପିଆର୍ ନଂ ୦୮/୨୦୨୬-୨୭ରେ ଏକ ମାମଲା ରୁଜୁ କରି ତଦନ୍ତ ଚାଲିଛି। ଏହି ଚଢଉରେ ଇନ୍ସପେକ୍ଟର ଶ୍ରୀ ଶତପଥୀଙ୍କ ସମେତ କନେଷ୍ଟବଳ ଲୋକନାଥ ଭୋଇ, ରାଜ କିଶୋର କହଁର, ହୃଷିକେଶ ବାରିକ ସାମିଲ୍ ଥିଲେ। ସେହିପରି ବୌଦ୍ଧ ଥାନା ଟାଙ୍ଗରପାଲି ଜଙ୍ଗଲରୁ ବ୍ୟାପକ ଗଞ୍ଜେଇ ଜବତ କରାଯାଇଛି। ସେହିପରି ଟାଙ୍ଗର ପାଲି ଗ୍ରାମ ନିକଟ ଜଙ୍ଗଲରେ ଚଢଉ କରାଯାଇ ସେଠାରେ ଚାଲାଣ ପାଇଁ ଗଚ୍ଛିତ ରଖାଯାଇଥିବା ୧୨୦ କେଜି ଗଞ୍ଜେଇକୁ ଜବତ କରାଯାଇଛି। ଏ ସମ୍ପର୍କରେ ପି.ଆର୍. ନଂ ୩୪/୨୦୨୬-୨୭ରେ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା ରୁଜୁ କରାଯାଇଥିବା ସୂଚନା ମିଳିଛି। ମୋବାଇଲ୍ ସ୍କ୍ୱାର୍ଡ ଇନ୍ସପେକ୍ଟର ସୁଧୀର କୁମାର ମିଶ୍ରଙ୍କ ନେତୃତ୍ୱରେ ଏହି ଚାଉରେ ସବ୍ ଇନ୍ସପେକ୍ଟର ସତ୍ୟନାରାୟଣ ପ୍ରଧାନ, କନେଷ୍ଟବଳ ଅଳି ଅମାତ୍, ସତ୍ୟ ନନ୍ଦନ ମୁଖି, ପ୍ରଫୁଲ୍ଲ ଭୋକ୍ତା ସାମିଲ୍ ହୋଇଥିଲେ।

# ଜାରକାରେ ୨ ଦୁର୍ଘଟଣା, ୨ମୃତ ୩ ଗୁରୁତର

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥର ଜାରକା ଛକ ନିକଟରେ ୨ଟି ଦୁର୍ଘଟଣାରେ ୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩ଜଣ ଗୁରୁତର ଭାବେ ଆହତ ହୋଇ ଧର୍ମଶାଳା ସ୍ୱାସ୍ଥ୍ୟ କେନ୍ଦ୍ର ଓ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସୂଚନାନୁଯାୟୀ ମଙ୍ଗଳବାର ରାତି ୧୦ଟା ପରେ ଚୋରମୁହାଁ ପଞ୍ଚାୟତ ନାଉପାଳ ଗ୍ରାମର ରବୀନ୍ଦ୍ର ରାଉତଙ୍କ ପୁଅ ଜଗନ (୨୬) ସାଙ୍ଗଙ୍କ ସହ ବାଇକ୍‌ରେ ବାରବାଟୀ ଯାଉଥିବାବେଳେ ରାସ୍ତା ଉପରେ ଛିଡାହୋଇଥିବା ଟ୍ରେଲର ପଛପଟେ ଧକ୍କା ଲାଗିଥିଲା। ଫଳରେ ଗୁରୁତର ଜଗନର ଡାକ୍ତରଖାନାରେ ମୃତ୍ୟୁ ଘଟିଥିଲାବେଳେ ଗୁରୁତର ସାଙ୍ଗକୁ କଟକ ମେଡିକାଲ୍ ସ୍ଥାନାନ୍ତର କରାଯାଇଛି। ଅନ୍ୟ ଦୁର୍ଘଟଣା ସକାଳ ସମୟରେ ଭୂମିକା ହସ୍ପିଟାଲ୍ ସମ୍ମୁଖରେ ଘଟିଛି। ବ୍ରହ୍ମପୁର ଅଞ୍ଚଳର ବିଜୟ ପଣ୍ଡା ପରିବାର ସହ ଟେମ୍ପୋରେ କେନ୍ଦୁଝର ଆନନ୍ଦପୁରରୁ ନିଜ ଝିଅ ଘରେ ସାବିତ୍ରୀ ଭାର ଦେଇ ଫେରୁଥିବା ବେଳେ ତାଙ୍କ ଟେମ୍ପୋକୁ ପଛପଟୁ କାର୍ ଧକ୍କା ଦେଇଥିଲା। ଫଳରେ ଜଣେ ମହିଳାଙ୍କର ମୃତ୍ୟୁ ଘଟିଛି। ଧର୍ମଶାଳା ପୋଲିସ ଗାଡିକୁ ଜବତ କରିଛି। ମୃତକଙ୍କ ଶବ ବ୍ୟବଚ୍ଛେଦ କରି ଘଟଣାର ତଦନ୍ତ ଜାରି ରଖିଛି।

## ////////// ସାରସକଣା ଠାରେ ପଞ୍ଚାୟତିରାଜ ମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ //////////

# ଗ୍ରାମର ବିକାଶ ହେଉଛି ରାଜ୍ୟ ବିକାଶର ମୂଳ ଆଧାର

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ମୟୂରଭଞ୍ଜ ଜିଲ୍ଲାର ସାରସକଣା ବ୍ଲକ ଅନ୍ତର୍ଗତ ଭୁରଶାଣୀ ଖେଳ ପଡ଼ିଆରେ ଆୟୋଜିତ ବିଶାଳ ଜନସମାବେଶ ଓ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ ୩୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ବୃହତ ପାନୀୟ ଜଳ ପ୍ରକଳ୍ପ, ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ୨୨୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ରାସ୍ତା ପ୍ରକଳ୍ପ ଏବଂ ୨୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ନୂତନ ହୋ ଗୋଷ୍ଠୀ କେନ୍ଦ୍ରର ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ମନ୍ତ୍ରୀ ଶ୍ରୀ ନାଏକ କହିଥିଲେ ଯେ, "ଗ୍ରାମର ବିକାଶ ହେଉଛି ରାଜ୍ୟର ବିକାଶର ମୂଳ ଆଧାର। ଯେତେବେଳେ ଗ୍ରାମର



ପ୍ରତ୍ୟେକ ପରିବାର ନିରାପଦ ପାନୀୟ ଜଳ, ଉନ୍ନତ ସଡ଼କ ଓ ମୌଳିକ ସୁବିଧା ପାଇବେ, ସେତେବେଳେ ରାଜ୍ୟର ସାମଗ୍ରିକ ଉନ୍ନତି ସୁନିଶ୍ଚିତ ହେବ।" ସେ କହିଥିଲେ ଯେ ରାଜ୍ୟ ସରକାର ଗ୍ରାମାଞ୍ଚଳର ଭିତ୍ତିଭୂମି ସୁଦୃଢ଼ କରିବା ସହ ଲୋକଙ୍କ ଜୀବନମାନ ଉନ୍ନତ କରିବାକୁ ପ୍ରାଥମିକତା ଦେଇ କାର୍ଯ୍ୟ କରୁଛନ୍ତି। ମନ୍ତ୍ରୀ ଆହୁରି କହିଥିଲେ ଯେ, "ପ୍ରତ୍ୟେକ ଘରକୁ ପରିଷ୍କାର ପାନୀୟ ଜଳ ଯୋଗାଣ କେବଳ ଏକ ସୁବିଧା ନୁହେଁ, ଏହା ଲୋକଙ୍କ ସ୍ୱାସ୍ଥ୍ୟ ଓ ମାନବୀୟ ଅଧିକାର ସହ ଜଡିତ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ।" ଉଦ୍‌ଘାଟିତ ବୃହତ ପାନୀୟ ଜଳ ପ୍ରକଳ୍ପ ମାଧ୍ୟମରେ ୨୯ଟି ଗ୍ରାମର ୪୦୭୦ରୁ ଅଧିକ ପରିବାର ଉପକୃତ ହେବେ ବୋଲି ସେ ସୂଚନା ଦେଇଥିଲେ। ଏହାଫଳରେ ଅଞ୍ଚଳବାସୀଙ୍କୁ ବର୍ଷର ସମସ୍ତ ସମୟରେ ସୁରକ୍ଷିତ ଓ ଶୁଦ୍ଧ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ ହେବ। ସେହିପରି ପୋଖରୀଡିହା ଗ୍ରାମ ପଞ୍ଚାୟତର ଇଚିଣ୍ଡା ଠାରୁ ଜାମକୁଣ୍ଡା ପର୍ଯ୍ୟନ୍ତ ନୂତନ ରାସ୍ତା ପ୍ରକଳ୍ପର ଉଦ୍‌ଘାଟନ କରି ମନ୍ତ୍ରୀ କହିଥିଲେ ଯେ, ଉନ୍ନତ ସଡ଼କ ଯୋଗାଯୋଗ କ୍ଷେତ୍ରରେ ଗ୍ରାମୀଣ ଅର୍ଥନୀତିକୁ ସଶକ୍ତ କରିବା ସହ ଶିକ୍ଷା, ସ୍ୱାସ୍ଥ୍ୟ ଓ ବଜାର ସଂଯୋଗକୁ ଆହୁରି ସୁଗମ କରିବ। "ରାସ୍ତା ହେଉଛି ଉନ୍ନତିର ମୁଖ୍ୟ ଦ୍ୱାର। ଭଲ ରାସ୍ତା ଥିଲେ ଗ୍ରାମର ଅର୍ଥନୈତିକ ଓ ସାମାଜିକ ପରିବର୍ତ୍ତନ ତ୍ୱରାନ୍ୱିତ ହୁଏ," ବୋଲି ସେ କହିଥିଲେ। ନୂତନ ହୋ ଗୋଷ୍ଠୀ କେନ୍ଦ୍ର ଉଦ୍‌ଘାଟନ ଅବସରରେ ମନ୍ତ୍ରୀ ଆଦିବାସୀ ସଂସ୍କୃତି, ଭାଷା ଓ ପାରମ୍ପରିକ ଐତିହ୍ୟର ସୁରକ୍ଷା ଓ ପ୍ରଚାର ପାଇଁ ରାଜ୍ୟ ସରକାରଙ୍କ ଅଙ୍ଗୀକାରକୁ ଦୋହରାଇଥିଲେ। ସେ କହିଥିଲେ ଯେ, ଏହି କେନ୍ଦ୍ର ହୋ ସମ୍ପ୍ରଦାୟର ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକଳାପର ଏକ ପ୍ରମୁଖ କେନ୍ଦ୍ର ଭାବେ ଗଢ଼ିଉଠିବ। କାର୍ଯ୍ୟକ୍ରମରେ ଗୃହ ନିର୍ମାଣ, ନଗର ଉନ୍ନୟନ ଓ ସରକାରୀ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର କହିଥିଲେ ଯେ, ରାଜ୍ୟ ସରକାର ଗ୍ରାମ ଓ ସହର ମଧ୍ୟର ଉନ୍ନତି ତାରତମ୍ୟକୁ କମାଇବା ପାଇଁ ସମନ୍ୱିତ ଭାବେ କାର୍ଯ୍ୟ କରୁଛନ୍ତି। ଉନ୍ନତ ପାନୀୟ ଜଳ, ଭଲ ରାସ୍ତା ଓ ସାମାଜିକ ଭିତ୍ତିଭୂମି ସୃଷ୍ଟି ମାଧ୍ୟମରେ ଲୋକଙ୍କ ଜୀବନମାନରେ ପରିବର୍ତ୍ତନ ଆଣିବା ହିଁ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଲୋକସଭା ସାଂସଦ ନବ ଚରଣ ମାଝୀ, ସାରସକଣା ବିଧାୟକ ଭାଦବ ହାଁସଦା, ବାରିପଦା ବିଧାୟକ ପ୍ରକାଶ ସୋରେନ୍, ଉଦଳା ବିଧାୟକ ଭାସ୍କର ମଢେଇ, ବଡ଼ସାହି ବିଧାୟକ ସନାତନ ବିଜୁଳି, ବାଙ୍ଗିରିପୋଷି ବିଧାୟିକା ସଞ୍ଜଳି ମୁର୍ମୁ, ଜିଲ୍ଲାପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ଜିଲ୍ଲାପାଳ ହେମକାନ୍ତ ସୟ, ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ଜନପ୍ରତିନିଧି ଓ ବହୁ ସଂଖ୍ୟକ ସାଧାରଣ ଜନତା ଉପସ୍ଥିତ ଥିଲେ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧୪।୦୫।୨୦୨୬, ବୈଶାଖ ଦି୩୧ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ ୫।୧୩।୧୧ ଚନ୍ଦ୍ରୋଦୟ- ରାଘ ୩।୩୩।୨୬**

**ଦ୍ୱାଦଶୀ-** ଦିଘ ୧୧।୨୨ପର୍ଯ୍ୟନ୍ତ। ରେବତୀ ନକ୍ଷତ୍ର ରାଘ ୧୦।୩୪ ପର୍ଯ୍ୟନ୍ତ। **ମୀନଚନ୍ଦ୍ର-** ରାଘ ୧୦।୩୪ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି-**ମେଷ, ବୃଷ, ମିଥୁନ, କନ୍ୟା, ତୁଳା, ମକର, ମୀନ ରାଶିର। ରାଘ ୧୦।୩୪ ଗତେ ବୃଷ, ମିଥୁନ, କର୍କଟ, ତୁଳା, ବିଛା, ମକର, କୁମ୍ଭ ରାଶିର। **ଘାତଚନ୍ଦ୍ର-** ଧନୁ ରାଶିର। ରାଘ ୧୦।୩୪ ଗତେ ମେଷ ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ଦ୍ୱାଦଶୀର ଏକୋଦ୍ଦିଷ୍ଟ ଏବଂ ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ପୋଇ, ମସୁର ଡାଲି ଦିଘ ୧୧।୨୨ ଗତେ ବାଇଗଣ ଖାଇବା ମନା। **ଆଜିର ଶୁଭବେଳା-** ପ୍ରାଘ ୫।୧୭ ଗତେ ଦିଘ ୬।୫୯ ମଧ୍ୟେ ଦିଘ ୧୦।୨୭ ଗତେ ଦିଘ ୧।୦୩ ମଧ୍ୟେ। **ପର୍ବୋତ୍ସବ-** ଶିବ ପ୍ରଦୋଷ ବ୍ରତ, ମାସାନ୍ତ।



**ମେଷ:** ଶତ୍ରୁ ଆପଣଙ୍କର ପରାସ୍ତ ହେବେ। କର୍ମକ୍ଷେତ୍ରରେ ମଧ୍ୟମ ଧରଣର ଫଳ ପ୍ରାପ୍ତ ହେବ। ବନ୍ଧୁଙ୍କ ସହ ହଠାତ୍ ଭେଟ ହୋଇପାରେ। ଆୟ ଓ ବ୍ୟୟ ସମାନ ରହିବ। ଘରେ ଶାନ୍ତିର ବାତାବରଣ ଖେଳିବ।



**ବୃଷ:** ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ। ଦେହ ଓ ମନ ଭଲ ରହିବ। ସାମାଜିକ କ୍ଷେତ୍ରରେ ସମ୍ମାନର ଅଧିକାରୀ ହୋଇପାରନ୍ତି। ରୋଜଗାର ଭଲ ହେବ। ପାରିବାରିକ ଜୀବନ ସୁଖମୟ ହେବ।



**ମିଥୁନ:** ଧନ ଲାଭ ହେବାର ସୂଚନା। ଅତୀତର କୌଣସି ଘଟଣାକୁ ନେଇ ବନ୍ଧୁଙ୍କ ସହ ମତାନ୍ତର ହୋଇପାରେ। ଘରେ ଆନନ୍ଦ ଦେଖାଦେବ। ଚାକିରୀ କ୍ଷେତ୍ରରେ ସମସ୍ୟା ଦେଖାଦେଇପାରେ। ମନ ଅସ୍ଥିର ରହିବ।



**କର୍କଟ:** ଦୁଃସାହସିକ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ। ବନ୍ଧୁଙ୍କ ସହ ଆମୋଦ ପ୍ରମୋଦ ମଧ୍ୟରେ ଦିନଟି ବିତିବ। ରୋଜଗାର ଭଲ ହେବ। ଘରେ ସୁଖ ଶାନ୍ତି ଅବ୍ୟାହତ ରହିବ। ନୂତନ ଦ୍ରବ୍ୟ ମାନ କ୍ରୟ କରିପାରନ୍ତି।



**ସିଂହ:** କାର୍ଯ୍ୟକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଲକ୍ଷ୍ୟ ହାସଲ କରିପାରନ୍ତି। ସାମାଜିକ କ୍ଷେତ୍ରରେ ଲୋକ ସମ୍ପର୍କ ବୃଦ୍ଧି ପାଇବ। ଘରୋଇ ସୁଖ ସମୃଦ୍ଧି ବୃଦ୍ଧି ପାଇବ। ଆୟରେ ଉନ୍ନତି ଦେଖାଦେବ। ଦେହ ଭଲ ରହିବ।



**କନ୍ୟା:** ଚାକିରୀ କ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ଦେଖାଦେଇପାରେ। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ଘରେ ଅସନ୍ତୋଷ ଦେଖାଦେବ। ମହିଳାମାନେ ଗର୍ବୀ ହେବେ। ଅଯଥାରେ ଦୂରଯାତ୍ରା କରିପାରନ୍ତି।



**ତୁଳା:** ଶତ୍ରୁଙ୍କ ପରିମାଣ ବଢ଼ିବ। ସ୍ୱାସ୍ଥ୍ୟରେ ସମସ୍ୟା ଦେଖାଦେବ। ଖର୍ଚ୍ଚର ପରିମାଣ ଅଧିକ ହେବ। ବେପାର ବାଣିଜ୍ୟ କ୍ଷେତ୍ରରେ ମଧ୍ୟମ ଧରଣର ଫଳ ପାଇବେ। ଘରେ କଳହ ଓ ଅଶାନ୍ତି ଦେଖାଦେବ।



**ବିଛା:** ଆୟର ପରିମାଣ ବୃଦ୍ଧି ପାଇବ। ବନ୍ଧୁଙ୍କ ସହ ଭେଟ ହୋଇପାରେ। ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ। ଚାକିରୀ କ୍ଷେତ୍ରରେ ଉନ୍ନତି ଦେଖାଦେବ। ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ।



**ଧନୁ:** ଆଜି ଆପଣଙ୍କର ଘାତଚନ୍ଦ୍ର। ଏଣୁ ସାବଧାନତା ଅବଲମ୍ବନୀୟ। ପୁରାତନ ବନ୍ଧୁଙ୍କ ସହ ମତାନ୍ତର ଦେଖାଦେଇପାରେ। ଖର୍ଚ୍ଚର ପରିମାଣ ବଢ଼ିବ। ଘରେ ପିଲାଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତିତ ହୋଇପାରନ୍ତି।



**ମକର:** ଅଟକି ରହିଥିବା କାମଟି ଆରମ୍ଭ ହୋଇପାରେ। ନୂତନ ବନ୍ଧୁଙ୍କ ସହ ଭେଟ ସହିତ ସାହାଯ୍ୟ ସହଯୋଗ ମଧ୍ୟ ପ୍ରାପ୍ତ ହେବ। ଆୟ ଓ ବ୍ୟୟର ପିରମାଣ ସମାନ ରହିବ। ଘରେ ଆନନ୍ଦ ଦେଖାଦେଇପାରେ।



**କୁମ୍ଭ:** ପାରିବାରିକ ଅଶାନ୍ତି ଦୂର ହେବ। ପରିଶ୍ରମ ଅନୁସାରେ ପାରିଶ୍ରମିକ ମନୋନିତ ହେବନାହିଁ। ଖର୍ଚ୍ଚର ପରିମାଣ ଅଧିକ ହେବ। ମହିଳାମାନେ ସୁଖୀ ହେବେ। କୁ-ଭୋଜନ କରିପାରନ୍ତି। ମନ ଅସ୍ଥିର ରହିବ।



**ମୀନ:** ବ୍ୟବସାୟରେ ଲାଭବାନ୍ ହେବେ। ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ। ଶରୀର ସୁସ୍ଥ ରହିବ। ଘରେ ସୁଖ ଲାଭ ହେବ। ରୋଜଗାର ଭଲ ହେବ। ଦୂରଯାତ୍ରା କରି ସଫଳତା ହାସଲ କରିବେ।

# ବିଜେପି ନେତାଙ୍କ ଘରୁ ଚୋରି

**ନବରଙ୍ଗପୁର, ନ୍ୟୁଜ୍ ବ୍ୟୁରୋ**

ଡିଏନକେ ଠାରେ ରହୁଥିବା ବିଜେପି ନେତା ସନ୍ତୋଷ ମହାପାତ୍ରଙ୍କ ଘରେ ସୋମବାର ବିଳମ୍ବିତ ରାତିରେ ଦୁର୍ବୃତ୍ତ ପଶି ଲକ୍ଷାଧିକ ଟଙ୍କାର ସାମଗ୍ରୀ ସହ ନଗଦ ଟଙ୍କା ଚୋରି କରିଥିବା ଥାନାରେ ଅଭିଯୋଗ ହୋଇଛି। ଏତଲାକୁ ଭିତ୍ତିକରି ପୋଲିସ ଅନୁସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହ ତନାଘନା ଆରମ୍ଭ କରିଛି। ଘଟଣାରେ ସମ୍ପୃକ୍ତ ସନ୍ଦେହରେ କିଛି ବ୍ୟକ୍ତିଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରାଯାଉଛି।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧୫।୦୫।୨୦୨୬, ବୈଶାଖ ଦି୧ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ- ଘ ୫।୧୩।୪୭ ଚନ୍ଦ୍ରୋଦୟ- ରାଘ ୪।୧୯।୪୧**

**ତ୍ରୟୋଦଶୀ-** ଦିଘ ୮।୩୩ ଗତେ ଚତୁର୍ଦ୍ଦଶୀ କ୍ଷୟ, ଅଶ୍ୱିନୀ ନକ୍ଷତ୍ର ରାଘ ୮।୧୫ ପର୍ଯ୍ୟନ୍ତ। **ମେଷ ଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, ତୁଳା, ବିଛା, ମକର, କୁମ୍ଭ ରାଶିର। **ଘାତଚନ୍ଦ୍ର-** ମେଷ ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ବାଇଗଣ ଦିଘ ୮।୩୩ ଗତେ ବିରି ଖାଇବା ମନା। **ଆଜିର ଶୁଭବେଳା-** ପ୍ରାଘ ୬।୦୮ ଗତେ ଦିଘ ୬।୫୯ ମଧ୍ୟେ ଦିଘ ୧୨।୧୦ ଗତେ ଦିଘ ୨।୪୬ ମଧ୍ୟେ। **ପର୍ବୋତ୍ସବ-** ବୃଷ ସଂକ୍ରାନ୍ତି, ଶିବ ଚତୁର୍ଦ୍ଦଶୀ ଓ ବେଢ଼ା ପରିକ୍ରମା, ବିଶ୍ୱ ପରିବାର ଦିବସ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ଡିଜିଟାଲ୍ ଦୁନିଆ ପାଇଁ ଚେତାବନୀ

ସାରା ବିଶ୍ୱର ଇଣ୍ଟରନେଟ୍ କ'ଣ ଏବେ ଇରାନ ନିୟନ୍ତ୍ରଣକୁ ଚାଲିଯିବ ? ହ୍ୱାଟସ୍ଆପ୍, ୟୁପିଆଇ ଏବଂ ଅନଲାଇନ୍ ବ୍ୟାଙ୍କିଙ୍ଗ୍ ସେବା କ'ଣ ମଧ୍ୟପ୍ରାଚ୍ୟର ରାଜନୀତି ଯୋଗୁଁ ଠପ୍ ହୋଇଯିବ ? ଗତ କିଛି ଦିନ ହେବ ସମୁଦ୍ର ମଧ୍ୟଭାଗରୁ ଆସୁଥିବା ଏକ ଖବର ଏବେ ସାରା ବିଶ୍ୱର ଟେକ୍ନୋଲୋଜି ଦୁନିଆରେ ହଲଚଲ ସୃଷ୍ଟି କରିଛି । ରିପୋର୍ଟ ଅନୁଯାୟୀ, ଇରାନ ଏବେ ସମୁଦ୍ର ତଳେ ବିଛାଯାଇଥିବା ସେହି ଇଣ୍ଟରନେଟ୍ କେବୁଲ୍ ଗୁଡ଼ିକ ଉପରେ ନିଜର ନିୟନ୍ତ୍ରଣ ବଢ଼ାଇବାକୁ ପ୍ରସ୍ତୁତି କରୁଛି, ଯାହା ମାଧ୍ୟମରେ ସାରା ପୃଥିବୀର ଅଧିକାଂଶ ଭାଗ ଡିଜିଟାଲ୍ ଦୁନିଆ ସହ ଯୋଡ଼ି ହୋଇ ରହିଛି । ଏହି ମାମଲା କେବଳ ଇଣ୍ଟରନେଟ୍ ସ୍ପିଡର ନୁହେଁ, ବରଂ ବିଶ୍ୱର ସମସ୍ତ ଗୁରୁତ୍ୱପୂର୍ଣ୍ଣ ଡାଟା, କ୍ଲାଉଡ୍ ସର୍ଭିସ ଏବଂ କୋଟି କୋଟି ଡଲାରର ଡିଜିଟାଲ୍ ଅର୍ଥନୀତି ସହ ଜଡ଼ିତ । ଡିଜିଟାଲ୍ ଦୁନିଆରେ ଲାଗିବ କି ଟୋଲ୍ ଟ୍ୟାକ୍ସ ? ସାରା ବିଶ୍ୱ ଜାଣେ ଯେ ଷ୍ଟ୍ରେଟ୍ ଅଫ୍ ହର୍ମୁଜ ଦେଇ ବିଶ୍ୱର ବଡ଼ ବଡ଼ ତୈଳବାହୀ ଜାହାଜ ଯାତାୟାତ କରନ୍ତି । କିନ୍ତୁ ଖୁବ୍ କମ୍ ଲୋକ ଜାଣନ୍ତି ଯେ ଏହି ସାମୁଦ୍ରିକ ରାସ୍ତା ଦେଇ ଏସିଆ, ୟୁରୋପ ଏବଂ ମଧ୍ୟପ୍ରାଚ୍ୟକୁ ଯୋଡୁଥିବା ଅନେକ ଗୁରୁତ୍ୱପୂର୍ଣ୍ଣ ଅଣ୍ଡର ସି ଇଣ୍ଟରନେଟ୍ କେବୁଲ୍ ମଧ୍ୟ ଯାଇଛି । ଇରାନର ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (IRGC) ସହ ଜଡ଼ିତ ମିଡିଆ ରିପୋର୍ଟ ଅନୁଯାୟୀ, ଇରାନ ଏବେ ଏହି କେବୁଲ୍ ଗୁଡ଼ିକୁ ରୋଜଗାରର ଏକ ମାଧ୍ୟମ କରିବାକୁ ଚାହୁଁଛି । ଯେପରି ସମୁଦ୍ର ପଥରେ ଯାଉଥିବା ଜାହାଜ ଗୁଡ଼ିକଠାରୁ ଟ୍ୟାକ୍ସ ବା 'ଟୋଲ୍' ଆଦାୟ କରାଯାଏ, ସେହିପରି ଏହି କେବୁଲ୍ ମାଧ୍ୟମରେ ଯାଉଥିବା ଡିଜିଟାଲ୍ ଟ୍ରାଫିକ୍ ପାଇଁ ବିଦେଶୀ କମ୍ପାନୀଗୁଡ଼ିକଠାରୁ ଫିସ୍ ଆଦାୟ କରିବାକୁ ଇରାନ ଯୋଜନା କରୁଛି । ଏହାକୁ 'ଡିଜିଟାଲ୍ ଟୋଲ୍ ବୁଥ୍' ବୋଲି କୁହାଯାଉଛି । ଇଣ୍ଟରନେଟ୍ କାହିଁକି ବିପଦରେ ? ବିଶ୍ୱର ପ୍ରାୟ ୯୫ ରୁ ୯୯ ପ୍ରତିଶତ ଇଣ୍ଟରନେଟ୍ ଟ୍ରାଫିକ୍ ସାମୁଦ୍ରିକ ଫାଇବର କେବୁଲ୍ ମାଧ୍ୟମରେ ଗତି କରିଥାଏ । ଏଥିରେ ପ୍ରତିଦିନ ଆରବ ଆରବ ଟଙ୍କାର ବ୍ୟାଙ୍କିଙ୍ଗ୍ ଟ୍ରାଞ୍ଜାକସନ୍, ସୋସିଆଲ୍ ମିଡିଆ ଡାଟା ଏବଂ ଇଓ ସର୍ଭିସ ପରିଚାଳିତ ହୁଏ । ଯଦି ଏହି କେବୁଲକୁ କୌଣସି ପ୍ରକାରେ କ୍ଷତି ପହଞ୍ଚାଯାଏ ବା ନିୟନ୍ତ୍ରଣ କରାଯାଏ, ତେବେ ଅନଲାଇନ୍ ପେମେଣ୍ଟ ମାଧ୍ୟମଗୁଡ଼ିକ ସମ୍ପୂର୍ଣ୍ଣ ଠପ୍ ହୋଇଯିବ । ହ୍ୱାଟ୍ସଆପ୍, ଫେସବୁକ୍ ଏବଂ ଇନଷ୍ଟାଗ୍ରାମ ପରି ଆପ୍ କାମ କରିବା ବନ୍ଦ କରିଦେବ । ଭାରତ ପାଇଁ ଏସିଆ ଓ ୟୁରୋପ ସହ ସଂଯୋଗ ରଖୁଥିବା ଏହି କେବୁଲ୍ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଯଦି ଏଠାରେ ତିକ୍ତତା ବଢ଼େ, ତେବେ ଭାରତୀୟ ଡିଜିଟାଲ୍ ବଜାର ଉପରେ ଏହାର ବଡ଼ ପ୍ରଭାବ ପଡ଼ିବ । ବିଶେଷଜ୍ଞଙ୍କ ମତରେ, ଏପର୍ଯ୍ୟନ୍ତ ବିଭିନ୍ନ ଦେଶ ପରସ୍ପର ଉପରେ ଚାପ ପକାଇବା ପାଇଁ ତେଲ ଯୋଗାଣ ବନ୍ଦ କରିବାର ଧମକ ଦେଉଥିଲେ । କିନ୍ତୁ ଭବିଷ୍ୟତରେ ଇଣ୍ଟରନେଟ୍ କେବୁଲ୍ ଏକ ବଡ଼ 'ଜିଓପଲିଟିକାଲ୍ ୱେପନ୍' ବା ଅସ୍ତ୍ର ସାଜିବାକୁ ଯାଉଛି । ଯଦି ଇରାନ ଏହି କେବୁଲ୍ ଗୁଡ଼ିକର ରକ୍ଷଣାବେକ୍ଷଣ ଓ ନିୟନ୍ତ୍ରଣ ନିଜ ହାତକୁ ନିଏ, ତେବେ ବିଶ୍ୱର ବଡ଼ ବଡ଼ ଟେକ୍ କମ୍ପାନୀ ଯେପରିକି ଗୁଗୁଲ୍, ମେଟା, ମାଇକ୍ରୋସଫ୍ ଆଦି କମ୍ପାନୀମାନଙ୍କୁ ଇରାନର ନିୟମ ମାନିବାକୁ ପଡ଼ିପାରେ । ଯେଉଁ ଇଣ୍ଟରନେଟକୁ ଆମେ କେବଳ ୱାଇଫାଇ କିମ୍ବା ମୋବାଇଲ୍ ଡାଟା ବୋଲି ଭାବୁଛୁ, ତାହା ପ୍ରକୃତରେ ସମୁଦ୍ର ତଳେ ଥିବା ହଜାର ହଜାର କିଲୋମିଟରର ନେଟୱାର୍କ ଉପରେ ନିର୍ଭରଶୀଳ । ଏବେ ଏହି ନେଟୱାର୍କ ଉପରେ ରାଜନୀତିର କଳାବାଦଲ ଘୋଟିବାରେ ଲାଗିଛି ।



## ନିଶାପ

### (ନିରପେକ୍ଷ ଶାସନ ପଦ୍ଧତି)

### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

## ମନ

ମନ କଉପୁନୀ ବିବେକ କଣ୍ଟି
ଇନ୍ଦ୍ରିୟ ଝୁଲାରେ ମାରିବ ଗଣ୍ଠି (୧)
ଦ୍ୱାଦଶ ତିଳକ ବାୟିକୁ ଛନ୍ଦି
ଆତ୍ମାରେ ଆତ୍ମାକୁ ରଖିବ ବାନ୍ଧି (୨)
ତେବେତୁ ପାଇବୁ ବ୍ରହ୍ମର ସନ୍ଧି
ନୋହିଲେ ଭ୍ରମିବୁ ସଂସାରେ କାନ୍ଦି (୩)

ହେ ଭକ୍ତ, ଅନ୍ତର୍ମୁଖୀ ହୁଅ, ବାହ୍ୟ ଆବରଣ ନଡିଆର କତା ସଦୃଶ। ମନକୁ ଆୟତ୍ତରେ ମନକୁ ତୁମର କଉପୁନୀ କରି ବିବେକର ଲଗାମକୁ ଦୃଢ ହସ୍ତରେ ଧରି ଇନ୍ଦ୍ରୀୟର ଗଳି କନ୍ଦିରେ ଗଣ୍ଠି ମାରିଦିଅ । ଏହି ଦ୍ୱାଦଶ ବାୟୀ, ଦ୍ୱାଦଶ ବୃନ୍ଦାବନ ଏହି ଇନ୍ଦ୍ରୀୟ ମାନଙ୍କୁ ଆୟତ୍ତ କରି ଦ୍ୱାଦଶ ତିଳକକୁ ସଳଖି ରଖି ପାରିଲେ ତୁମେ ଧର୍ମ ପଥରେ ଅଗ୍ରସର ହୋଇ ବ୍ରହ୍ମର ସନ୍ଧାନ ପାଇପାରିବ । ନୋହିଲେ ଅନ୍ୟଥା ବୃଥା । ଯେପରି ପାପୀକୁ ଯେତେ ବାରଣ କଲେ ମଧ୍ୟ ସେ ପାପ କରିବା ପାଇଁ ଆଗ୍ରହ କରିଥାଏ । ତେଣୁ ପୁଣ୍ୟର ପଥ ସର୍ବଦା ପୁଣ୍ୟ । ତେଣୁ ହେ ଭକ୍ତ ବୁଝି ବିଚାରି କର୍ମ କର । ହରିଓଁ

## ନିଧି

"ନିଧି, ସିଦ୍ଧି, ଉପାୟ ବ୍ୟାଧି''

ଶ୍ରଦ୍ଧେୟ ଭକ୍ତବୃନ୍ଦ ବର୍ତ୍ତମାନ ଯୁଗର ଅବସାନ ସମୟରେ ସମସ୍ତେ ବ୍ୟସ୍ତ କିପରି ବିଧି, ସିଦ୍ଧି, ନିଧି ଉପାୟ ବ୍ୟାଧିରେ ବ୍ୟସ୍ତ । ରାତି ପାହିଲା ପୂର୍ବରୁ ଆମେ କିପରି ରଜା ହୋଇଯିବୁ । ତେଣୁ ସେଥିପ୍ରତି ସାବଧାନ। ଚେତନା ଚୈତନ୍ୟଙ୍କୁ ଜାରି ନ ପାରିଲେ ସବୁ ବୃଥା କିନ୍ତୁ ଥରେ ଯଦି ଚମକିଯିବ ସବୁ ଚମତକାର ହୋଇଯିବ । ତେଣୁ ହେ ଭକ୍ତବୃନ୍ଦ ଜାଗିଉଠ। ବର୍ତ୍ତମାନ ଷଡରିପୁ ଦ୍ୱାରା ମାନବ ସମାଜ ଆପେ ଆପେ ନିଶ୍ଚିହ୍ନ ହୋଇଯିବ । ଆପକୁ ଆପେ ହୋଇବେ ହତ, ତେଣୁ କରି ସେଇ ସକାଶେ ଜଗନ୍ନାଥଙ୍କର ହସ୍ତପଦ ଗୋପ୍ୟ ହୋଇଛି । କିନ୍ତୁ କେବଳ ଭକ୍ତ ମାନଙ୍କ ପାଇଁ ଅଦୃଶ୍ୟ ହସ୍ତ ପଦ ସଦା ସର୍ବଦା ଜାଗ୍ରତ ହୋଇରହିଛି ଶ୍ରମ କର ବା ବିଶ୍ରାମ କର ସବୁ ମୁହୂର୍ତ୍ତ ଜାଗ୍ରତ କରି ଜୀବ ସେବା କରିଯାଅ । ଦେଖିବ ଭଗବାନ ତୁମକୁ ଯେଉଁ ସକାଶେ ସୃଷ୍ଟିକୁ ପଠାଇଥିଲେ ସେଥିଲେ ତୁମେ ନିଶ୍ଚୟ କୃତକାର୍ଯ୍ୟ ହୋଇ ସଫଳତାର ସୋପାନରେ ପହଞ୍ଚି ବିଭୂକୃପା ପାଇପାରିବ । ଏଥିରେ ତିଳେ ହେଲେ ସନ୍ଦେହ ନାହିଁ। ହରିଓଁ (କ୍ରମଶଃ...)

# ଜଳ ସମସ୍ୟା, ସୁରକ୍ଷା ଓ ଭବିଷ୍ୟତ ପଦକ୍ଷେପ



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ - ୮୨୪୯୫୦୨୭୭୬

ପୃଥିବୀର ସମସ୍ତ ଜୀବଜଗତ ପାଇଁ ଜଳ ଅତ୍ୟାବଶ୍ୟକ। କୁହାଯାଏ ଯେ 'ଜଳ ହିଁ ଜୀବନ', ଯାହା ଏହାର ଗୁରୁତ୍ୱକୁ ଦର୍ଶାଏ। ମାନବ ସଭ୍ୟତା ନଦୀ କୂଳରେ ଉତ୍ପତ୍ତି ହୋଇଥିଲା ଏବଂ ଜଳ ଉପରେ ଆଧାରିତ ହୋଇ ଅଗ୍ରଗତି କରିଛି। ତଥାପି, ଆଜିର ସମୟରେ, ଜଳ ଅଭାବ ଏକ ଗମ୍ଭୀର ସମସ୍ୟା ଭାବରେ ଉଭା ହେଉଛି। ବର୍ଦ୍ଧିତ ଜନସଂଖ୍ୟା, ଶିଳ୍ପାୟନ, ଜଳ ପ୍ରଦୂଷଣ ଏବଂ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଜଳ ସମ୍ପଦ ହ୍ରାସ ପାଉଛି। ତେଣୁ, ଜଳ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଭବିଷ୍ୟତ ପଦକ୍ଷେପ ନେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବିଶ୍ୱର ଅନେକ ଦେଶ ଜଳ ଅଭାବ ସହିତ ସଂଘର୍ଷ କରୁଛନ୍ତି। ଯଦିଓ ପୃଥିବୀର ୭୦% ଜଳରେ ଆଚ୍ଛାଦିତ ତଥାପି ଶୁଦ୍ଧ ପାନୀୟ ଜଳର ପରିମାଣ ବହୁତ କମ୍ ଆଉ ଏଥିପାଇଁ ଅତ୍ୟଧିକ ଭୂତଳ ଜଳ ବ୍ୟବହାର, ନଦୀ, ହ୍ରଦ ଏବଂ ଝରଣାର ପ୍ରଦୂଷଣ, ପରିବେଶଗତ ଅସନ୍ତୁଳନ, ଅସମୟରେ ବର୍ଷା ଏବଂ ଜଳବାୟୁ ପରିବର୍ତ୍ତନ ଯୋଗୁଁ ହୋଇଛି। ଯଦି ଏହି ସମସ୍ୟା ଲାଗାତର ଜାରି ରହେ, ତେବେ ଭବିଷ୍ୟତରେ ଲୋକମାନେ ପାନୀୟ ଜଳରୁ ବଞ୍ଚିତ ମଧ୍ୟ ହୋଇପାରନ୍ତି। ଜଳ ସୁରକ୍ଷା ଅର୍ଥ ହେଉଛି ସମସ୍ତଙ୍କ ପାଇଁ ପର୍ଯ୍ୟାପ୍ତ ଏବଂ ସ୍ୱଚ୍ଛ ଜଳ ଯୋଗାଣ ସୁନିଶ୍ଚିତ କରିବା। ଏହା କେବଳ ମାନବ ଜୀବନ ପାଇଁ ନୁହେଁ ବରଂ କୃଷି, ଶିଳ୍ପ ଏବଂ ପରିବେଶ ପାଇଁ ମଧ୍ୟ ଅତ୍ୟାବଶ୍ୟକ। ଜଳ ସୁରକ୍ଷା ବିନା ଅନେକ ସମସ୍ୟା ଉପୁଜିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ଉଦାହରଣ ସ୍ୱରୂପ ଖାଦ୍ୟ ଉତ୍ପାଦନ ହ୍ରାସ ପାଇବ, ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି ପାଇବ ଏବଂ ଆର୍ଥିକ ଅଭିବୃଦ୍ଧି ମଧ୍ୟ ବାଧାପ୍ରାପ୍ତ ହେବ। ଜଳ ସୁରକ୍ଷା ହେଉଛି ସ୍ଥାୟୀ ବିକାଶର ମୂଳଦୁଆ।

ଏହି ଜଳ ସମସ୍ୟାର ସମାଧାନ ପାଇଁ ଆମକୁ ରୀତିମତ ଅନେକ ଭବିଷ୍ୟତ ପଦକ୍ଷେପ ନେବାକୁ ପଡିବ। ପ୍ରଥମତଃ, ବର୍ଷାଜଳର ସଂଗ୍ରହ । ବର୍ଷା ହେଉଛି ପ୍ରାକୃତିକ ଜଳର ମୁଖ୍ୟ ଉତ୍ସ। ଆମେ ବର୍ଷାଜଳ ସଂଗ୍ରହ କରି ଭୂତଳ ଜଳ ପୁନଃ ପୂରଣ କରିପାରିବା। ଘର, ସ୍କୁଲ ଏବଂ କଳ କାରଖାନାରେ ବର୍ଷାଜଳ ସଂଗ୍ରହ ବ୍ୟବସ୍ଥାକୁ ବାଧ୍ୟତାମୂଳକ କରାଯିବା ଉଚିତ। ଦ୍ୱିତୀୟତଃରେ ଜଳ ସଂରକ୍ଷଣ ସଚେତନତା। ଲୋକଙ୍କୁ ଜଳ ସଂରକ୍ଷଣ ବିଷୟରେ ସଚେତନତା ସୃଷ୍ଟି କରାଯିବା ଉଚିତ। ଅପଚୟ ଜଳ ବ୍ୟବହାରକୁ ରୋକିବା, ଲିକ୍ ହେଉଥିବା ପାଇପ୍ ମରାମତି କରିବା, କମ୍ ପାଣିରେ ଦୈନନ୍ଦିନ କାର୍ଯ୍ୟ ସମାପ୍ତ କରିବା ଇତ୍ୟାଦି ଛୋଟ ଛୋଟ ଅଭ୍ୟାସ ବିଷୟରେ ସଚେତନ ହେବା ଗୁରୁତ୍ୱପୂର୍ଣ୍ଣ। ଏହା ପ୍ରଚୁର ପାଣି ସଞ୍ଚୟ କରିପାରିବ। ତୃତୀୟରେ ନଦୀ ଏବଂ ଜଳାଶୟକୁ ସଂରକ୍ଷଣ କରିବା। ନଦୀ, ହ୍ରଦ ଏବଂ ପୋଖରୀକୁ ପ୍ରଦୂଷଣରୁ ରକ୍ଷା କରିବା ଉଚିତ। ଶିଳ୍ପ ଏବଂ ଘରୋଇ ଅଳିଆ ଆବର୍ଜନାକୁ ସିଧାସଳଖ ଜଳାଶୟରେ ପକାଇବା ଉଚିତ ନୁହଁ । ଚତୁର୍ଥରେ ଭୂତଳ ଜଳର ବ୍ୟବସ୍ଥିତ ବ୍ୟବହାର। ଭୂତଳ ଜଳର ଅତ୍ୟଧିକ ବ୍ୟବହାର ଜଳସ୍ତରକୁ ହ୍ରାସ କରୁଛି। ତେଣୁ, ଏହାର ବ୍ୟବହାର ନିୟନ୍ତ୍ରଣ କରାଯିବା ଉଚିତ ଏବଂ ପୁନଃ ସଂଗ୍ରହ ତଥା ପୂରଣ ବ୍ୟବସ୍ଥାକୁ ବିସ୍ତାର କରାଯିବା ଉଚିତ। ପଞ୍ଚମରେ କୃଷିରେ ଆଧୁନିକ ଜଳସେଚନ ବ୍ୟବସ୍ଥା ଗ୍ରହଣ କରିବା। କୃଷିରେ ପ୍ରଚୁର ପାଣି ବ୍ୟବହାର ହୁଏ । ତେଣୁ, ଡ୍ରିପ୍ ଜଳସେଚନ ଏବଂ ସିଞ୍ଚନକାରୀ ବ୍ୟବସ୍ଥା ଜଳ ବ୍ୟବହାରକୁ ହ୍ରାସ କରିପାରିବ। ଷଷ୍ଠରେ ଗଛ ଲଗାଇବା ଏବଂ ପରିବେଶ ସୁରକ୍ଷା ଜଳ ସଂରକ୍ଷଣରେ ଅଧିକ ଗଛ ଲଗାଇବା ଏବଂ ଜଙ୍ଗଲ ସୁରକ୍ଷା ଏକ ପ୍ରମୁଖ ଭୂମିକା ଗ୍ରହଣ କରେ। ଗଛ ବର୍ଷାକୁ ଧରିଥାଏ ଏବଂ ଭୂତଳ ଜଳ ସଂରକ୍ଷଣ କରିଥାଏ। ସପ୍ତମରେ ଜଳ ପୁନଃବ୍ୟବହାର ଏବଂ ପୁନଃଚକ୍ରଣ। ଘରୋଇ ଏବଂ ଶିଳ୍ପ ଜଳକୁ ବିଶୋଧନ ଏବଂ ପୁନଃବ୍ୟବହାର କରାଯିବା ଉଚିତ। ଏହା ଜଳ ଅପଚୟକୁ ହ୍ରାସ କରିଥାଏ। ଅଷ୍ଟମରେ ସରକାରୀ ନୀତି ଏବଂ ଆଇନ। ଜଳ ସଂରକ୍ଷଣ ପାଇଁ ଦୃଢ଼ ନୀତି ଏବଂ ଆଇନ ଅତ୍ୟାବଶ୍ୟକ। ଜଳ ବ୍ୟବହାରକୁ ନିୟନ୍ତ୍ରଣ କରୁଥିବା ଏବଂ ଏହାକୁ ପ୍ରଦୂଷିତ କରୁଥିବା ଲୋକଙ୍କ ପାଇଁ କଠୋର ଆଇନ ଏବଂ ଦଣ୍ଡ ଆବଶ୍ୟକ। ନବମରେ ନୂତନ ପ୍ରଯୁକ୍ତିବିଦ୍ୟାର ବ୍ୟବହାର। ଡିସାଲିନେସନ୍ ଏବଂ ସମୁଦ୍ର ଜଳ ବିଶୋଧନ ତଥା ଲୁଣି ପାଇଁକୁ ମଧୁର ପାଣିରେ ବ୍ୟବସ୍ଥା କରିବା ଏବଂ ସ୍ମାର୍ଟ ଜଳ ପରିଚାଳନା ଭଳି ନୂତନ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିବା ଜଳକୁ ସୁରକ୍ଷିତ କରିବାରେ ସାହାଯ୍ୟ କରିପାରିବ। ଶେଷରେ, ଜଳ ସମ୍ପଦ ବିଷୟରେ ଅଧିକ ଗବେଷଣା ଏବଂ ଜ୍ଞାନ ଆବଶ୍ୟକ। ନୂତନ ପଦ୍ଧତି ଏବଂ ପ୍ରଯୁକ୍ତିବିଦ୍ୟା ଖୋଜି ଜଳ ସମସ୍ୟାର ସମାଧାନ କରାଯାଇପାରିବ।

ଜଳବାୟୁ ପରିବର୍ତ୍ତନ ଜଳ ସମ୍ପଦକୁ ଗୁରୁତର ଭାବରେ ପ୍ରଭାବିତ କରୁଛି। ବର୍ଷା ଧାରାରେ ପରିବର୍ତ୍ତନ ହେଉଛି, ଏବଂ ଝଡ଼ ଏବଂ ଗରମ ତରଙ୍ଗ ବୃଦ୍ଧି ପାଇଛି। ତେଣୁ, ଜଳବାୟୁ ପରିବର୍ତ୍ତନକୁ ମୁକାବିଲା କରିବା ମଧ୍ୟ ଜଳ ସୁରକ୍ଷାର ଏକ ଅଂଶ। ଆମ ଦେଶରେ, ଭାରତ ସରକାର ଅନେକ ଗୁଡିଏ ଯୋଜନା ପ୍ରସ୍ତୁତ କରିଛନ୍ତି। ଯେପରି - ଜଳ ଜୀବନ ମିଶନ, ନମାମି ଗଙ୍ଗେ ଯୋଜନା ଏବଂ ଅଟଳ ଭୁଜଳ ଯୋଜନା ଭଳି ବିଭିନ୍ନ ଜଳ ସୁରକ୍ଷା ଯୋଜନା ଆରମ୍ଭ କରିଛନ୍ତି। ଏହି ସମସ୍ତ ପଦକ୍ଷେପ ଜଳ ସଂରକ୍ଷଣ ଏବଂ ପରିଚାଳନାରେ ଗୁରୁତ୍ୱପୂର୍ଣ୍ଣ। ଜଳ ସୁରକ୍ଷା ସରକାରଙ୍କ ଏକମାତ୍ର ଦାୟିତ୍ୱ ନୁହେଁ। ପ୍ରତ୍ୟେକ ବ୍ୟକ୍ତି ଏଥିରେ ଭୂମିକା ଗ୍ରହଣ କରିବା ଉଚିତ। ଉଦାହରଣ ସ୍ୱରୂପ, ପରିବାରର ଜଳ ବ୍ୟବହାର ହ୍ରାସ କରିବା ଉଚିତ୍ , ପୋଖରୀ ଏବଂ ନଦୀ ସଫା କରିବାରେ ଅଂଶଗ୍ରହଣ କରିବା ଉଚିତ୍ , ଗଛ ଲଗାଇବା ଆବଶ୍ୟକ ଏବଂ ସଚେତନତା ଅଭିଯାନରେ ଅଂଶଗ୍ରହଣ କରିବା ଆବଶ୍ୟକ। ଜଳ ସଂରକ୍ଷଣ ଏକ ସାମୂହିକ ଦାୟିତ୍ୱ। ଯଦି ଆମେ ଏହି ବିଷୟରେ ଏବେ ପଦକ୍ଷେପ ନନେବୁ, ତେବେ ଭବିଷ୍ୟତରେ ଜଳ ଅଭାବ ଏକ ଗମ୍ଭୀର ସମସ୍ୟା ହୋଇପଡ଼ିବ। ତେଣୁ ସଠିକ୍ ପଦକ୍ଷେପ ଏବଂ ସଚେତନତା ସହିତ, ଆମେ ଜଳ ସମ୍ପଦକୁ ସୁରକ୍ଷା ଦେଇପାରିବା। ଯେପରି କୁହାଯାଏ, 'ଆଜିର ସଂରକ୍ଷଣ ଆଗାମୀର ଜୀବନ ' - ଏହି ମୌଳିକ ମନ୍ତ୍ରକୁ ମନରେ ରଖି ଆମେ ସମସ୍ତେ ଜଳ ସଂରକ୍ଷଣ ସହିତ ଆଗକୁ ବଢ଼ିବା ଉଚିତ।

# ପ୍ରାଗ ସାମ୍ବିଧାନିକ ସଂରକ୍ଷଣ: ଏକ ଆଲୋଚନା



ଅଧ୍ୟାପକ ଗୋପବନ୍ଧୁ
(ଅବସରପ୍ରାପ୍ତ), ଦର୍ଶନ ବିଭାଗ
ବାରିପଦା, ମୟୁରଭଞ୍ଜ,
ମୋ. ୭୦୦୮୯୭୬୧୮୦

ସମ୍ବିଧାନରେ ସ୍ଥାନିତ ହୋଇଥିବା ସଂରକ୍ଷଣ ବ୍ୟବସ୍ଥାର ଦୀର୍ଘ ପୃଷ୍ଠଭୂମି ରହିଛି। ଏହା କୌଣସି ତତ୍କାଳୀକ ସିଦ୍ଧାନ୍ତ ନୁହେଁ। ବ୍ରିଟିଶ ଶାସନାଧୀନ ଭାରତବର୍ଷରେ ସର୍ବପ୍ରଥମେ କୋଲ୍‌ହାପୁର ରାଜ୍ୟରେ ୧୯୦୨ ମସିହାରେ ସରକାରୀ ସିଦ୍ଧାନ୍ତ ରୂପେ ଚାକିରୀ କ୍ଷେତ୍ରରେ ଅନଗ୍ରସର ଜାତିସମୂହଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥାର କାର୍ଯ୍ୟକାରୀ ହୋଇଥିଲା। ତତ୍କାଳୀନ କୋଲ୍‌ହାପୁର ମହାରାଜା ଶାହୁଜୀ ମହାରାଜଙ୍କ ନିର୍ଦ୍ଦେଶ କ୍ରମେ ଏହା କାର୍ଯ୍ୟକାରୀ ହୋଇଥିଲା। ତେଣୁ ଶାହୁଜୀ ମହାରାଜଙ୍କୁ ସଂରକ୍ଷଣର ଜନକଭାବେ ସମ୍ବୋଧିତ କରାଯାଏ। ପ୍ରକାଶ ଥାଉକି ସେ ସମୟରେ ଏସଟି, ଏସସି ଓ ଓବିସି ପରି ଗୋଷ୍ଠୀର ଉଦ୍ରେକ ହୋଇନଥିଲା। ଏମାନେ ସମସ୍ତେ ଡିପ୍ରେସ୍ଡ କ୍ଲାସ୍ ବା ଅନଗ୍ରସର ଜାତି ସମୂହ ଭାବେ ପରିଚିତ ହେଉଥିଲେ। କେତେକ କ୍ଷେତ୍ରରେ ଏମାନେ ଶୂଦ୍ର ବା ଅସବର୍ଣ୍ଣ ଭାବେ ପରିଚିତ ହେଉଥିଲେ। ସେ ଏମାନଙ୍କୁ ସରକାରୀ ଚାକିରୀରେ ଶତକଡା ୫୦ ଭାଗ ସଂରକ୍ଷଣ ଦେବାକୁ ନିର୍ଦ୍ଦେଶ ଦେଇଥିଲେ।

ସେ ସମାଜର ତଳ ଜାତିର ପିଲାମାନଙ୍କ ଶିକ୍ଷାର ବିକାଶ ପାଇଁ ପଦକ୍ଷେପ ନେଇଥିଲେ। ଏହି କ୍ରମରେ ସେ ଡକ୍ଟର ବି. ଆର. ଆମ୍ବେଦକରଙ୍କୁ ଉଚ୍ଚଶିକ୍ଷା ଲାଭପାଇଁ ସାହାଯ୍ୟ କରିଥିଲେ। ପରେ ଡକ୍ଟର ଆମ୍ବେଦକର ସମାଜ ସଂସ୍କାର ଦିଗରେ ଶାହୁଜୀ ମହାରାଜଙ୍କ ମୁଖ୍ୟ ସହଯୋଗୀ ହୋଇଥିଲେ। ୧୯୨୨ ମସିହାରେ ଶାହୁଜୀଙ୍କ ଦେହାନ୍ତ ପରେ ଏ ଆନ୍ଦୋଳନର ଦାୟିତ୍ୱ ଡକ୍ଟର ଆମ୍ବେଦକରଙ୍କୁ ବହନ କରିବାକୁ ପଡିଥିଲା। ସେତେବେଳେକୁ ମୁସଲିମ୍ ଲିଗ୍ ମୁସଲମାନ ମାନଙ୍କ ପାଇଁ ସ୍ୱତନ୍ତ୍ର ରାଷ୍ଟ୍ର ଗଠନ ଦାବୀ ଆରମ୍ଭ କରିଦେଇଥିଲା। ଆମ୍ବେଦକରଙ୍କ ନେତୃତ୍ୱରେ ଅନଗ୍ରସର ଜାତିସମୂହ ସଂଗଠିତ ହୋଇ ସମାନ ସାମାଜିକ ଅଧିକାର ପାଇଁ ଲଢୁଥାନ୍ତି ଓ ନିଜର ସ୍ଥିତିକୁ ଜାହିର କରିସାରିଥାନ୍ତି। ଏହା ସହିତ ଏମାନଙ୍କ ଶିକ୍ଷାଗତ ଓ ଆର୍ଥିକ ବିକାଶ ପାଇଁ ପଦକ୍ଷେପ ନେବା ପାଇଁ ବ୍ରିଟିଶ ସରକାରଙ୍କ ଉପରେ ଚାପ ସୃଷ୍ଟି କରୁଥାନ୍ତି।

ସେ ସମୟରେ ଭାରତବର୍ଷର ଶାସନ ଇଂଲଣ୍ଡରୁ ଚାଲିଥାଏ। ଭାରତୀୟ ଶାସନର ନିୟମ ଇଂଲଣ୍ଡରେ ତିଆରି ହେଉଥାଏ। ୧୯୧୯ ରେଗୁଲେସନ ଆକ୍ଟ ଅନୁଯାୟୀ ଶାସନ ଚାଲିଥାଏ। ଭାରତୀୟମାନଙ୍କୁ ଅଧିକ କ୍ଷମତା ପ୍ରଦାନ ପାଇଁ କଂଗ୍ରେସ ଦାବୀ କରୁଥାଏ। ୧୯୧୯ ଆକ୍ଟର ସଂଶୋଧନ ଓ ଅଧିକ କ୍ଷମତା ପ୍ରଦାନ ପାଇଁ ବ୍ରିଟିଶ ସରକାର ସାର୍ ଜନ୍ ସାଇମନଙ୍କ ନେତୃତ୍ୱରେ ୧୯୨୮ ମସିହାରେ ଏକ କମିଶନ ଅନୁଧ୍ୟାନ ପାଇଁ ପଠାନ୍ତି। କଂଗ୍ରେସ ଏହାକୁ ବିରୋଧ କରେ। କିନ୍ତୁ ଡକ୍ଟର ଆମ୍ବେଦକର ବହିଷ୍କୃତ ହିତକାରିଣୀ ସଭା ତରଫରୁ ସାଇମନ କମିଶନକୁ ସାକ୍ଷାତ କରି ଏକ ସ୍ମାରକ ପତ୍ର ପ୍ରଦାନ କରନ୍ତି। ଯେଉଁଥିରେ ସେ ଦଳିତ ଓ ସମାଜର ତଳ ସ୍ତରର ଲୋକମାନଙ୍କ ଦୁରାବସ୍ଥାକୁ ଉଲ୍ଲେଖ କରି ଏମାନଙ୍କ ପାଇଁ ନିର୍ବାଚନ ମଣ୍ଡଳୀରେ, ମନ୍ତ୍ରୀମଣ୍ଡଳରେ ତଥା ଚାକିରି କ୍ଷେତ୍ରରେ ସ୍ଥାନ ସଂରକ୍ଷଣ ଦାବୀ କରନ୍ତି। ଏହାହିଁ ଥିଲା ସମ୍ବିଧାନିକ ସଂରକ୍ଷଣର ପ୍ରଥମ ପଦକ୍ଷେପ।

ସାଇମନ କମିଶନଙ୍କ ରିପୋର୍ଟ ଆଧାରରେ ବିଭିନ୍ନ ରାଜନୈତିକ ସଂଗଠନ ମଧ୍ୟରେ ସହମତି ଆଣିବା ପାଇଁ ୧୯୩୦ ମସିହାରେ ଇଂଲଣ୍ଡରେ ପ୍ରଥମ ଗୋଲଟେବୁଲ୍ ବୈଠକ ଅନୁଷ୍ଠିତ ହୁଏ। କଂଗ୍ରେସ ଏହି ବୈଠକକୁ ପ୍ରତ୍ୟାଖାନ କରେ। ଡକ୍ଟର ଆମ୍ବେଦକର ଏହି ବୈଠକରେ ଯୋଗ ଦିଅନ୍ତି। ସେଠାରେ ସେ ଘୃଣ୍ୟ ଜାତିବ୍ୟବସ୍ଥାର ଶୀକାର ହୋଇ ଆସିଥିବା ଦଳିତ ଓ ସମାଜର ତଳ ଜାତିର ଲୋକମାନଙ୍କର ସ୍ୱତନ୍ତ୍ର ମାନ୍ୟତା ଦାବି କରନ୍ତି ଓ ଏମାନଙ୍କ ବିକାଶ ପାଇଁ ବିଭିନ୍ନ କ୍ଷେତ୍ରରେ ସଂରକ୍ଷଣ ନୀତିର କର୍ଯ୍ୟକାରୀ ପାଇଁ ଦାବୀ କରନ୍ତି। ପୁଣି ୧୯୩୧ ମସିହାରେ ଦ୍ୱିତୀୟ ଗୋଲଟେବୁଲ ବୈଠକ ବସେ। ଏଥିରେ କଂଗ୍ରେସ ସମେତ ସମସ୍ତ ସଂଗଠନ ଯୋଗ ଦିଅନ୍ତି। ଆଲୋଚନା କାଳରେ ମୁସଲିମ୍ ଲିଗ୍ ସମେତ ଅନେକ ଗୋଷ୍ଠୀ ନିଜର ସ୍ୱାର୍ଥ ସପକ୍ଷରେ ମତ ଦିଅନ୍ତି ଓ ନିଜର ସଂଖ୍ୟାନୁପାତିକ ପ୍ରତିନିଧିତ୍ୱ ଉପରେ ଗୁରୁତ୍ୱ ଦିଅନ୍ତି। ଡକ୍ଟର ଆମ୍ବେଦକର ମଧ୍ୟ ସମସ୍ତ ଦଳିତ ଓ ଅନଗ୍ରସର ସମାଜର ସ୍ୱତନ୍ତ୍ର ମାନ୍ୟତା ଓ ସମାନୁପାତିକ ଅଧିକାର ଉପରେ ଗୁରୁତ୍ୱ ଦିଅନ୍ତି।

ଏ ବିଷୟକୁ ନେଇ ମହାତ୍ମା ଗାନ୍ଧୀଙ୍କ ସହିତ ତାଙ୍କ ମତାନ୍ତର ହୋଇଥିଲା। ମହାତ୍ମା ଗାନ୍ଧୀ ବର୍ଣ୍ଣବ୍ୟବସ୍ଥାକୁ ସ୍ୱୀକାର କରୁଥିଲେ। ତେଣୁ ଦଳିତ ଓ ଅନଗ୍ରସର ଜାତିମାନଙ୍କୁ ହିନ୍ଦୁ ସମାଜ ବ୍ୟବସ୍ଥାର ଅଂଶବିଶେଷ ବୋଲି ଗ୍ରହଣ କରୁଥିଲେ। କିନ୍ତୁ ଡକ୍ଟର ଆମ୍ବେଦକରଙ୍କ ଯୁକ୍ତି ଥିଲା ବର୍ଣ୍ଣବ୍ୟବସ୍ଥା ଯୋଗୁଁ ଦଳିତ ଓ ସମାଜର ତଳ ସ୍ତରର ଲୋକମାନେ ଅସମାନତା, ଘୃଣା ଓ ନିର୍ଯ୍ୟାତନାର ଶୀକାର ହେଉଛନ୍ତି। ତେଣୁ ଏମାନଙ୍କୁ ସ୍ୱତନ୍ତ୍ର ଗୋଷ୍ଠୀର ମାନ୍ୟତା ମିଳିବା ଦରକାର। ଯଦି ସଂଖ୍ୟାଲଘୁ ମାନଙ୍କ ସ୍ୱାତନ୍ତ୍ର୍ୟତାକୁ ସ୍ୱୀକାର କରାଯାଇ ପାରିବ, ତେବେ ଦଳିତମାନଙ୍କ ସ୍ୱାତନ୍ତ୍ର୍ୟତାକୁ ସ୍ୱୀକାର କରାଯିବ ନାହିଁ କାହିଁକି ? ଏହାପରେ ୧୯୩୨ ରେ ତୃତୀୟ ଗୋଲଟେବୁଲ ବୈଠକ ବସିଥିଲା ଓ ସେଥିରୁ ମଧ୍ୟ କୋଣସି ନିର୍ଯ୍ୟାସ ଆସିପାରି ନଥିଲା। ଏଥିରେ କଂଗ୍ରେସ ସମେତ ମୁଖ୍ୟ ସଂଗଠନଗୁଡିକ ଯୋଗଦେଇ ନଥିଲେ। କିନ୍ତୁ ଡକ୍ଟର ଆମ୍ବେଦକର ଯୋଗଦେଇ ଦଳିତ ଓ ଅନଗ୍ରସର ଜାତିମାନଙ୍କ ବିକାଶ ଓ ସମାନ ପ୍ରତିନିଧିତ୍ୱ କଥା ଦୋହରାଇ ଥିଲେ।

ସାଇମନ କମିଶନଙ୍କ ରିପୋର୍ଟ ଓ ଗୋଲଟେବୁଲ ବୈଠକର ନିର୍ଯ୍ୟାସ ଉପରେ ବ୍ରିଟିଶ ସରକାରଙ୍କ ଦ୍ୱାରା ୧୯୩୨ ମସିହାରେ କମ୍ୟୁନାଲ ଏୱାର୍ଡ ପ୍ରକାଶ ପାଇଥିଲା। ଏହା ଥିଲା ଏକ ପ୍ରକାର ସଂରକ୍ଷଣ ବ୍ୟବସ୍ଥା। ଏଥିରେ ପ୍ରତ୍ୟେକ କମ୍ୟୁନିଟି ପାଇଁ ରାଜନୈତିକ ସଂରକ୍ଷଣର ବ୍ୟବସ୍ଥା ଥିଲା। ଅର୍ଥାତ୍ ମୁସଲମାନ, ଖ୍ରୀଷ୍ଟିୟାନ, ଶିଖ୍, ଆଙ୍ଗ୍ଲୋ ଇଣ୍ଡିଆନ୍ ସମେତ ଦଳିତ ବର୍ଗ (ଡିପ୍ରେସ୍ଡ କ୍ଲାସ୍) ମାନଙ୍କ ପାଇଁ ସ୍ୱତନ୍ତ୍ର ସଂରକ୍ଷିତ ଆସନର ବ୍ୟବସ୍ଥା କରାଯାଇ ଥିଲା। ମହାତ୍ମା ଗାନ୍ଧୀ ସଂଖ୍ୟାଲଘୁ ସଂରକ୍ଷଣକୁ ବିରୋଧ କରି ନଥିଲେ। କିନ୍ତୁ ଦଳିତ(ଡିପ୍ରେସ୍ଡ) ବର୍ଗଙ୍କ ସଂରକ୍ଷଣକୁ ବିରୋଧ କରି ଆମରଣ ଅନଶନ ଆରମ୍ଭ କରିଥିଲେ। କମ୍ୟୁନାଲ ଏୱାର୍ଡ ମୁତାବକ ଦଳିତ(ଡିପ୍ରେସ୍ଡ) ବର୍ଗଙ୍କୁ ୭୧ଟି ପୃଥକ ସଂରକ୍ଷିତ ଆସନ ପ୍ରଦାନ କରାଯାଇ ଥିଲା। ସେ ସମୟରେ ସେ ୟେରାଧା ଜେଲରେ ବନ୍ଦୀ ଥିଲେ। ସେ ବର୍ଣ୍ଣବ୍ୟବସ୍ଥାର ସମର୍ଥକ ଥିଲେ। ହିନ୍ଦୁଧର୍ମ ମଧ୍ୟରେ ଜାତିଭିତ୍ତିକ ସଂରକ୍ଷଣ ଦ୍ୱାରା ଏହା ଭାଗଭାଗ ହୋଇଯିବ ଓ ଏକତା ନଷ୍ଟ ହୋଇଯିବ ବୋଲି ତାଙ୍କ ଆଶଙ୍କା ଥିଲା।

ଅନଶନ ଦୀର୍ଘଦିନ ଧରି ଚାଲିଲା। କ୍ରମେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଜଟିଳ ହେବାକୁ ଲାଗିଲା। ଚାରିଆଡୁ ଆମ୍ବେଦକରଙ୍କ ଉପରେ ଚାପ ସୃଷ୍ଟି କରାଗଲା ସ୍ୱତନ୍ତ୍ର ସଂରକ୍ଷିତ ଆସନ ଦାବିରୁ ଓହରି ଯିବା ପାଇଁ। ବହୁ ଆଲୋଚନା ପରେ ଆମ୍ବେଦକର ରାଜି ହେଲେ ଦୈତ୍ୟ ସଂରକ୍ଷଣ ବ୍ୟବସ୍ଥା ପାଇଁ। ଏହି ବ୍ୟବସ୍ଥା ଅନୁଯାୟୀ ସଂରକ୍ଷିତ ଆସନରୁ ଦୁଇଜଣ ପ୍ରତିନିଧିତ୍ୱ କରିବେ। ଜଣେ ସାଧାରଣ ବର୍ଗରୁ ଓ ଜଣେ ଦଳିତ(ଡିପ୍ରେସ୍ଡ) ବର୍ଗରୁ। ଏହି ବ୍ୟବସ୍ଥାରେ ଦଳିତ(ଡିପ୍ରେସ୍ଡ) ବର୍ଗଙ୍କୁ ୭୧ ଟି ଆସନ ବଦଳରେ ୧୪୭ ଟି ଆସନ ମିଳିବାର ସହମତି ହେଲା। ଏହି ନୀତିକୁ ନେଇ ଦୁଇ ନେତାଙ୍କ ମଧ୍ୟରେ ସେପଟେମ୍ବର ୨୪ ତାରିଖ, ୧୯୩୨ ମସିହାରେ ଯେଉଁ ସ୍ୱାକ୍ଷର ହୋଇଥିଲା ତାହା ପ୍ରସିଦ୍ଧ ପୁନା ପ୍ୟାକ୍ଟ ବା ପୁନା ଚୁକ୍ତି ନାମରେ ଖ୍ୟାତ। ଏହାକୁ ସ୍ୱାଧୀନ ଭାରତର ସଂରକ୍ଷଣ ସମ୍ବନ୍ଧୀୟ ପ୍ରାଗ୍ ସମ୍ବିଧାନୀକ ଚୁକ୍ତି ବୋଲି କୁହାଯାଇ ପାରେ। ଏହି ଚୁକ୍ତି ଡକ୍ଟର ଆମ୍ବେଦକରଙ୍କ ଇଚ୍ଛାମତେ ହୋଇନଥିଲେ ବି ଏହା ଦ୍ୱାରା କିଛି ପାଇବାର ଶୁଭାରମ୍ଭ ହୋଇଥିଲା। ପ୍ରଚଳିତ ଜାତିବାଦୀ ବ୍ୟବସ୍ଥା ଅନଗ୍ରସର ଜାତି ସମୂହକୁ କିଛି ଅଧିକାର ଦେବା ପାଇଁ ରାଜି ହୋଇଥିଲା। ତେଣୁ ସମତା ଆନ୍ଦୋଳନର ଏହା ଏକ ଯୁଗାନ୍ତକାରୀ ସୋପାନ ଭାବେ ବିବେଚନା କରାଯାଏ। ପରବର୍ତ୍ତୀ କାଳରେ ଏହି ଚୁକ୍ତିର ଗୁରୁତ୍ୱ ବ୍ରିଟିଶ ଶାସନ ବ୍ୟବସ୍ଥାରେ ପ୍ରତିଫଳିତ ହେବାକୁ ଲାଗିଲା। ସମ୍ବିଧାନ ରଚନା କାଳରେ ଡ୍ରାଫ୍ଟିଙ୍ଗ କମିଟିର ଚେୟାରମ୍ୟାନ ଭାବେ ଡକ୍ଟର ଆମ୍ବେଦକର ସାମାଜିକ ସମତା ଆନ୍ଦୋଳନର ସମସ୍ତ ଅଭିଜ୍ଞତାକୁ ଏଥିରେ ସ୍ଥାନିତ କରିଥିଲେ। ପୁନାଚୁକ୍ତି ଦ୍ୱାରା ପ୍ରାପ୍ତ ହୋଇଥିବା ଅନଗ୍ରସର ଜାତିଙ୍କର ସ୍ୱତନ୍ତ୍ର ମାନ୍ୟତାକୁ ସେ କାମରେ ଲଗାଇ ଥିଲେ। ସାମାଜିକ ସ୍ଥିତି ଓ ବିକାଶର ତାରତମ୍ୟକୁ ଦେଖି ଏମାନଙ୍କୁ ତିନି ଗୋଷ୍ଠୀରେ ବିଭକ୍ତ କରିଥିଲେ। ତାହା ହେଉଛି ଅନୁସୂଚିତ ଜାତି, ଅନୁସୂଚୀତ ଜନଜାତି ଓ ଅନ୍ୟାନ୍ୟ ଅନଗ୍ରସର ବର୍ଗ। ଏମାନଙ୍କ ବିକାଶ ନିମିତ୍ତ ସମ୍ବିଧାନରେ ସେ ସମସ୍ତ ପ୍ରକାର ବ୍ୟବସ୍ଥା କରିଯାଇଛନ୍ତି। ବିଭିନ୍ନ କ୍ଷେତ୍ରରେ ଏମାନଙ୍କ ବିକାଶ ପାଇଁ ସଂରକ୍ଷଣର ବ୍ୟବସ୍ଥା ସ୍ଥାନିତ କରିଛନ୍ତି। ସ୍ୱାଧୀନତା ପରର ସାମ୍ବିଧାନିକ ସଂରକ୍ଷଣ ପୁନାଚୁକ୍ତିର ପ୍ରସାରିତ ଓ ପରିବର୍ତ୍ତିତ ସୋପାନ କହିଲେ ଅତ୍ୟୁକ୍ତି ହେବ ନାହିଁ। ତେଣୁ ସାମ୍ବିଧାନିକ ସଂରକ୍ଷଣ ବ୍ୟବସ୍ଥାର ପୂର୍ଣ୍ଣ ଶ୍ରେୟ ଡକ୍ଟର ଆମ୍ବେଦକରଙ୍କୁ ଦେଲେ ତାହା ଆଦୌ ଅନୁଚିତ ହେବ ନାହିଁ।

# 'ଯେତେ କରୁଥିବୁ ଦାନ, ପୁଣ୍ୟ ବଳେ ମନ ନିର୍ମଳ ହୋଇବ ସେତିକି ବଢ଼ିବ ଧନ'

ଡକ୍ଟର ରାଜକିଶୋର ମିଶ୍ର
ପୂର୍ବତନ ସମ୍ପାଦକ,
ଶ୍ରୀସତ୍ୟସାଇ ବିଦ୍ୟାଳୟ,
କଳାବିକାଶ କେନ୍ଦ୍ର ମାର୍ଗ,
କଟକ,
ମୋ : ୭୦୦୮୧୮୧୮୨୦

'ଧନ ସଞ୍ଚଇ ରାତ୍ର ଦିନ, ନକରେ ସୁଖ ଭୋଗ ଦାନ। ନିରତେ କରଇ ସଞ୍ଚୟ, ପାପୀ କୃପଣ ଦୁରାଶୟ। ଯେ ସତ ପାତ୍ରେ ଦିଅନ୍ତି ଦାନ, ସେ ସର୍ବ ସାତ୍ତ୍ୱିକ ଜୀବନ'। ଶ୍ରୀମଦ୍ ଭାଗବତ ଦାନର ମହନୀୟତା ସମ୍ପର୍କରେ ଆମ ମାନଙ୍କୁ ଚିରଦିନ ପାଇଁ ଶିକ୍ଷା ପ୍ରଦାନ କରି ଆସିଛି। 'ଆଗେ ଘର ପଛେ ପର' ଅର୍ଥାତ୍ ଦାନ ସର୍ବପ୍ରଥମେ ଘରୁ ହିଁ ଆରମ୍ଭ ହୋଇ ପରବର୍ତ୍ତୀ ସମୟରେ ଏହା ପ୍ରସାରିତ ହୋଇପାରିବ। ଆମେ ସମସ୍ତେ ଏ ସମଗ୍ର ଜଗତର ଏ ସମଗ୍ର ଜଗତ ଆମ ଘର। ଆମେ ଏ ବିଶ୍ୱର ଜଣେ ଜଣେ ନାଗରିକ। ସେଥିପାଇଁ ଉଲ୍ଲେଖ ରହିଛି ଯେ - 'ବସୁଧୈବ କୁଟୁମ୍ବକମ୍' ଅର୍ଥାତ୍ ସମଗ୍ର ବିଶ୍ୱବାସୀ ଗୋଟିଏ ପରିବାରର।

ବାସ୍ତବରେ ଦାନ କେବଳ ଅର୍ଥଦାନକୁ ବୁଝାଯାଏନା ଏହାର ଅନ୍ତର୍ନିହିତ ଚିନ୍ତନ ହେଉଛି ଦାନ ହିଁ ବିଶ୍ୱପ୍ରେମ। ଅସହାୟ ପୀଡ଼ିତ, ଭିକ୍ଷାର୍ଥୀ, ମେଧାବୀ ବିଦ୍ୟାର୍ଥୀ, ରୁଗ୍ଣ ଏବଂ ସମସ୍ତଙ୍କ ପ୍ରତି ଉଦାର ରହିବା। ବଦାନ୍ୟତାର ଅନ୍ୟ ନାମ ଦାନ। ଗୋଟିଏ ଧାଡ଼ିରେ କହିବାକୁଗଲେ ଦାନ ହେଉଛି ଭଲ ପାଇବା ସଦଭାବନା ଓ ବଦାନ୍ୟତା। ସମଗ୍ର ବିଶ୍ୱ ଯେହେତୁ ଆମ ପରିବାରର ତେଣୁ ବିଶ୍ୱବାସୀଙ୍କ ଉପକାର କରିବା ପାଇଁ ବଦାନ୍ୟ ମନୋଭାବ ପୋଷଣ କରିବା ଉଚିତ। କେହି କେହି କହିପାରନ୍ତି ଅର୍ଥ ନଥିଲେ ଆମେ କ'ଣ ବା ଦାନ କରିପାରିବା। ଆପଣ ଜଣଙ୍କୁ ପ୍ରଶାନ୍ତମୟ ପ୍ରେମଭରା କଣ୍ଠରେ ଗୋଟିଏ ଗ୍ଲାସ ଜଳଦାନ କରିପାରିବେ, ରକ୍ତଦାନ କରିପାରିବେ, ଗଛ ଟିଏ ଲଗାଇ ପାରିବେ, କୌଣସି ଗଛର ଯତ୍ନ ମଧ୍ୟ ନେଇପାରିବେ, କୌଣସି ଅସହାୟ ପାଖରେ ନିଃସ୍ୱାର୍ଥପର ଭାବେ ସେବା କରିବା ହେଉ ବା ପ୍ରାର୍ଥନା ଏହାଦ୍ୱାରା ଯେ କେହି ବି ଭଗବତ କୃପା ପାଇପାରିବ। ପ୍ରତ୍ୟେକ ସତକର୍ମ ଗୋଟିଏ ଗୋଟିଏ ଦାନ। ଅନ୍ୟମାନଙ୍କ ପ୍ରତି ସଦୟ ହେବା, ଶ୍ରଦ୍ଧାବ୍ୟକ୍ତ କରିବା, କେହି ଆପଣଙ୍କର କ୍ଷତି କରିଥିଲେ ମଧ୍ୟ ସେ କଷ୍ଟ ମନରୁ ପୋଛି ଦେଇ କ୍ଷମା ଦେବା ମଧ୍ୟ ଏକ ଉତ୍କୃଷ୍ଟ ଓ ଅନନ୍ୟ ଶ୍ରେଷ୍ଠତମ ଦାନ।

ସେହିପରି ବିଦ୍ୟାଦାନ ବା ଜ୍ଞାନଦାନ ହେଉଛି ଏ ସୃଷ୍ଟିର ଶ୍ରେଷ୍ଠତମ ଦାନ। ଜଣଙ୍କୁ ଅନ୍ନଦାନ ଦ୍ୱାରା କିଛି କ୍ଷଣ ପାଇଁ କ୍ଷୁଧା ନିବାରଣ ହୋଇପାରେ କିନ୍ତୁ ପୁନର୍ବାର କ୍ଷୁଧାର ଜ୍ୱାଳା ସୃଷ୍ଟି ହେବ ନିଶ୍ଚୟ କିନ୍ତୁ ବିଦ୍ୟାଦାନ ଦ୍ୱାରା ଜଣେ ଅଜ୍ଞାନରୁ ଦୂରୀଭୂତ ହୋଇପାରେ। ଅଜ୍ଞାନରୁ ହିଁ ଆମ୍ଭେମାନେ ଏ ଦେହ ଧାରଣ କରିଛୁ, ଅଜ୍ଞାନ ବିନାଶ ହୋଇଗଲେ ସଙ୍ଗେ ସଙ୍ଗେ ଆମ ସମସ୍ତଙ୍କ ସକଳ ଦୁଃଖ, ଯନ୍ତ୍ରଣା ଦୂର ହୋଇଯିବ। ନିର୍ମଳ ମନରେ ଦାନ କରନ୍ତୁ। ଏହି ଦାନ ମାଧ୍ୟମରେ ଭଗବତ ଦର୍ଶନ ହୋଇପାରିବ ନିଶ୍ଚୟ କିନ୍ତୁ ଆତ୍ମ ପ୍ରଚାର ପୂର୍ଣ୍ଣଦାନ ସମ୍ପୂର୍ଣ୍ଣ ଅନୁଚିତ। କେହି ଆପଣଙ୍କର ଦାନଶୀଳତାର ପ୍ରଚାର କଲେ ଆପଣ ତିଳେ ମାତ୍ର ଗର୍ବ ଅନୁଭବ କରନ୍ତୁ ନାହିଁ। ଜୀବନରେ ଟଙ୍କା ପଇସା ହିଁ ଜୀବନ ସର୍ବସ୍ୱ ନୁହେଁ। ଆମ୍ଭମାନଙ୍କ ଭିତରୁ ଅନେକ ରହିଛନ୍ତି ଯେଉଁମାନେ କୋଟି କୋଟି ଟଙ୍କାର ସମ୍ପତ୍ତି ପ୍ରାପ୍ତ ହୋଇଥାନ୍ତି, ବିଭିନ୍ନ କୋଠା ବାଡ଼ି, ଧନ, ପ୍ରତିପତ୍ତି, ବାହୁବଳ ଅନେକ କିଛି ଥାଏ। କିନ୍ତୁ ସେମାନେ ଏକ ପ୍ରକାର ସମ୍ପତ୍ତିକୁ ଜଗି ଜଗି ଜୀବନ ଶେଷ ହୋଇଯାଏ। ସୁଖ, ଶାନ୍ତି, ସେମାନଙ୍କୁ ପ୍ରାପ୍ତ ହୋଇନଥାଏ।

ସଂସାରରେ କୃପଣତା ହେଉଛି ଏକ ବିରାଟ ଅଭିଶାପ ଯାହା ସ୍ୱାର୍ଥପରତା ଓ ଶତ୍ରୁତାର ମିତ୍ର। ହୃଦୟକୁ ବିଶାଳ କରିବା ପାଇଁ ପଡ଼ିବ। ଆପଣଙ୍କ ପାଖରେ ଯାହା ବି କିଛି ରହିଛି ନିଜେ ନିଜ ପରିବାର ଭୋଗ କରିବା ସହ ଅନ୍ୟ ମାନଙ୍କୁ ବାଣ୍ଟିବାରେ ଆନନ୍ଦ ପାଆନ୍ତୁ। କେବଳ ଅର୍ଥ ବା ସମ୍ପତ୍ତିବାଡ଼ି ନୁହେଁ, ଆପଣଙ୍କ ପାଖରେ ଥିବା ସମସ୍ତ ପାର୍ଥିବ, ମାନସିକ, ଆଧ୍ୟାତ୍ମିକ ସମ୍ପତ୍ତି ଅନ୍ୟ ମାନଙ୍କ ମଧ୍ୟରେ ବାଣ୍ଟି ଦିଅନ୍ତୁ ଏହା ହିଁ ଦିବ୍ୟ ଜୀବନ ପାଇଁ ପ୍ରକୃତ ଯଜ୍ଞ। ଦାନ ମଧ୍ୟରେ ଶ୍ରଦ୍ଧା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ଶିଷ୍ଟାଚାର, ଦୟା ଓ ସହାନୁଭୂତିର ସହ ଦାନରେ ଲିପ୍ତ ରୁହନ୍ତୁ। ଉଦାରଚେତନାରେ ବଦାନ୍ୟ ଭାବନା ସହ ଦିବ୍ୟ ଜୀବନର ନିଗୂଢ଼ ତତ୍ତ୍ୱକୁ ବୁଝିବା ପାଇଁ 'ଦାନ' ଯେ ପ୍ରାଚୁର୍ଯ୍ୟର ଶ୍ରେଷ୍ଠ ଚାବିକାଠି ଏହାକୁ ଭୁଲନ୍ତୁ ନାହିଁ। ସର୍ବବ୍ୟାପୀ ଈଶ୍ୱରଙ୍କୁ ଏହି ଅସହାୟଙ୍କ ସହ ଦାନର ଆନନ୍ଦ ଉପଲବ୍ଧି ସମୟରେ ଦର୍ଶନ କରନ୍ତୁ। ହୃଦୟ ପ୍ରଶସ୍ତ କରି ଜୀବନ ଜିଜ୍ଞାସାକୁ ଏକ ବ୍ୟାପକ ଭାବନାର ସହ ଏହା ଉପଲବ୍ଧି କରନ୍ତୁ ଯେ ଦାନ କେବଳ ଇହକାଳ ନୁହେଁ ପରକାଳ ପାଇଁ ପ୍ରାଚୁର୍ଯ୍ୟ, ଶାନ୍ତି ଓ ସମୃଦ୍ଧିର ଆଲୋକବର୍ତ୍ତିକା ସାଜିବ। ଏହି ମର୍ମରେ ମନେପଡୁଛି କାନ୍ତ କବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ କାଳଜୟୀ ଧାଡ଼ିଟି - 'ଧନ କାହାପାଇଁ ରଖିବୁ ସଞ୍ଚି, କେତେ କାଳ କିଏ ରହୁଛି ବଞ୍ଚି, ଯେତେ କରୁଥିବୁ ଦାନ, ପୁଣ୍ୟ ବଳେ ମନ ନିର୍ମଳ ହୋଇବ ସେତିକି ବଢ଼ିବ ଧନ'।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Manchesware Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

# ପିଲାଙ୍କ ମହାଭାରତ-୮୨



ନିତ୍ୟାନନ୍ଦ ପଣ୍ଡା

## ମତ୍ସ୍ୟ ରାଜ୍ୟରେ ପାଣ୍ଡବଙ୍କ ମନ୍ତ୍ରଣା-୧



ଶ୍ରୀକୃଷ୍ଣଙ୍କ ପରେ ବଳରାମ ଉଠିଲେ । କହିଲେ: କୃଷ୍ଣ ଯାହା ଯେପରି କହିଛି, ମୁଁ ତାକୁ ସମର୍ଥନ କରୁଚି । ଜଣେ ଦକ୍ଷ ବ୍ୟକ୍ତିଙ୍କୁ ଦୁର୍ଯ୍ୟୋଧନଙ୍କ ନିକଟକୁ ଶାନ୍ତିର ବାର୍ତ୍ତା ଦେଇ ପଠାଯାଉ । ବାର୍ତ୍ତାରେ ପାଣ୍ଡବ ମାନଙ୍କର ନ୍ୟାଯ୍ୟ ଅଧିକାର ରହିବା ଆବଶ୍ୟକ । ଭୀଷ୍ମ, ଧୃତରାଷ୍ଟ୍ର, ଦ୍ରୋଣ କୃପାଚାର୍ଯ୍ୟଙ୍କ ସହ ଆଲୋଚନା କରି ଯେପରି ବାଟ ବାହାରିବ । ଦରକାର ପଡ଼ିଲେ କର୍ଣ୍ଣ ଓ ଶକୁନିଙ୍କୁ ମନାଯାଉ । କାହିଁକିନା ଯୁଦ୍ଧରୁ କୌଣସି ପକ୍ଷକୁ କିଛି ସୁଫଳ ମିଳିବନାହିଁ । ଦୁର୍ଯ୍ୟୋଧନ ଯେପରି ଭାବିବ, ତାକୁ ଅନୁରୋଧ କରାଯାଉଛି ।

ବଳରାମ ପୁଣି କହିଲେ- ପଶା ଖେଳରେ ଶକୁନିର ସମାସ୍କନ୍ଧ ନୁହଁନ୍ତି, ଏକଥା ଯୁଧିଷ୍ଠିର ଜାଣିଥିଲେ ମଧ୍ୟ ବାଜି ରଖି ପଶା ଖେଳିଲେ ଓ ରାଜ୍ୟ ହରେଇଲେ । ତେଣୁ ଚତୁରତା ସହ ଉକ୍ତ କାର୍ଯ୍ୟ କରାଯିବା ଉଚିତ୍ । ବଳରାମଙ୍କର ସ୍ପଷ୍ଟ ମତ ହେଲା, ଯୁଦ୍ଧ ଦ୍ୱାରା ଏହାର ସମାଧାନ ସମ୍ଭବ ନୁହଁ ।

ବଳରାମଙ୍କର କଥା ସରିବାପରେ ଅନ୍ୟତମ ଯାଦବ ନେତା ସାତ୍ୟକି ଉଠିଲେ । ତାଙ୍କ ମୁହଁରେ ଅବଜ୍ଞା ଓ କ୍ରୋଧ ଉତୁରି ଆସୁଥିଲା । ସେ କହିଲେ: ବଳରାମଙ୍କ କଥା ଶୁଣିଲି । ତାଙ୍କର କଥା ମୋର ପସନ୍ଦ ନୁହଁ । ମୁଁ ପ୍ରତିବାଦ କରୁଛି । ଯେଉଁ ଦୁର୍ଯ୍ୟୋଧନ ଜୀବନ ସାରା କେବଳ ଛଳ କରି ଶିଖିଛି, ତାଠୁ ନ୍ୟାୟ ଓ ସତ୍ୟ ଆଶା କରାଯାଏନା । ସେ 'ହଁ' କହିବ ଓ ବିପରୀତ କାମ କରିବ । ବଳରାମ କହୁଛନ୍ତି ସେପରି ଲୋକଙ୍କ ପାଖକୁ ଅନୁରୋଧର ବାର୍ତ୍ତା ପଠେଇବାକୁ! ସମ୍ଭବନୁହଁ । ତା'ର ପରାମର୍ଶଦାତା ଗୋଟେ କୁଚକ୍ରୀ ଗୋଷ୍ଠୀ । ଧୃତରାଷ୍ଟ୍ରଙ୍କୁ ସେ ମାନେନାହିଁ । ପାଣ୍ଡବମାନଙ୍କ ଉପରେ ଆଉ କେତେ ଅତ୍ୟାଚାର କଲେ ଆମେ ତାକୁ ବୁଝିବା? ଧର୍ମଯୁଦ୍ଧ ସର୍ବାଦୌ ଗ୍ରହଣୀୟ ।

ଦୂତ ପଠେଇବ ଯଦି ପଠାଅ, କିନ୍ତୁ ଯୁଦ୍ଧ ହିଁ ଏକମାତ୍ର ବିକଳ୍ପ । ମୋର ଏପରି ଅପ୍ରିୟ ସତ ପାଇଁ ମୁଁ କ୍ଷମା ମାଗୁଛି । ତଥାପି ମୋ କଥାରେ ମୁଁ ଦୃଢ଼ ।

ସାତ୍ୟକିର କଥା ଉପସ୍ଥିତ ବରିଷ୍ଠମାନଙ୍କ ମଧ୍ୟରେ ନୂଆ ଆଶା ଓ ସାହସ ଭରି ଦେବାପରି ଜଣାଗଲା । ରାଜା ଦ୍ରୁପଦ ଏତେ ପ୍ରଭାବିତ ହେଲେ ଯେ ଠିଆ ହୋଇପଡ଼ିଲେ । କହିଲେ : ସାତ୍ୟକିଙ୍କୁ ମୁଁ ସମର୍ଥନ କରୁଛି । ସେ ଉଚିତ୍ କଥା କହିଛନ୍ତି । ଶାନ୍ତିର ବାର୍ତ୍ତା ଦୁର୍ଯ୍ୟୋଧନର ମୁଣ୍ଡକୁ ଠିକ୍ ବାଟକୁ ଆଣିପାରିବ ନାହିଁ । ସାଲ୍ୱ, କେକୟ, ଧୃଷ୍ଟକେତୁ ଓ ଜୟତ୍ସେନଙ୍କ ପାଖକୁ ଖବର ପଠାଯାଉ । ଆମେ ଆମର ଯୁଦ୍ଧ ପ୍ରସ୍ତୁତିରେ ରହିବା । ଅବଶ୍ୟ ଜଣେ ଦୂତକୁ ପଠେଇବା । ମୋ ଦରବାରରେ ଥିବା ଗୁଣୀ ଓ ଦକ୍ଷ ବ୍ରାହ୍ମଣଙ୍କୁ ହସ୍ତିନାପୁର ପଠେଇବା । ସେ ଦୁର୍ଯ୍ୟୋଧନକୁ କ'ଣ କହିବ ତାକୁ ବୁଝେଇ କହିବା । ଏବଂ ଜ୍ଞାନୀ ଧୃତରାଷ୍ଟ୍ର, ଭୀଷ୍ମ ଓ ଦ୍ରୋଣାଚାର୍ଯ୍ୟଙ୍କ ନିକଟରେ କିପରି ଦାବି ଉପସ୍ଥାପନ କରିବ, ତାଙ୍କୁ ବୁଝେଇ କହିବା । କିନ୍ତୁ ମୁଁ ନିଶ୍ଚିତ ଯେ ଦୁର୍ଯ୍ୟୋଧନକୁ ବାଟକୁ ଆଣିବା ଅସମ୍ଭବ । ତେଣୁ ଯୁଦ୍ଧ ହେଉଚି ଏକମାତ୍ର ବିକଳ୍ପ । (କ୍ରମଶଃ ...)

*ନରଣପୁର, କୋଦଣ୍ଡପୁର*
*ଯାଜପୁର ଟାଉନ୍- ୭*
*ମୋ- ୮୨୪୯୬୯୩୩୦୮*



## ବିପଦ ଯିବଟି ଦୂର

*ଶୁଭନାରାୟଣ ଶତପଥୀ*

ଖରା ଆସେ ମାଡି ମାଡି
ତାତିଯାଏ ଘରବାଡି
ଲୋକ, ପଶୁପକ୍ଷୀ ଡହଳ ବିକଳ
ବିକଳେ ଛାଡନ୍ତି ରଡି

ଗାଡି, ଏସି ମାଳମାଳ
ବଢାଏ ଅଙ୍ଗାରକାମ୍ଳ
କାରଖାନା ଧୂଆଁ ପ୍ରଦୂଷିତ କରେ
ନିଅଣ୍ଟ ହୁଅଇ ଜଳ

ଜଳ ବିନା ସୃଷ୍ଟି ନାଶ
ଜଳ ନପିଇଲେ ଶୋଷ
ଶୋଷରୁ ବଢଇ ଅଂଶୁଘାତ ଆଶା
ଛାଇ ତଳେ ଯାଇ ବସ

ପଖାଳ ଦେହକୁ ହିତ
ପିଅ ଦହି ସରବତ
ନିତି ତରଭୁଜ କାକୁଡି ଖାଇଲେ
ଆସିବନି ଅଂଶୁଘାତ

ହାତରେ ଧରିବ ଛତା
ପାଦରେ ପିନ୍ଧିବ ଜୋତା
ପାଣି ବୋତଲକୁ ପାଖରେ ରଖିଲେ
ଉତାପରୁ ମିଳେ ରକ୍ଷା

କାଳ ବଇଶାଖୀ ଡର
ଝଡ ବର୍ଷା ପବନର
ସୂଚନାକୁ ପଢି ସତର୍କ ରହିଲେ
ବିପଦ ଯିବଟି ଦୂର

*ବିଜିପୁର, ବ୍ରହ୍ମଗିରି, ପୁରୀ*
*ମୋ-୯୩୮୪୩୨୦୨୩*

## ଖରା

*ହୃଦାନନ୍ଦ ସୁନାନୀ*

ଖରା ବଢ଼ି ଆସିଲାଣି ଆସ୍ତେ ଯେ
ଉତ୍ତାପ ଅତ୍ୟଧିକ ହେବ
ଭାରତୀୟ ପାଣିପାଗ ବିଭାଗ
ଆମକୁ ସୂଚନା ଯେ ଦେବ -(୦)

ଖରା ବେଶି ଯୋଗୁଁ ତୃଷା ବଢ଼ଇ
ଲୋକେ ପାଣି ବେଶି ପିଅନ୍ତି
କଲବଲ ହୋଇକି ବହୁତ ଲୋକେ
ଗ୍ରୀଷ୍ମରେ ପ୍ରାୟ ବଞ୍ଚିଥାନ୍ତି -(୧)

ଖରା ବେଳେ ଚାଲିଲେ ଲାଗେ ହାଲିଆ
ଛାଇ ସ୍ଥାନ ଲାଗେ ଆରାମ
ଅଂଶୁଘାତର ସମ୍ଭାବନା ଥାଏ ଯେ
ଭୀଷଣ ଖରାବେଳେ ଆମ -(୨)

ଖରା ବେଳେ ଦେହରୁ ଫୁଟଇ ଝାଳ
ତେଣୁ ପିଅ ଯଥେଷ୍ଟ ପାଣି
ଦେହରୁ ଜଳୀୟ ଅଂଶ ନ କମିବ
ଖାଅ ଦହି ପଖାଳ ଜାଣି -(୩)

*କଳାହାଣ୍ଡି*
*ମୋ-୯୧୭୮୫୪୪୮୫୯*





## କାମ ହୋଇବ ନାହିଁ

**ଡକ୍ଟର ଲକ୍ଷ୍ମୀକାନ୍ତ ଖୁଣ୍ଟିଆ**

ସୂର୍ଯ୍ୟ ଯଦି ଛୁଟିରେ ଯିବେ
କି ଅସୁବିଧା ହେବ
ପବନ କଲେ ଅନଶନ
ଦାୟିତ୍ୱ କିଏ ନେବ ?

ଗଛରେ ଫୁଲ ଫୁଟିବ ନାହିଁ
ପାଣିରେ ମାଛ ଖେଳିବେ ନାହିଁ
ଝରଣା ଆଉ ଝରିବ ନାହିଁ
ନଈ ସାଗରେ ମିଶିବ ନାହିଁ

କି ଅସୁବିଧା ହେବ
ତାଙ୍କରି କାମ ଆଉ କେ ଆସି
କହ ତୁଲାଇ ଦେବ ?

ବଳଦ ସବୁ ପାଠ ପଢ଼ିବେ
ପଢ଼ିବା ସାରା ବଲ୍ ଖେଳିବେ
ଗଧ ବସିକି ଗୀତ ଗାଇବେ
କୁକୁଡ଼ା ଆସି ଘର ତୋଳିବେ
କି ଅସୁବିଧା ହେବ
କାମିକା ସବୁ ଘରେ ଶୋଇଲେ
ସବୁ ବିଗିଡ଼ି ଯିବ ।

ଯାହାର କାମ ଯିଏ ପାଇଛି
ସିଏ ଜାଣିକି ସବୁ କରୁଛି
କାହାର କାମ କିଏ କରିଲେ
ଅବେଳଟାରେ ଅଣ୍ଟା ଭିଡ଼ିଲେ
କାମ ହୋଇବ ନାହିଁ
ତୁଚ୍ଛାରେ ଖାଲି ଅନ୍ଧାରଟାରେ
ଘୂରିବୁଲିବା ଭାଇ ।

*କ୍ୱାର୍ଟର ନମ୍ବର-ଆଇଭିବି-୫୦/୧, ୟୁନିଟ୍-୩, ଖାରବେଳନଗର, ଭୁବନେଶ୍ୱର-୭୫୧୦୦୧*
*ଭ୍ରାମ୍ୟଭାଷ-୬୩୭୨୯୧୫୪୧୮*

## ପଖାଳ ପାଣି

*ଧ୍ରୁବ ଚରଣ ଘିବେଲା*



ବଢ଼ିଆ ଲାଗେ ପଖାଳ ଭାତ
ଖର ଖରା ବେଳରେ
ଲୁଣ ମରିଚ କଟା ପିଆଜ
ପଖାଳ ସାଥେ ଥିଲେ ।
ପଖାଳ ଖାଇ ପାଣି (ପେଜ)କୁ ପିଇ
ନେଲେ ଲାଗେ ବଢ଼ିଆ
ଖରା ବେଳରେ ଦିଏ ଆରାମ
ପଖାଳପାଣି ପିଆ ।
ଗରମ ଯୋଗୁଁ ଅସୁଖ ଭାବ
ଲାଗେ ଖରାଦିନରେ
ଦହି ଛୁଙ୍କର ବାସି ପଖାଳ
ସୁଖ ଦିଏ ଖାଇଲେ ।
ଓଡ଼ିଆଙ୍କର ଅତି ଆଦର
ବାସି ଭାତ ପଖାଳ
ଧନୀ ଗରିବ ସବୁରି ପ୍ରିୟ
ଆଜି ସେଇ ପଖାଳ ।
ସବୁରି ଘରେ ଖରାଦିନରେ
ପଖାଳର ଆଦର

ପଖାଳ କିଏ ଦିନକୁ ଖାଏ
ଖୁସିରେ ବହୁବାର ।
ଯିଏ ପାଇଛି ସିଏ ଜାଣିଛି
ପଖାଳଖିଆ ମଜା
ଚାହେଁ ଯିଏ ସେ ତାହା ପାଇଁ କି
ପଖାଳ ପଡ଼େ ଖୋଜା ।
ଖରା ଦିନରେ ଖରା ବେଳରେ
ଲାଗେ ଅତି ବଢ଼ିଆ
କିମିଆଁକରା ପଖାଳଖିଆ
ସୁଆଦ ଜମାଣିଆ ।

*ବଉଦରାଜ-୭୬୨୦୧୪, ଜି-ବୌଦ୍ଧ*
*ମୋ-୯୪୩୭୪୭୮୪୬୬*

## ଦିମୁଠା ପଖାଳ

*ପ୍ରଶାନ୍ତ କୁମାର ଦାଶ*

ଦିମୁଠା ପଖାଳ ଗରିବର ବଳ
ତଡିଦିଏ ପେଟ ଭୋକ
ତଥାପି ଆଖିରେ ଆଖିଏ ସପନ
ସଞ୍ଚିଥାଏ ଦୁଃଖୀ ଲୋକ ॥

ଝାଟିମାଟି ଗଢା ଚାଳଘରେ ଥାଏ
ପଖାଳ ଖାଇବା ଖୁସୀ
ଫଳାଏ ସୁନାର ଫସଲ କ୍ଷେତରେ
ପଖାଳ ଖାଇକି ଚାଷୀ ॥

ଅଳିଆ ଗଦାରୁ ପ୍ଲାଷ୍ଟିକ ଗୋଟାଏ
ମଣିଷ ତା ପେଟ ପାଇଁ
ପଖାଳ ଖାଇ ସେ ନିଦାଘ ଖରାରେ
ନିତି ଯାଉଥାଏ ଧାଇଁ ॥

ପଖାଳରେ ଥାଏ ବଞ୍ଚିବାର ଆଶା
ସୁଖ ସଫଳତା ମୋହ
ପଖାଳ ତୁଟାଏ ମଣିଷ ଆଖିର
ଲୁହ ଛାତିଫଟା କୋହ ॥

ତାତି ଖରା ବେଳେ ପଖାଳ ଭାତର
ଆଦର ବଢଇ ବେଶୀ
ପଖାଳ ପିଆଜ ଶାଗଭଜା ଖାଏ
ଦୂରୁ ଆସି ପରଦେଶୀ ॥

ବଡିଚୁରା ଶାଗଭଜା ଓ ପଖାଳ
ପାଟିକୁ ଲାଗଇ ଭଲ
ବୋଉତ ଖୁଆଏ କୁନାକୁ ସକାଳୁ
କରିକି ଆଦର ଗେଲ ॥

ଖରାଦିନେ ଖାଇ ପଖାଳ ତୋରାଣି
ପଢା କାମେ ଦେବା ମନ
ହାତରେ ଖସିବ ସୁଖ ସଫଳତା
ଶାନ୍ତିର ପୁନେଇଁ ଜହ୍ନ ॥

*କୁଞ୍ଜର-ସଙ୍ଗଳାଇ, ପିପିଲି-ପୁରୀ*
*ମୋ-୯୬୬୮୮୨୨୧୯୦*

## ମନ

*କୀର୍ତ୍ତନ ସାହୁ*

ମନଟିଏ ଆମ ମନଟିଏ
ସବୁବେଳେ ପାଖେ ଥାଏ ଯିଏ
କାମ କରିବାକୁ
ମନଟିଏ ଲୋଡା
ଯିଏ କରେ ପରା ଜାଣେ ସିଏ ।

ଭଲ ମନ ନେଇ କାମ କଲେ
ସଫଳତା ମିଳିଥାଏ ଭଲେ
ମନ ଭଲ ନାହିଁ
କାମ କଲେ ତହିଁ
ଭୁଲ ହୋଇଥାଏ ଯେଣେ ଗଲେ ।

ମନ ଦେଇ ଯେବେ ପାଠ ପଢ଼
ସଫଳତା ସିଡ଼ି ନିଶ୍ଚେ ଚଢ଼
ଦିନୁ ଦିନ ତମେ
ଭଲ କରି କରି
ଆଗକୁ ଆଗକୁ ଧୀରେ ବଢ଼ ।

ଯାହା ଖାଅ ମନ ଦେଇ ଖାଅ
ତେବେ ତାର ସୁଆଦଟି ପାଅ
ଭଲ ମନ ନେଇ
ଖାଇ ଦେଲେ ସିନା
ଖୁସି ହୋଇ ଆଗକୁ ହିଁ ଯାଅ ।

ସବୁ କ୍ଷେତ୍ରେ ଥାଏ ଏଇ ମନ
ଇଏ ଆମ ପାଇଁ ବଡ ଧନ
ମନଟିକୁ ସୁସ୍ଥ
ରଖି ପାରିଲେଟି
ପୁଲକିତ ହେବ ହୃଦ ବନ ।

*ମିଶ୍ର କଲୋନୀ,ଶାଳପଡ଼ା,କେନ୍ଦୁଝର*
*ଦୂର ଭାଷ- ୯୪୩୮୪୧୪୭୦୧*



## ଆଜି ରାଜାଭାଇ ଜନମ ଦିନ

*ସୁରମା ମିଶ୍ର*

ଆଜି ରାଜାଭାଇ ଜନମ ଦିନ
ଆସ ଯିବା ଆମେ ଅନାଥାଶ୍ରମ
କେତେ ଛୋଟପିଲା ଥିବେ ସେଠାରେ
ବାପା ମାଆ ବିନା ମନ ଦୁଃଖରେ ॥

ଚାଲ ଆମେ ଖାଦ୍ୟ ପୁଡିଆ କିଣି
ଦେବାରେ ତାଙ୍କର ହାତରେ ଆଣି
ଗପ ବହି କିଛି ନେବାରେ ଆମେ
ପଢ଼ିଲେ ଖୁସି ହେବେ ସେମାନେ ॥

ରଙ୍ଗ ତୁଳି ନେଇ ଆମେରେ ଯିବା
ଚିତ୍ର କରିବା ତାଙ୍କୁ ଶିଖାଇବା
ଚାଲ ଆମେ ସବୁ ଚାନ୍ଦା କରିବା
ଛେନାପୋଡଟିଏ କିଣି ଆଣିବା ॥

ତା ସାଥିରେ କିଛି ବେଲୁନ ନେଇ
ଆଶ୍ରମଟାକୁରେ ଦେବା ସଜାଇ
ସବୁ ପିଲାଙ୍କୁ କରି ଏକାଠି
ତାଙ୍କ ହାତେ ପୋଡ ଦେବାରେ କାଟି ॥

ଖୁସିରେ ପିଲାଏ ତାଳି ମାରିବେ
ରାଜା ଭାଇଙ୍କୁ ଶୁଭେଚ୍ଛା ଦେବେ
ତାପରେ ଖାଦ୍ୟ ପୁଡିଆ ନେଇ
ପିଲା ମାନଙ୍କୁ ଦେବା ଖୁଆଇ ॥

ଖାଇସାରି ସବୁ ହୋଇବେ ଖୁସି
ଓଠରୁ ହସର ଧାର ବରଷି
ଘରେ ବାପା ମାଆ ଆଡମ୍ବରରେ
ପାଳନ କରନ୍ତି ଜନ୍ମ ଦିନରେ ॥

ବାପା ମାଆଙ୍କୁରେ ବୁଝାଇ ଦେବା
ସେ ଦୁହିଁଙ୍କୁ ଆମ ସଙ୍ଗେ ଆଣିବା
କରିବା ଆମେ ଶପଥ କରିବା
ଏହିପରି ଜନ୍ମ ଦିନ ପାଳିବା ॥

*ବିଏଲ୍ ୩୯, ଭିଏସ୍ଏସ୍ ନଗର, ଭୁବନେଶ୍ୱର*
*ମୋ-୯୮୫୩୩୪୩୯୬୫*





## ମଇ ମାସର ପର୍ବପର୍ବାଣୀ

*ନିରଞ୍ଜନ ସାହୁ*

ଆସିଗଲା ମଇ ମାସ
ଭାଇଭଉଣୀଏ ଆସ
ଏହି ମାସେ କେଉଁ ପରବ ପଡ଼ିବ
କରିବ କି ପରକାଶ ?

ପିଲାମାନେ ହେଲେ ମେଳ
ଆରମ୍ଭିଲା ନୂଆ ଖେଳ
ଆଲୋଚନା ହେଲା କିଏ ସେ କହିବ
ସହଜେ ଗ୍ରୀଷମ ବେଳ ।

ଆଗେଇ ଆସିଲା ସନା
ଅଟଇ ଟିକିଏ ଖନା
'ମଇ ମାସେ କେଉଁ ପରବ ପଡିବ
କହିବି ମୋ ଆଡେ ଅନା ।

ମଇର ପହିଲା ଯେବେ
ଶ୍ରମିକ ଦିବସ ତେବେ
ବୈଶାଖ ଶେଷରେ ଚନ୍ଦନ ପୂର୍ଣ୍ଣିମା
ଚାପ ଖେଳ ଧାନ ଦେବେ ।

ବୁଦ୍ଧ ପୂର୍ଣ୍ଣିମାର ନାମେ
ବୌଦ୍ଧ ଧରମର ଧାମେ
ମହାଆଡମ୍ବରେ ପାଳନ ହୋଇବ
ଭିକ୍ଷୁ ଲାଗିଥିବେ କାମେ ।

ଜଳକ୍ରୀଡା ଏକାଦଶୀ
ଉପବାସ କର ହସି
ବୃଷ ସଙ୍କରାନ୍ତି ଆସିଯିବ ପୁଣି
ପାଳିବ ଭକ୍ତିରେ ରସି ।

ସାବିତ୍ରୀ ବରତ ହେବ
ସାବିତ୍ରୀଙ୍କ ପାଦ ସେବ
ଯମ ଦରବାର ସ୍ୱାମୀଙ୍କ ଜୀବନ
ସହଜେ ଫେରାଇ ଦେବ ।

ଜାଣିରଖ ମଇ ମାସେ
ଇଦୁଲ୍‌ଜୁହା ପୁଣି ଆସେ
ଏହିପରି ଭାବେ ନାନା ପର୍ବ ପଡ଼େ
ହସି ହସି ସନା ଭାଷେ ।

*ନିହଲ ପ୍ରସାଦ, ଗଁଦିଆ ପାଟଣା, ଢେଙ୍କାନାଳ- ୭୫୯୦୧୬*
*ମୋ- ୯୯୩୮୭୪୧୫୮୩*

## ଖରା ମାରେ ଟାଇଁ ଟାଇଁ

*ପବିତ୍ର କୁମାର ସାହୁ*



ଟାଇଁ ଟାଇଁ ଟାଇଁ ଟାଇଁରେ
ଟାଇଁ ଟାଇଁ ଟାଇଁ ଟାଇଁ,
ଖରା ମାରେ ଟାଇଁ ଟାଇଁରେ
ଖରା ମାରେ ଟାଇଁ ଟାଇଁ ।
ପାଣି ପିଇବା ସୁସ୍ଥ ରହିବା
ଯିବାନି ଘରୁ କାହିଁରେ
ଯିବାନି ଘରୁ କାହିଁ,
ଟାଇଁ ଟାଇଁ ଟାଇଁ ଟାଇଁରେ
ଟାଇଁ ଟାଇଁ ଟାଇଁ ଟାଇଁ ।୧।

ସାଇଁ ସାଇଁ ସାଇଁ ସାଇଁରେ
ସାଇଁ ସାଇଁ ସାଇଁ ସାଇଁ,
ପବନ ବହୁଛି ସାଇଁରେ
ପବନ ବହୁଛି ସାଇଁ ।
ଶୁଖାଇ ଦିଏ ଦେହର ଝାଳ
ଥଣ୍ଡା ପବନ ଦେଇରେ
ଥଣ୍ଡା ପବନ ଦେଇ,
ସାଇଁ ସାଇଁ ସାଇଁ ସାଇଁରେ
ସାଇଁ ସାଇଁ ସାଇଁ ସାଇଁ ।୨।

ଝିପି ଝିପି ଝିପି ଝିପିରେ
ଝିପି ଝିପି ଝିପି ଝିପି,
ବରଷା ପଡ଼ଇ ଝିପିରେ
ବରଷା ପଡ଼ଇ ଝିପି ।
ହାତରେ ଛତା ଧରିକି ଆମେ
ଯିବାରେ ପାଠ ପଢ଼ିରେ
ଯିବାରେ ପାଠ ପଢ଼ି,
ଝିପି ଝିପି ଝିପି ଝିପିରେ
ଝିପି ଝିପି ଝିପି ଝିପି ।୩।

ହୁତୁ ହୁତୁ ହୁତୁ ହୁତୁରେ
ହୁତୁ ହୁତୁ ହୁତୁ ହୁତୁ,
ନିଆଁ ଜଳେ ହୁତୁ ହୁତୁରେ
ନିଆଁ ଜଳେ ହୁତୁ ହୁତୁ ।
ଚୁଲି ନିଆଁରେ ମାଆ ରାନ୍ଧଇ
ଭାତ ତରକାରୀ ଛତୁରେ
ଭାତ ତରକାରୀ ଛତୁ,
ହୁତୁ ହୁତୁ ହୁତୁ ହୁତୁରେ
ହୁତୁ ହୁତୁ ହୁତୁ ହୁତୁ ।୪।

ଫର ଫର ଫର ଫରରେ
ଫର ଫର ଫର ଫର,
ତ୍ରିରଙ୍ଗା ଉଡ଼ଇ ଫରରେ
ତ୍ରିରଙ୍ଗା ଉଡ଼ଇ ଫର ।
ଭାରତ ଦେଶ ଆମରି ମାଆ
ରଖିବା ଟେକ ତାରରେ
ରଖିବା ଟେକ ତାର,
ଫର ଫର ଫର ଫରରେ
ଫର ଫର ଫର ଫର ।୫।

*ସଂସ୍କୃତ ଶିକ୍ଷକ, ଅତାସାହି, ଆନନ୍ଦପୁର, କେନ୍ଦୁଝର*
*ମୋ -୯୭୭୭୫୬୦୯୨୧*

## ଖରାଛୁଟି ହେଲା ମିତ...

*ରାମଚନ୍ଦ୍ର ବେହେରା*



ସକାଳ ପହରୁ ମାଡି ଆସୁଅଛି
ବଇଶାଖ ଟାଣ ଖରା
ଅସହ୍ୟ ତାତିରେ ଧୂଳି ଧୂସରିତ
ଆମରି ସବୁଜ ଧରା ।

ସକାଳ ନଅରୁ ଉହ ପବନରେ
ତାତିଉଠେ ଚଲାପଥ
ସେଥିପାଇଁ ରାଜ୍ୟ ପ୍ରଶାସନ କଲେ
ଖରାଦିନ ଛୁଟି ମିତ ।

ଆଉ ଯିବା ନାହିଁ ବିଦ୍ୟାଳୟ ଆମେ
ଘରେ ହିଁ ପଢିବା ପାଠ
ଗୁରୁଜୀଙ୍କ ଦିଆ ଗୃହକର୍ମ ଯେତେ
କରିବା ନକରି ମଠ ।

ଘରେ ରହି ନିତି ପଣା ସରବତ
ସରାଗେ ପିଇବା ଆମେ
ପଖାଳ ତୋରାଣି ତରଭୁଜ ଫଳ
ଖାଇବା ହରଷ ମନେ ।

ଥଣ୍ଡା ପାନୀୟକୁ ନଛୁଇଁବା କେବେ
ଦେବ ସିଏ ସର୍ଦ୍ଦି କାଶ

ମାଠିଆର ଜଳ ଲେମ୍ବୁ ସରବତ
ପିଇ ମେଣ୍ଟାଇବା ଶୋଷ ।

ମସଲା ତିଅଣ ଛଣା ଦରବଠୁ
ଦୂରେଇ ରହିବା ଭଲ
ଲୋଭ ନସମ୍ଭାଳି ଖାଇଲେ ତାହାକୁ
ନିଶ୍ଚେ ହେବା କଲବଲ ।

ଖରା ନିୟମକୁ ମାନିକି ଚଳିବା
ଅଝଟ ହେବାନି କେବେ
ଖରାଛୁଟି ପରେ ବରଷା ଆସିବ
ଡଙ୍ଗା ଭସାଇବା ତେବେ ।

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*



## ନ ହେଉ ବଣପୋଡ଼ି

*ନୀଳମଣି ଚାନ୍ଦ*

ବିଲୁଆନନା ବିଲୁଆନନା
ବଣ ଯାଉଛି ପୋଡ଼ି
ଗାତ ଭିତରେ ଶୋଇଗଲୁ କି
କମ୍ବଳଟିଏ ଘୋଡ଼ି ।
ଖରା ବଢୁଛି ଉତ୍ତାପ ବଢ଼େ
ବଣରେ ଲାଗେ ନିଆଁ

ପଶୁ ପକ୍ଷୀଏ ବିକଳ ଭାରି
ହରିଣ ମାରେ ଡିଆଁ ।
ଲଗେଇଦେଲା ନିଆଁ କି କିଏ
ନା ଆପେ ଜଳେ ସିଏ
ଡେରି ନକରି ଦମକଳକୁ
ଫୋନ୍ କରୁ କିଏ ।

ବଣରେ କେତେ ଗଛ ବୁରୁଛ
ପୋଡ଼ି ପାଉଁଶ ହେବ
ସିଏ ଜାତୀୟ ସମ୍ପତ୍ତି ଆମ
କିଏ ତା ମୂଲ ଦେବ ?
ସବୁ ବରଷ ଗ୍ରୀଷ୍ମ ଋତୁରେ
ବଣ ପୋଡ଼ିଟି ହୁଏ
ହୁଏ ଯା କ୍ଷତି କହିଦେବାଟା
ଏତେ ସହଜ ନୁହେଁ ।
ଏ ଏକ ବଡ଼ ସମସ୍ୟା ପରା
ମନରେ ଆସେ ଭୟ
ବଣ ନ ପୋଡୁ କହିବା ହେଉ
ପରିବେଶର ଜୟ ।

*ମନ୍ଦମାନୋର,ଗୋଠପାଟଣା,ଭୁବନେଶ୍ୱର*
*ମୋ-୯୫୮୩୨୦୨୩୫୭*

# ଆଇପିଏଲରେ ପ୍ରଥମ ଓଭରରେ ସର୍ବାଧିକ ରନ କରିଥିବା ଦଳ ହେଉଛି ରାଜସ୍ଥାନ ରୟାଲ୍ସ

**ନୂଆଦିଲ୍ଲୀ**

ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ରେ ଏକ ନୂତନ ଧାରା ଦେଖାଯାଉଛି ଯେ ବ୍ୟାଟ୍ସମ୍ୟାନ୍‌ମାନେ ପ୍ରଥମ ବଲ୍‌ରେ ବାଉଣ୍ଡରୀ ମାରିବାକୁ ଚେଷ୍ଟା କରୁଛନ୍ତି। ବୈଭବ ସୂର୍ଯ୍ୟବଂଶୀ, ଅଭିଷେକ ଶର୍ମା ଏବଂ ପ୍ରିୟାଂଶ ଆର୍ଯ୍ୟଙ୍କ ଭଳି ବିସ୍ଫୋରକ ବ୍ୟାଟ୍ସମ୍ୟାନ୍‌ମାନେ ପ୍ରଥମ ଓଭରରେ ବ୍ୟାଟ୍‌କୁ ଏପରି ସ୍ୱିଙ୍ଗ୍ କରନ୍ତି ଯେପରି ଏହା ଛକା କିମ୍ବା ଚୌକା ହେବ। ଏହି କାରଣରୁ ଅନେକ ଦଳ ଇନିଂସ୍‌ର ପ୍ରଥମ ଓଭରରେ ଚୌକା ଏବଂ ଛକା ବର୍ଷା କରିଛନ୍ତି।

ଆଇପିଏଲ୍ ଇତିହାସରେ ପ୍ରଥମ ଓଭରରେ ସର୍ବାଧିକ ରନ୍ କରିଥିବା ଦଳ ହେଉଛି ରାଜସ୍ଥାନ ରୟାଲ୍ସ, ଯିଏ ୨୦୨୩ ମସିହାରେ କୋଲକାତା ନାଇଟ୍ ରାଇଡର୍ସ ବିପକ୍ଷରେ ପ୍ରଥମ ଛଅ ବଲ୍‌ରେ ୨୬ ରନ୍ କରିଥିଲା। ଯଶସ୍ୱୀ ଜୟସ୍ୱାଲ ଏକା ସେହି ଓଭରରେ ଦୁଇଟି ଛକା ଏବଂ ତିନୋଟି ଚୌକା ମାରିଥିଲେ। ଦିଲ୍ଲୀ କ୍ୟାପିଟାଲ୍ସ ଏହି ତାଲିକାରେ ଦ୍ୱିତୀୟ ସ୍ଥାନରେ ଅଛି, ୨୦୨୧ ମସିହାରେ କୋଲକାତା ନାଇଟ୍ ରାଇଡର୍ସ ବିପକ୍ଷରେ ୨୪ ରନ୍ କରିଥିଲା।

ଏହି ସିଜନ୍‌ରେ, କୋଲକାତା ନାଇଟ୍ ରାଇଡର୍ସର ଫିନ୍ ଆଲେନ୍ ବିପର୍ଯ୍ୟୟ ଘଟାଇ କୋଲକାତାକୁ ପ୍ରଥମ ଓଭରରେ ୨୪ ରନ୍ ଦେଇଥିଲେ। ଏହି ତାଲିକାରେ ପଞ୍ଜାବ କିଙ୍ଗ୍ସ ମଧ୍ୟ ଅଛି, ଆଇପିଏଲ ୨୦୨୬ରେ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ପଞ୍ଜାବ କିଙ୍ଗ୍ସ ବ୍ୟାଟ୍ସମ୍ୟାନମାନେ ପ୍ରଥମ ଓଭରରେ ୨୨ ରନ ସଂଗ୍ରହ କରିଥିଲେ।

୨୬ ରନ – ରାଜସ୍ଥାନ ରୟାଲ୍ସ, ୨୪ ରନ – ଦିଲ୍ଲୀ କ୍ୟାପିଟାଲ୍ସ, ୨୪ ରନ – କୋଲକାତା ନାଇଟ୍ ରାଇଡର୍ସ, ୨୨ ରନ – ରାଜସ୍ଥାନ ରୟାଲ୍ସ, ୨୨ ରନ – ପଞ୍ଜାବ କିଙ୍ଗ୍ସ।



# ଜସପ୍ରୀତ ବୁମ୍‌ରା, ମହମ୍ମଦ ସାମିଙ୍କୁ ନେଇ ବଡ଼ ନିଷ୍ପତ୍ତି ନେଇପାରେ ବିସିସିଆଇ

**ନୂଆଦିଲ୍ଲୀ**



ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ୩୧ ତାରିଖରେ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଖେଳାଯିବ। ଏହା ପରେ ଅନ୍ତର୍ଜାତୀୟ କ୍ରିକେଟ୍ ପୁଣି ଆରମ୍ଭ ହୋଇଯିବ। ଆସନ୍ତା ଜୁନ ୬ ତାରିଖ ଠାରୁ ଭାରତୀୟ ଟିମ୍‌କୁ ଆଫଗାନିସ୍ତାନ ବିପକ୍ଷରେ ଟେଷ୍ଟ ମ୍ୟାଚ୍ ଖେଳିବାକୁ ପଡ଼ିବ। କୁହାଯାଉଛି ଯେ, ଆଇପିଏଲ୍ ଶେଷ ହେବା ପୂର୍ବରୁ ଆଫଗାନିସ୍ତାନ ବିପକ୍ଷ ଟେଷ୍ଟ ମ୍ୟାଚ୍ ପାଇଁ ଭାରତୀୟ ଦଳ ଚୟନ ହେବ। ଏଥି ସହିତ 'ବିସିସିଆଇ'ର ଏକ ବୈଠକ ବସିବ। ଏଥିରେ ଜସପ୍ରୀତ ବୁମ୍‌ରା ଏବଂ ମହମ୍ମଦ ସାମିଙ୍କୁ ନେଇ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇପାରେ।

ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁସାରେ ଅଜିତ ଆଗରକରଙ୍କ ନେତୃତ୍ୱରେ ଚୟନ କମିଟି ବିସିସିଆଇ ସହିତ ଆଗାମୀ କିଛି ମାସର ରୋଡ୍‌ମ୍ୟାପ୍ ଉପରେ ଆଲୋଚନା କରିବାକୁ ଏକ ବୈଠକ ନିର୍ଦ୍ଧାରଣ କରିଛନ୍ତି। ଏହି ଚୟନ ବୈଠକ ଆଗାମୀ ୭ରୁ ୧୦ ଦିନ ମଧ୍ୟରେ ହୋଇପାରେ। ରିପୋର୍ଟରେ କୁହାଯାଇଛି ଯେ, ଦ୍ରୁତ ବୋଲରଙ୍କୁ ବୋର୍ଡର ଏଜେଣ୍ଡାରେ ଗୁରୁତ୍ୱ ଦିଆଯାଇପାରେ। ଏଥିରେ ସାମିଲ ହେବାକୁ ଥିବା ବୋଲରଙ୍କୁ ଅବଶିଷ୍ଟାଂଶ ଆଇପିଏଲ୍‌ର ଶେଷ ମ୍ୟାଚ୍‌ରେ ଅଧିକ ପରିଶ୍ରମ କରିବାକୁ କୁହାଯାଇପାରେ।

ବିସିସିଆଇ ସୂତ୍ର ଅନୁସାରେ, ଚୟନକର୍ତ୍ତା କେବଳ ଏଥି ପାଇଁ ଟେଷ୍ଟ ଟିମ୍‌ର କ୍ୱାଲିଟିକୁ ଦେଖିବେ ନାହିଁ, ବରଂ ଆଫଗାନିସ୍ତାନକୁ ମୁକାବିଲା କରିବା ଭଳି ଏକ ଟିମ୍ ଚୟନ କରିବ। ଚୟନକର୍ତ୍ତାମାନେ ଚାହାନ୍ତି ଯେ, ଭଲ ଟିମ୍ ପଡ଼ିଆରେ ଅବତୀର୍ଣ୍ଣ କରୁ। ସିରାଜ ଚାପଗ୍ରସ୍ତ ହୋଇ ଖେଳିବାକୁ ପଛାନ୍ତି ନାହିଁ। ନୀତିଶ କୁମାର ରେଡ୍ଡିଙ୍କୁ ସୁଇଙ୍ଗ ବୋଲିଂ ବିଭାଗରେ ନିଆଯାଇପାରେ।

# ମୁମ୍ବାଇ ଦଳକୁ ମଝି ଆଙ୍ଗୁଳି ଦେଖାଇ ମ୍ୟାଚ୍ ପାଉଣାର ୩୦% ଅର୍ଥ ହରାଇଲେ ଡେଭିଡ୍

**ରାଏପୁର**



ମୁମ୍ବାଇ ବିପକ୍ଷରେ ଖରାପ ଇଙ୍ଗିତ କରି ବେଙ୍ଗାଲୁରୁ ଅଲ୍‌ରାଉଣ୍ଡର ଟିମ ଡେଭିଡ୍ ଦଣ୍ଡିତ ହୋଇଛନ୍ତି। ତାଙ୍କ ମ୍ୟାଚ୍ ପାଉଣାର ୩୦% ଅର୍ଥ କାଟ୍ କରାଯାଇଛି ଓ ୨ଟି ଶୃଙ୍ଖଳା ପଏଣ୍ଟ ପ୍ରଦାନ କରାଯାଇଛି। ଗତ ରବିବାର ଉଭୟ ଦଳ ମଧ୍ୟରେ ଦ୍ୱିତୀୟ ମୁକାବିଲା ଖେଳାଯାଇଥିଲା। ଏହି ମ୍ୟାଚ୍‌ରେ ବେଙ୍ଗାଲୁରୁ ରୋମାଞ୍ଚକର ବିଜୟ ହାସଲ କରିଥିଲା। ମ୍ୟାଚ ମଧ୍ୟରେ ଅମ୍ପାୟାରଙ୍କ ନିଷ୍ପତ୍ତିକୁ ନେଇ ଅନେକ ଥର ବିବାଦ ଉପୁଜିଥିଲା। ମ୍ୟାଚ୍ ଶେଷ ହେବା ପରେ ଡଗ୍ ଆଉଟ୍‌ରେ ବସିଥିବା ଡେଭିଡ୍ ମୁମ୍ବାଇ ଦଳର ଖେଳାଳିଙ୍କ ଆଡ଼କୁ ମଝି ଆଙ୍ଗୁଳି ଦେଖାଇଥିଲେ। ଏହି ଭିଡ଼ିଓ ଭାଇରାଲ ହେବା ପରେ ମ୍ୟାଚ୍ ରେଫରୀ ସମ୍ପୂର୍ଣ୍ଣ ଘଟଣାର ତଦନ୍ତ କରି ଡେଭିଡ୍‌ଙ୍କୁ ଦଣ୍ଡିତ କରିଛନ୍ତି। ସେ ମଧ୍ୟ ଦୋଷ ସ୍ୱୀକାର କରିଛନ୍ତି। ଏତାଦୃଶ ବ୍ୟବହାର ଦ୍ୱାରା ଡେଭିଡ୍ ଆଇପିଏଲ୍ ଆଚାର ସଂହିତାର ୨.୬ ଧାରା ଉଲ୍ଲଙ୍ଘନ କରିଛନ୍ତି। ଫଳ ସ୍ୱରୂପ ତାଙ୍କ ମ୍ୟାଚ ପାଉଣାର ୩୦% ଅର୍ଥ କାଟ୍ କରାଯାଇଛି।

# ଫିଫା ବିଶ୍ୱକପ୍ : ବ୍ରାଜିଲର ପ୍ରାରମ୍ଭିକ ଦଳରେ ନେମାର

**ବ୍ରାସିଲିଆ**

ଜୁନ୍ ୧୧ରୁ ଜୁଲାଇ ୧୯ ପର୍ଯ୍ୟନ୍ତ କାନାଡ଼ା, ମେକ୍ସିକୋ, ଆମେରିକାରେ ଫିଫା ଫୁଟ୍‌ବଲ ବିଶ୍ୱକପ୍ ଖେଳାଯିବ। ଏହି ବିଶ୍ୱକପ୍ ପାଇଁ ବ୍ରାଜିଲର ପ୍ରାରମ୍ଭିକ ଦଳ ଘୋଷଣା କରାଯାଇଛି। ୫୦ ଜଣିଆ ପ୍ରାରମ୍ଭିକ ଦଳରୁ ବିଶ୍ୱକପ୍ ପାଇଁ ବ୍ରାଜିଲର ଚୂଡ଼ାନ୍ତ ଦଳ ଘୋଷଣା କରାଯିବ। ପ୍ରାରମ୍ଭିକ ଦଳରେ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଫରୱାର୍ଡ ନେମାରଙ୍କୁ ସ୍ଥାନ ମିଳିଛି। ଗତ ୩ ବର୍ଷ ହେଲା ନେମାର ଆହତଗତ ସମସ୍ୟା ଭୋଗିଥିଲେ ହେଁ ତାଙ୍କ ଉପରେ ଆସ୍ଥା ପ୍ରକଟ କରିଛନ୍ତି ଦଳର ମୁଖ୍ୟ ପ୍ରଶିକ୍ଷକ କାର୍ଲୋ ଆନ୍ସେଲୋଟି। ୩୪ ବର୍ଷ ବୟସ୍କ ନେମାର ଆହତ ଥିବାରୁ ୨୦୨୩ରୁ ବ୍ରାଜିଲ ପାଇଁ ଖେଳିନାହାନ୍ତି। ହେଲେ ନେମାର ୩ ଥର ବ୍ରାଜିଲ ପାଇଁ ବିଶ୍ୱକପ୍ ଖେଳିଛନ୍ତି। ବିଶ୍ୱ କୀର୍ତ୍ତିମାନ ସର୍ବାଧିକ ୫ ଥର ବ୍ରାଜିଲ ଫିଫା ବିଶ୍ୱକପ୍ ଜିତିଛି। ବିଶ୍ୱକପ୍‌ରେ ଗ୍ରୁପ୍ 'ସି'ରେ ବ୍ରାଜିଲ ସ୍ଥାନପାଇଛି। ଏହି ଗ୍ରୁପ୍‌ରେ ଥିବା ଅନ୍ୟ ଦଳମାନେ ହେଲେ ମରକ୍କୋ, ହାଇତି ଓ ସ୍କଟ୍‌ଲାଣ୍ଡ। ଆଟ୍‌ଲାସ ଲାୟନ୍‌ସ ଭାବେ ପରିଚିତ ମରକ୍କୋ ବିପକ୍ଷରେ ଜୁନ୍ ୧୬ରେ ବ୍ରାଜିଲ ପ୍ରଥମ ମ୍ୟାଚ୍ ଖେଳିବ।



# ୧୪ ବର୍ଷରୁ କମ୍ ବାଳକ ଓ ବାଳିକା ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଗାନ୍ଧୀ ଷ୍ଟାଡିୟମ୍ ଠାରେ ୧୪ ବର୍ଷରୁ କମ୍ ବାଳକ ଓ ବାଳିକା ଫୁଟବଲ ଟୁର୍ଣ୍ଣାମେଣ୍ଟ ମୁଖ୍ୟମନ୍ତ୍ରୀ ଟ୍ରଫି ଉଦ୍‌ଘାଟନ ହୋଇ ଯାଇଛି। ଫୁଟବଲ ଏସୋସିଏସନ ଅଫ ଓଡ଼ିଶା, କ୍ରୀଡ଼ା ଓ ଯୁବ ସେବା ବିଭାଗ ଓଡ଼ିଶା ସରକାର, ଜିଲ୍ଲା ପ୍ରଶାସନ ସୁବର୍ଣ୍ଣପୁର ଓ ଜିଲ୍ଲା କ୍ରୀଡ଼ା ସଂଘ ସୁବର୍ଣ୍ଣପୁର ପକ୍ଷରୁ ଆୟୋଜିତ ଏହି ଖେଳକୁ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ମୁଖ୍ୟ ଅତିଥି, ଏଡିଏମ ରାଜେନ୍ଦ୍ର ମାଝୀ, ଏଡିଏମ ଅଞ୍ଜଲୀନା ପ୍ରଧାନ, ପୌର ପରିଷଦ ଅଧକ୍ଷା ତାମସୀ ତାମସ୍ମିତା ନାୟକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚିତ୍ତ ରଞ୍ଜନ ମିଶ୍ର, ବୀରମହାରାଜପୁର ବ୍ଲକ ଉପାଧକ୍ଷ ନାରାୟଣ ଲୁହା, ଯୋଗ ଦେଇ ଖେଳାଳି ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। ଏହି ଉଦ୍‌ଘାଟନୀ




ମ୍ୟାଚ୍‌ରେ ମା' ମଙ୍ଗଳା ଫୁଟବଲ ବାଳକ ଦଳ ତରଭା ଓ ନାରାୟଣପୁର ଦଳ ସୋନପୁର ବ୍ଲକ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ମ୍ୟାଚ୍ ବରାବର ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ ରାମଧୂନ କ୍ଲବ ବାଳିକା ସୋନପୁର ଫୁଟବଲ ଦଳ ଓ ରାମଧୂନ କ୍ଲବ୍ ବାଳିକା ସି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରାମଧୂନ କ୍ଲବ୍ ସୋନପୁର ବାଳିକା ଦଳ ୨–୦ ଗୋଲରେ ବିଜୟୀ ହୋଇଥିଲା। ସାବିତ୍ରୀ ନାୟକ ଓ ଲିଜା ମୁଣ୍ଡା ଉଭୟେ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ସଞ୍ଜୀବ ସାହୁ, ସୁମିତ୍ ମହାଲିଂ, ଶ୍ରବଣ ବିଶ୍ୱାଳ, ଅନିତା ମହାକୁଡ଼, ପ୍ରଶାନ୍ତ ସେଠୀ, ବଦ୍ରୀ ପ୍ରସାଦ ହୋତା, ରାଜେଶ ଥନାପତି ଖେଳ ପରିଚାଳନା କରିଥିଲେ। ମ୍ୟାଚ୍ କମିଶନର ଭାବେ ଜିତେନ୍ଦ୍ର ଥନାପତି, ସିଲେକ୍ଟର ଭାବେ ଭୁକୁଲୁ ବକ୍ସି ଦାୟିତ୍ୱ ଗ୍ରହଣ କରିଥିଲେ। କ୍ରୀଡ଼ା ସଂଘ ସଂପାଦକ ପୀୟୂଷ କୁମାର ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ ଉତ୍ସବରେ ସଭାକୁ ଖେଳ ଶିକ୍ଷକ ସଞ୍ଜୟ କୁମାର ସାହୁ ପରିଚାଳନା କରିଥିବା ବେଳେ କ୍ରୀଡ଼ା ସଂଘ ବରିଷ୍ଠ ସଦସ୍ୟ ମନୋରଞ୍ଜନ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ଅନେକ ପୂର୍ବତନ ଫୁଟବଲର, କ୍ରୀଡ଼ା ସଂଘ ସଦସ୍ୟ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିବା ବେଳେ ରାମଧୂନ୍ କ୍ଲବ୍‌ର ବିକାଶ ପଣ୍ଡା, ସନ୍ତୋଷ ପାଢ଼ୀ ଓ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଭିନେଶଙ୍କ ନୂଆ ବିବାଦ : 'ଲଢ଼ିବି, ସନ୍ନ୍ୟାସ ନେବି ନାହିଁ'

**ନୂଆଦିଲ୍ଲୀ**

ଭିନେଶ ଫୋଗଟଙ୍କୁ ନେଇ ନୂଆ ବିବାଦ ମୁଣ୍ଡ ଟେକିଛି। ଭାରତୀୟ କୁସ୍ତି ସଂଘସହ ପୁଣି ଥରେ ମୁହାଁମୁହିଁ ହୋଇ ଭିନେଶ କହିଛନ୍ତି 'ମୁଁ ସନ୍ନ୍ୟାସ ନେବି ନାହିଁ। ଜାତୀୟ ଓପନ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବି। ଭାରତୀୟ କୁସ୍ତି ସଂଘ (ଡବ୍ଲ୍ୟୁଏଫଆଇ)ର କାରଣ ଦର୍ଶାଅ ନୋଟିସ୍‌ର ଉତ୍ତର ଦେଇସାରିଛି। ବିଶ୍ୱ କୁସ୍ତି ସଂଘଠାରୁ ଅନୁମତି ଆଣିଥିବାରୁ ମୁଁ ଲଢ଼ିବାକୁ ଯୋଗ୍ୟ ରହିଛି।' ଅନ୍ୟପକ୍ଷରେ ଭାରତୀୟ କୁସ୍ତି ସଂଘ କହିଛି 'ଶୃଙ୍ଖଳାଗତ ପ୍ରକ୍ରିୟା ଶେଷ ନ ହେବା ପର୍ଯ୍ୟନ୍ତ ଭିନେଶ ପ୍ରତିଯୋଗିତାରେ ଲଢ଼ିପାରିବେ ନାହିଁ'। ପୂର୍ବରୁ ଡବ୍ଲ୍ୟୁଏଫ୍‌ଆଇ ୨୦୨୬ ଜୁନ୍ ୨୬ ପର୍ଯ୍ୟନ୍ତ ଭିନେଶଙ୍କୁ ଅଯୋଗ୍ୟ ଘୋଷଣା କରିଥିଲା। ନିଶା ନିରୋଧୀ ଆଇନ ଦୃଷ୍ଟିରୁ ଅବସରରୁ ପ୍ରତ୍ୟାବର୍ତ୍ତନ କରିବାକୁ ହେଲେ ୬ ମାସ ଆଗରୁ ନୋଟିସ୍ ଦେବା କଥା। ଯେଉଁ ପ୍ରକ୍ରିୟା ସେ ଅନୁସରଣ କରିନଥିବା କୁହାଯାଇଛି।

'ମୋଠାରୁ ଆପଣ କ'ଣ ଆଶା କରୁଛନ୍ତି ? ସନ୍ନ୍ୟାସ ନେଇ ଦୂରେଇ ଯାଏଁ ? ପରାଜୟକୁ ସ୍ୱୀକାର କରନ୍ତୁ, ଫଳରେ ମୋ ବିପକ୍ଷରେ ରଚା ଯାଇଥିବା ଷଡ଼ଯନ୍ତ୍ରରେ ସଫଳ ହେବେ'। ଅଯୋଧ୍ୟା ବିମାନବନ୍ଦରରେ ପହଞ୍ଚିବା ପରେ ୩୧ ବର୍ଷୀୟ ଭିନେଶ ଏକଥା ବି କହିଛନ୍ତି 'ମୁଁ ନିଜକୁ ସୁରକ୍ଷିତ ମଣୁନାହିଁ। ଡବ୍ଲ୍ୟୁଏଫ୍‌ଆଇ ଅଧିକାରୀଙ୍କ ବିପକ୍ଷରେ ସ୍ୱର ଉତ୍ତୋଳନ କରିଥିବାରୁ ମୋତେ ଦଣ୍ଡିତ କରାଯାଉଛି। ମୁଁ ଦେଶ ପାଇଁ ସର୍ବୋଚ୍ଚ ସ୍ତରରେ ଖେଳିବା ସତ୍ତ୍ୱେ ମୋ ବିପକ୍ଷରେ ଯେଉଁଭଳି ଭାଷା ପ୍ରୟୋଗ କରାଯାଉଛି ଦୁଃଖ ଲାଗୁଛି। ମୁଁ ଦେଶର ପ୍ରତିନିଧିତ୍ୱ କରିଛି।

ଅଲିମ୍ପିକ୍ସ, ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଖେଳିଛି। ତୁମେ କିନ୍ତୁ ମୋତେ ଟୁକ୍‌ଡେ ଟୁକ୍‌ଡେ ଗ୍ୟାଙ୍ଗ୍ କହୁଛ। ଏହି ସ୍ଥାନ ମୋ ପାଇଁ ସୁରକ୍ଷିତ ନୁହେଁ। ସମ୍ଭବତଃ ସେ (ଡବ୍ଲ୍ୟୁଏଫ୍‌ଆଇ ସଭାପତି ସଂଜୟ ସିଂହ) ମୋତେ ଉଗ୍ରବାଦୀ କହିବାକୁ ଚାହୁଁଛନ୍ତି। ସେ ତାଙ୍କ ଭାଷାରେ ମୋତେ ଖଲିସ୍ତାନୀ ବି କହିପାରିବେ। ମୁଁ କିନ୍ତୁ ଜଣେ ଭାରତୀୟ ନାଗରିକ, ଲଢ଼ିବାକୁ ମୋ ପାଖରେ ସବୁ ହକ୍ ରହିଛି। ଦେଶର କୌଣସି ପ୍ରାନ୍ତକୁ ମୁଁ ଯାଇପାରିବି'।



# ବ୍ୟାଟିଂ-ବୋଲିଂରେ କମାଲ କରୁଛନ୍ତି ଭୁବନେଶ୍ୱର କୁମାର, ଟିମ୍ ଇଣ୍ଡିଆକୁ ଫେରିବେ !

**ନୂଆଦିଲ୍ଲୀ**

ଆଇପିଏଲରେ ଭୁବନେଶ୍ୱରଙ୍କ ଜଲୱା ଜାରି ରହିଛି। ଟିମ୍ ଇଣ୍ଡିଆରେ ଭୁବନେଶ୍ୱର କୁମାରଙ୍କୁ ମିଳିବ ସୁଯୋଗ ! ମେନ୍ ଇନ୍ ବ୍ଲୁକୁ ଫେରିବେ ଭୁବନେଶ୍ୱର। ଯଦି ପ୍ରଦର୍ଶନକୁ ଗୁରୁତ୍ୱ ଦିଆଯାଏ ତେବେ ଟିମ୍ ଇଣ୍ଡିଆରେ ଭୁବନେଶ୍ୱରଙ୍କୁ ନିଶ୍ଚିତ ସ୍ଥାନ ମିଳିବ। ଚଳିତ ଆଇପିଏଲରେ ପର୍ପଲ କ୍ୟାପ୍ ହୋଲ୍ଡର ହୋଇଛନ୍ତି ଭୁବନେଶ୍ୱର କୁମାର। ସେ ଘାତକ ବୋଲିଂ ସହିତ ବ୍ୟାଟିଂ ବି ଜବରଦସ୍ତ କରୁଛନ୍ତି। ସର୍ବାଧିକ ୱିକେଟ ହାସଲକାରୀ ପ୍ଲେୟାର ହୋଇଛନ୍ତି ଭୁବନେଶ୍ୱର। ୩୬ ବର୍ଷୀୟ ଭୁବନେଶ୍ୱର କୁମାର ଡିଫେଣ୍ଡିଂ ଚାମ୍ପିଅନ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପାଇଁ ଗେମ୍ ଚେଞ୍ଜର ଭାବେ ଉଭା ହୋଇଛନ୍ତି।



ଭୁବନେଶ୍ୱର କୁମାରଙ୍କୁ ଏକଦା ଭାରତୀୟ କ୍ରିକେଟର ସବୁଠାରୁ ନିର୍ଭରଯୋଗ୍ୟ ଦ୍ରୁତ ବୋଲରଙ୍କ ମଧ୍ୟରୁ ଜଣେ ବୋଲି ବିବେଚନା କରାଯାଉଥିଲା। ଭୁବି ଏବେ ଇଣ୍ଡିଆନ୍ ପ୍ରିମିୟର ଲିଗ୍ ତାଙ୍କର ପ୍ରଭାବଶାଳୀ ପ୍ରଦର୍ଶନ ସହିତ ନିଜର ଦକ୍ଷତା ପ୍ରମାଣିତ କରିଛନ୍ତି। ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ପାଇଁ ଖେଳୁଥିବା ୩୬ ବର୍ଷୀୟ ଖେଳାଳି ନିରନ୍ତର ମ୍ୟାଚ୍ ବିଜୟୀ ପ୍ରଦର୍ଶନ କରିଛନ୍ତି। ଯାହା ଟିମ୍ ଇଣ୍ଡିଆକୁ ତାଙ୍କର କମ୍‌ବ୍ୟାକ୍ ହେବା ନେଇ ସଙ୍କେତ ମିଳିଛି। ଚଳିତ ଆଇପିଏଲରେ ୧୧ ମ୍ୟାଚରେ ୭.୪୬ ଇକୋନୋମି ହାରରେ ୨୧ ୱିକେଟ ନେଇଛନ୍ତି। ପାୱାର ପ୍ଲେରେ ୧୨ଟି ୱିକେଟ୍ ନେଇଛନ୍ତି। ୫୧ ପ୍ରତିଶତରୁ ଅଧିକ ଡଟ୍ ବଲ୍ ପକାଇଛନ୍ତି। ମିଡିଲ ୭ ଓଭରରେ ୫୯ ରନ୍ ଦେଇ ୨ଟି ୱିକେଟ ନେଇଛନ୍ତି। ଡେଥ୍ ଓଭରରେ, ଭୁବି ୭ ୱିକେଟ୍ ନେବା ସମୟରେ କେବଳ ୯୪ ରନ୍ ଦେଇଛନ୍ତି। ଏହାର ଅର୍ଥ ହେଉଛି ନୂତନ ବଲ୍, ମଧ୍ୟମ ଓଭର କିମ୍ବା ଡେଥ୍ ଓଭର, ଭୁବି ସବୁଠି ଘାତକ। ଭୁବନେଶ୍ୱର କୁମାର ଶେଷ ଥର ପାଇଁ ନଭେମ୍ବର ୨୦୨୨ରେ ଭାରତ ପାଇଁ ଖେଳିଥିଲେ। ତାଙ୍କର ବର୍ତ୍ତମାନର ଫର୍ମକୁ ଦେଖି, ଚୟନକର୍ତ୍ତାମାନେ ତାଙ୍କୁ ଆଉ ଏକ ସୁଯୋଗ ଦେବେ କି ନାହିଁ ସେ ବିଷୟରେ ଏବେ ପ୍ରଶ୍ନ ଉଠୁଛି। ଭାରତର ବ୍ୟସ୍ତ କ୍ରିକେଟ୍ କ୍ୟାଲେଣ୍ଡର, ଯସପ୍ରୀତ ବୁମ୍‌ରାଙ୍କ କାର୍ଯ୍ୟଭାର ଏବଂ ବହୁ ବଡ଼ ଟୁର୍ଣ୍ଣାମେଣ୍ଟକୁ ଦୃଷ୍ଟିରେ ରଖି, ଦଳକୁ ଭୁବିଙ୍କ ପରି ଜଣେ ଅଭିଜ୍ଞ ବୋଲରଙ୍କ ଆବଶ୍ୟକତା ପଡିପାରେ। ଭୁବନେଶ୍ୱର କୁମାର ଭାରତ ପାଇଁ ୨୨୯ ଅନ୍ତର୍ଜାତୀୟ ମ୍ୟାଚ ଖେଳି ୨୯୪ ୱିକେଟ୍ ନେଇଛନ୍ତି। ୧,୧୭୧ ରନ୍ କରିଛନ୍ତି।

ବର୍ତ୍ତମାନ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି କି ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ଏବଂ ଟିମ୍ ମ୍ୟାନେଜମେଣ୍ଟ ଭୁବନେଶ୍ୱର କୁମାରଙ୍କୁ ଦ୍ୱିତୀୟ ସୁଯୋଗ ଦେବେ କି ? ଗୋଟିଏ କଥା ସ୍ପଷ୍ଟ: ଆଇପିଏଲ ୨୦୨୬ରେ ତାଙ୍କ ପ୍ରଦର୍ଶନ ସହିତ ଭୁବି ପ୍ରମାଣ କରିଛନ୍ତି ଯେ, ସେ ଏବେ ବି ଜଣେ ବଡ଼ ମ୍ୟାଚ୍ ଖେଳାଳି, ଏବଂ ଟିମ୍ ଇଣ୍ଡିଆର ଦ୍ୱାର ତାଙ୍କ ପାଇଁ ସମ୍ପୂର୍ଣ୍ଣ ବନ୍ଦ ହୋଇନାହିଁ।

# ୨୭୮ ନଟ୍ ଆଉଟ୍ : 'ତ୍ରିମୂର୍ତ୍ତୀ'ଙ୍କ ନାମରେ ଆଇପିଏଲର ଅଦ୍ଭୁତ ରେକର୍ଡ

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟର ଷ୍ଟାର ଧୋନି, ରୋହିତ ଏବଂ ବିରାଟ କୋହଲି। ଯଦିଓ ଧୋନି ଚଳିତ ସିଜିନରେ ଗୋଟିଏ ବି ମ୍ୟାଚ୍ ଖେଳିନାହାନ୍ତି ତଥାପି ୧୯ତମ ସଂସ୍କରଣର ୫୪ତମ ମ୍ୟାଚ୍ ପର୍ଯ୍ୟନ୍ତ ଲିଗ୍ ଇତିହାସରେ ସର୍ବାଧିକ ମ୍ୟାଚ୍ ଖେଳିଥିବା ଖେଳାଳି ଥିଲେ। ଏବେ ଆଉ ତାହା ନାହିଁ। ରାୟଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମ୍ୟାଚ୍ ପରେ ଏମଏସ ଧୋନି ଆଉ ଆଇପିଏଲରେ ସର୍ବାଧିକ ମ୍ୟାଚ୍ ଖେଳିଥିବା ଖେଳାଳି ନାହାନ୍ତି। କାରଣ ଆଉ ଦୁଇ ଜଣ ଭାରତୀୟ ଷ୍ଟାର ତାଙ୍କ ରେକର୍ଡ ସମକକ୍ଷ ହୋଇଛନ୍ତି। ସେମାନେ ହେଲେ ବିରାଟ କୋହଲି ଏବଂ ରୋହିତ ଶର୍ମା। ଭାରତୀୟ କ୍ରିକେଟର ଏହି ତ୍ରିମୂର୍ତ୍ତୀ ଏବେ ଆଇପିଏଲରେ ଏକ ମାଇଲଖୁଣ୍ଟରେ ପହଞ୍ଚିଛନ୍ତି।




ଆଇପିଏଲ ଇତିହାସରେ ସର୍ବାଧିକ ମ୍ୟାଚ ଖେଳିଥିବା ଖେଳାଳିଙ୍କ ମଧ୍ୟରେ ଏମଏସ୍ ଧୋନି, ରୋହିତ ଶର୍ମା ଏବଂ ବିରାଟ କୋହଲି ସମାନ ସଂଖ୍ୟାକ ମ୍ୟାଚ୍ ମିଳିତ ଭାବରେ ନମ୍ବର ୧ ସ୍ଥାନରେ ରହିଛନ୍ତି। ଧୋନି, ରୋହିତ ଏବଂ ବିରାଟ ପ୍ରତ୍ୟେକ ୨୭୮ ଆଇପିଏଲ ମ୍ୟାଚ୍ ଖେଳିଛନ୍ତି। ବିରାଟ କୋହଲି ଏକମାତ୍ର ବ୍ୟାଟର ଯିଏକି ଗୋଟିଏ ଦଳ ପାଇଁ ସମସ୍ତ ଆଇପିଏଲ ମ୍ୟାଚ୍ ଖେଳିଛନ୍ତି। ଏମଏସ ଧୋନି ଏବଂ ରୋହିତ ଦୁଇଟି ଦଳ ପାଇଁ ସେମାନଙ୍କ ଆଇପିଏଲ୍ ମ୍ୟାଚ୍ ଖେଳିଛନ୍ତି। ରୋହିତ ମୁମ୍ବାଇ ଇଣ୍ଡିଆନ୍ସ ପୂର୍ବରୁ ଡେକାନ ଚାର୍ଜର୍ସ ହାଇଦ୍ରାବାଦ ପାଇଁ ଆଇପିଏଲ ଖେଳିଛନ୍ତି। ଭାରତୀୟ କ୍ରିକେଟର ସ୍ତମ୍ଭ ଭାବରେ ବିବେଚିତ ଏମଏସ ଧୋନି, ରୋହିତ ଶର୍ମା ଏବଂ ବିରାଟ କୋହଲି ୧୨ଟି ଆଇପିଏଲ ଟ୍ରଫି ଜିତିଛନ୍ତି। ରୋହିତ ଏବଂ ଧୋନିଙ୍କ ଅଧିନାୟକତ୍ୱରେ ମୁମ୍ବାଇ ଓ ଚେନ୍ନାଇ ୫ଟି ଲେଖାଏ ଆଇପିଏଲ ଟାଇଟଲ୍ ହାତେଇଛନ୍ତି। ରୋହିତ ଡେକାନ ଚାର୍ଜର୍ସ ହାଇଦ୍ରାବାଦ ସହିତ ଆଉ ଏକ ଟ୍ରଫି ଜିତିଛନ୍ତି। ବିରାଟ କୋହଲିଙ୍କ ଆରସିବି ୧୮ ବର୍ଷ ପରେ ୨୦୨୫ରେ ପ୍ରଥମ ଥର ଆଇପିଏଲ ଟ୍ରଫି ଜିତିଥିଲା। ସେ ଅଧିନାୟକ ଭାବେ ଟ୍ରଫି ଜିତିନଥିଲେ। ରଜତ ପାଟିଦାରଙ୍କ ନେତୃତ୍ୱରେ ଆରସିବି ଟାଇଟଲ୍ ଜିତିଥିଲା। ଏହି ୩ ଖେଳାଳିଙ୍କ ଆଇପିଏଲ ରେକର୍ଡ ଉପରେ ନଜର ପକାଇଲେ ଜଣେ ବ୍ୟାଟର ଭାବେ ବିରାଟ କୋହଲି ରୋହିତ ଏବଂ ଧୋନିଙ୍କଠୁ ବହୁତ ଆଗରେ ଅଛନ୍ତି। ବିରାଟ ୨୭୮ ମ୍ୟାଚରେ ୯୦୪୦ ରନ୍ କରିଛନ୍ତି। ରୋହିତ ଶର୍ମା ସମାନ ସଂଖ୍ୟାକ ମ୍ୟାଚ ଖେଳି ୭୨୮୯ରନ୍ କରିଛନ୍ତି। ଏମଏସ ଧୋନି ୫୪୩୯ ରନ୍ କରିଛନ୍ତି। ଗତ କିଛି ବର୍ଷ ହେବ ଧୋନି କେବଳ ଫିନିସର ଭାବରେ ଖେଳିଛନ୍ତି। ଯେଉଁଠି ରୋହିତ ଏବଂ କୋହଲି ଟପ୍ ଅର୍ଡରରେ ଖେଳିଛନ୍ତି।

# ସେମେଲେମୁଣ୍ଡ ଗାଁରେ ପାନୀୟଜଳ ସମସ୍ୟା ସମାଧାନ ପାଇଁ ପ୍ରଶାସନିକ ପଦକ୍ଷେପ

**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ଦୀର୍ଘଦିନ ଧରି ପିଇବା ପାଣି ସମସ୍ୟାରେ ଜର୍ଜରିତ ହୋଇପଡ଼ିଥିବା ସେମେଲେମୁଣ୍ଡା ଗ୍ରାମର ଲୋକମାନେ ଶେଷରେ ଆଶାର ଆଲୋକ ଦେଖୁଛନ୍ତି। ଏହି ସମସ୍ୟା ଉପରେ ବିଡ଼ିଓଙ୍କ ଦୃଷ୍ଟି ପଡ଼ିବା ପରେ ସମାଧାନ ପାଇଁ ପଦକ୍ଷେପ ନିଆଯାଇଛି। ସ୍ଥାନୀୟ ଲୋକମାନଙ୍କ କହିବା ଅନୁସାରେ, ବର୍ଷ ବର୍ଷ ଧରି ବିଶୁଦ୍ଧ ପିଇବା ପାଣିର ଅଭାବ ରହିଆସିଛି। ବହୁଥର ଅଭିଯୋଗ କରିଥିଲେ ମଧ୍ୟ କୌଣସି ସ୍ଥାୟୀ ସମାଧାନ ହୋଇନଥିଲା, ବିଜେପୁର ଉପନିର୍ବାଚନ ସମୟରେ ରାଜ୍ୟର ବଡ଼ ବଡ଼ ନେତାମାନେ ଏହାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ନିର୍ବାଚନ ପରେ ନିର୍ବାଚନ ସରିଯାଉଛି ହେଲେ ସେମେଲମୁଣ୍ଡା ଗ୍ରାମବାସୀଙ୍କ ସମସ୍ୟାର ସମାଧାନ ଏ ପର୍ଯ୍ୟନ୍ତ ହୋଇ ପାରିଲା ନାହିଁ। ଯାହାର ଫଳରେ ଗ୍ରାମର ମହିଳାମାନେ ପ୍ରାୟ ୨ କ.ମି ଦୂରରୁ ପାଣି ଆଣିଥାନ୍ତି। ଏନେଇ ଗାଇସିଲେଟ ବ୍ଲକ ଅଧକ୍ଷ ପ୍ରଣୟ ସାହୁ ଏବଂ ବିଡ଼ିଓ ଲକ୍ଷ୍ମଣ ମାଝୀ ଘଟଣାସ୍ଥଳକୁ ପରିଦର୍ଶନ କରି ପରିସ୍ଥିତିର ଅନୁଶୀଳନ କରିଥିଲେ। ସେ ଅତିଶୀଘ୍ର ପାଣି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସମ୍ବନ୍ଧିତ ବିଭାଗକୁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି।

13001/466/2627
CUTTACK MUNICIPAL CORPORATION
"e" PROCUREMENT NOTICE
Tender ID : 2026_ORULB_129206
Bid Reference No. MC(CMC)CTC_Div-I_No.03/2026-27
Tender Call Notice No. 5044 (PW) Date. 12.05.2026

Name of Works : Civil Works
No of Works : 14 Nos
Bid Value : Rs. 3.37 Lakh to Rs. 30.60 Lakh
Period of Completion : One Calendar Month to Four Calendar Months
Date and Time schedule :

| Start | End | Opening |
|---|---|---|
| 3.00 PM on dt. 14.05.2026 | 5.00 PM on dt.25.05.2026 | 11.00 A.M. on dt. 29.05.2026 |

Tender Details : can be seen from the procurement portal : www.tendersorissa.gov.in
Executive Engineer, City Div-I
OIPR-13001/13031/1/26-27/0024

# ରାଜ୍ୟଗୋଷ୍ଠୀ କ୍ରୀଡ଼ା ପୂର୍ବରୁ ଏସଏଆଇ ଓ 'ମାଇଁ ଭାରତ'ର ଦେଶବ୍ୟାପୀ ଜନସମ୍ପୃକ୍ତି ଅଭିଯାନ

**ନୂଆଦିଲ୍ଲୀ**

ଗୁଜରାଟର ଅହମ୍ମଦାବାଦରେ ଆୟୋଜିତ ହେବାକୁ ଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ା–୨୦୩୦ ପୂର୍ବରୁ, ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ଏସଏଆଇ) ମାଇଁ ଭାରତ ସହଯୋଗରେ ତିନୋଟି ଦେଶବ୍ୟାପୀ ସକ୍ରିୟ ସଂପୃକ୍ତି ପଦକ୍ଷେପ ଆରମ୍ଭ କରିଛି। ଏହି ପଦକ୍ଷେପଗୁଡ଼ିକ ଦ୍ୱାରା ସାରା ଦେଶରେ ଖେଳୁଆଡ଼ ମନୋଭାବ, ସୃଜନଶୀଳତା ଏବଂ ଯୁବ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଅଭିଯାନର ଅଂଶ ସ୍ୱରୂପ, ଅଂଶଗ୍ରହଣକାରୀମାନେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୩୦ ମଶାଲ ଡିଜାଇନ୍ ପ୍ରତିଯୋଗିତା', 'ସିଡବ୍ଲୁଜି ରିଲ୍ ଚ୍ୟାଲେଞ୍ଜ' ଏବଂ 'ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୩୦ କୁଇଜ୍'ରେ ଅଂଶଗ୍ରହଣ କରିପାରିବେ।

ଏହି ପ୍ରତିଯୋଗିତା ମାଇଁ ଭାରତ ଉପଭୋକ୍ତାଙ୍କ ପାଇଁ ଖୋଲା ରହିଛି। ଏହା 'ଭାରତରେ ରାଜ୍ୟଗୋଷ୍ଠୀ କ୍ରୀଡା ୨୦୩୦'ର ଦୃଷ୍ଟିକୋଣ ବିଷୟରେ ସଚେତନତା ଏବଂ ଉତ୍ସାହ ସୃଷ୍ଟି କରିବାକୁ ଚେଷ୍ଟା କରେ।

ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୩୦ ମଶାଲ ଡିଜାଇନ୍ ପ୍ରତିଯୋଗିତା ଭାରତର ସଂସ୍କୃତି, ଐତିହ୍ୟ, ନବସୃଜନ, ସ୍ଥିରତା ଏବଂ କ୍ରୀଡ଼ା ଉତ୍କର୍ଷତା ଦ୍ୱାରା ଅନୁପ୍ରାଣିତ ଏକ ମଶାଲ ଡିଜାଇନ୍ କରିବାକୁ ନାଗରିକମାନଙ୍କୁ ଆମନ୍ତ୍ରଣ କରୁଛି। ପ୍ରବେଶଗୁଡ଼ିକ ଡିଜିଟାଲ୍ ମାଧ୍ୟମରେ କିମ୍ବା ହାତରେ ଅଙ୍କିତ ଫର୍ମାଟରେ ୨୦୦ ଶବ୍ଦ ପର୍ଯ୍ୟନ୍ତ ଏକ ଇଚ୍ଛାଧୀନ ଧାରଣା ନୋଟ୍ ସହିତ ଦାଖଲ କରାଯାଇପାରିବ। ଏହି ପ୍ରତିଯୋଗିତା ୧୧ ମେ' ୨୦୨୬ ରୁ ୨୦ ମେ' ୨୦୨୬ ପର୍ଯ୍ୟନ୍ତ ଅନଲାଇନରେ ଅନୁଷ୍ଠିତ ହେବ। ଅଂଶଗ୍ରହଣକାରୀମାନେ କେବଳ ଗୋଟିଏ ପ୍ରବେଶ ଦାଖଲ କରିପାରିବେ। ମନୋନୀତ ବିଜେତାମାନେ ଫିଟ୍ ଇଣ୍ଡିଆ ହାମ୍ପର ଏବଂ ସ୍ୱୀକୃତି ପ୍ରମାଣପତ୍ର ପାଇବେ। ଯୋଗ୍ୟ ଅଂଶଗ୍ରହଣକାରୀମାନେ ଡିଜିଟାଲ୍ ଅଂଶଗ୍ରହଣ ପ୍ରମାଣପତ୍ର ପାଇବେ।

'ରାଜ୍ୟଗୋଷ୍ଠୀ କ୍ରୀଡ଼ା (ସିଡବ୍ଲୁଜି) ରିଲ୍ ଚ୍ୟାଲେଞ୍ଜ', ଅଂଶଗ୍ରହଣକାରୀ ମାନଙ୍କୁ ଭାରତର ବିକଶିତ କ୍ରୀଡ଼ା ସଂସ୍କୃତି, ସ୍ଥାନୀୟ କ୍ରୀଡ଼ା ଭିତ୍ତିଭୂମି, ଫିଟନେସ୍ ଏବଂ ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୩୦ ଆୟୋଜନ ପାଇଁ ଉତ୍ସାହକୁ ପ୍ରଦର୍ଶିତ କରୁଥିବା ମୌଳିକ ରିଲ୍ ତିଆରି କରିବାକୁ ଉତ୍ସାହିତ କରେ। ଅଂଶଗ୍ରହଣକାରୀମାନଙ୍କୁ ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୩୦ ପାଇଁ ଭାରତର ପ୍ରସ୍ତୁତିକୁ ସମର୍ଥନ କରିବା ଏବଂ ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୨୬ ପାଇଁ ଭାରତୀୟ ଦଳର ସଫଳତା କାମନା କରିବା ଲାଗି ବାର୍ତ୍ତା ଅନ୍ତର୍ଭୁକ୍ତ କରିବାକୁ ମଧ୍ୟ ଉତ୍ସାହିତ କରାଯାଉଛି। ରିଲ୍ ଅବଧି ୬୦ ସେକେଣ୍ଡରୁ ଅଧିକ ହେବା ଉଚିତ୍ ନୁହେଁ। ଏହି ଚ୍ୟାଲେଞ୍ଜ ୦୭ ମେ' ୨୦୨୬ ରୁ ୧୬ ମେ' ୨୦୨୬ ପର୍ଯ୍ୟନ୍ତ ଚାଲିବ। ପ୍ରତି ଅଂଶଗ୍ରହଣକାରୀଙ୍କ ପାଇଁ ଗୋଟିଏ ପ୍ରବେଶ ଅନୁମତି ରହିବ। ଶ୍ରେଷ୍ଠ ପାଂଚ ରିଲ୍ ପ୍ରସ୍ତୁତକାରୀ ଭାରତୀୟ କ୍ରୀଡା ପ୍ରାଧିକରଣ ଠାରୁ ଫିଟ୍ ଇଣ୍ଡିଆ ହ୍ୟାମ୍ପର ପାଇବେ। 'ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୩୦ କୁଇଜ୍' ଭାରତର କ୍ରୀଡ଼ା ଐତିହ୍ୟକୁ ପାଳନ କରେ। ଏହା ରାଜ୍ୟଗୋଷ୍ଠୀ କ୍ରୀଡାରେ ଦେଶର ଯାତ୍ରା ବିଷୟରେ ସଚେତନତା ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖିଛି। ଏହି କୁଇଜ୍‌ରେ ୫ ମିନିଟ୍ ମଧ୍ୟରେ ୧୦ଟି ବହୁବିକଳ୍ପ ପ୍ରଶ୍ନ ସମାପ୍ତ କରିବାକୁ ପଡ଼ିବ। ଅଂଶଗ୍ରହଣକାରୀମାନଙ୍କୁ ଯୋଗ୍ୟତା ହାସଲ କରିବା ପାଇଁ ଅତି କମରେ ୮ ନମ୍ବର ସ୍କୋର କରିବାକୁ ପଡ଼ିବ। ପ୍ରତି ଅଂଶଗ୍ରହଣକାରୀଙ୍କ ପାଇଁ କେବଳ ଗୋଟିଏ ପ୍ରୟାସ ଅନୁମତିପ୍ରାପ୍ତ। ଏହି କୁଇଜ୍ ୦୯ ମେ' ୨୦୨୬ରୁ ୨୬ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ଖୋଲା ରହିବ ଏବଂ ପ୍ରତି ସପ୍ତାହରେ ଶ୍ରେଷ୍ଠ ୫ ଜଣ ବିଜେତାଙ୍କ ନାମ ଘୋଷଣା କରାଯିବ। ଅଂଶଗ୍ରହଣ ପ୍ରମାଣପତ୍ର ମଧ୍ୟ ପ୍ରଦାନ କରାଯିବ। ସମସ୍ତ ତିନୋଟି ପ୍ରୟାସ ମାଗଣା ରହିବ ଏବଂ ଏହାର ଲକ୍ଷ୍ୟ ହେଉଛି ଭାରତର କ୍ରୀଡ଼ା ଆନ୍ଦୋଳନରେ ସାଧାରଣ ଜନତାଙ୍କ ସହଭାଗୀତାକୁ ବୃଦ୍ଧି କରିବା। ବିଶେଷ କରି ଯୁବପିଢ଼ିଙ୍କ ମଧ୍ୟରେ, ଉତ୍ସାହ ଏବଂ ସୃଜନଶୀଳତା, ଜାତୀୟ ଗୌରବର ଭାବନା ସୃଷ୍ଟି କରିବା ଏବଂ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ସଫଳ ଆୟୋଜନ ପାଇଁ ସାମୂହିକ ଉତ୍ସାହକୁ ପ୍ରୋତ୍ସାହିତ କରିବା।



# ଶିକ୍ଷା ହେଉଛି ବିକଶିତ ଓଡ଼ିଶାର ସ୍ୱପ୍ନକୁ ସାକାର କରିବାର ଚାବିକାଠି: ରାଜ୍ୟପାଳ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଶିକ୍ଷା ହେଉଛି ବିକଶିତ ଓଡ଼ିଶାର ସ୍ୱପ୍ନକୁ ସାକାର କରିବାର ଚାବିକାଠି ଓ ଶିକ୍ଷା ଏବଂ ଦକ୍ଷତା ବିକାଶରେ ଅଧିକ ନିବେଶ ଦ୍ୱାରା ଏକ ବିକଶିତ ଓ ଭବିଷ୍ୟତ ପ୍ରସ୍ତୁତ ଓଡ଼ିଶା ଗଠନ ସମ୍ଭବ ବୋଲି ଓଡ଼ିଶାର ରାଜ୍ୟପାଳ ଡ଼ ହରି ବାବୁ କମ୍ଭମପାଟି କହିଛନ୍ତି ଓ ବୁଧବାର, ଭୁବନେଶ୍ୱର ଠାରେ ନ୍ୟୁଜ ୧୮ ଦ୍ୱାରା ଆୟୋଜିତ ଏଜୁକେସନ ଏମିନେନ୍ସ କନକ୍ଲେଭରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ଏହା କହିଛନ୍ତି । ଏହି ଅବସରରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ଗୁଣାତ୍ମକ ଶିକ୍ଷା, ନବସୃଜନ ଏବଂ ଦକ୍ଷ ମାନବ ସମ୍ବଳ ଦ୍ୱାରା ସଶକ୍ତ ଏକ ଶକ୍ତିଶାଳୀ ଜ୍ଞାନ-ଚାଳିତ ସମାଜ ଦ୍ୱାରା ହିଁ ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତର



ସ୍ୱପ୍ନ ସାକାର ହୋଇପାରିବ। ଶିକ୍ଷାକୁ ରାଷ୍ଟ୍ର ନିର୍ମାଣର ମୂଳଦୁଆ ଭାବରେ ବର୍ଣ୍ଣନା କରି ରାଜ୍ୟପାଳ କହିଥିଲେ ଯେ, ଆଧୁନିକ ଯୁଗରେ ସମାଜ କେବଳ ପ୍ରାକୃତିକ ସମ୍ପଦ ଦ୍ୱାରା ନୁହେଁ ବରଂ ତାର ଜ୍ଞାନ ପଦ୍ଧତି, ସୃଜନଶୀଳତା ଏବଂ ଦକ୍ଷ ମାନବ ସମ୍ବଳ ଦ୍ୱାରା ପରିଭାଷିତ। ଶିକ୍ଷା ଏବଂ ଜ୍ଞାନ ସୃଷ୍ଟିରେ ସର୍ବୋତ୍ତମ ନିବେଶ ଦ୍ୱାରା ଏକ ବିକଶିତ ଓଡ଼ିଶା ନିର୍ମାଣ କରିବା ସମ୍ଭବ ବୋଲି ରାଜ୍ୟପାଳ ଅବତାରଣା କରିଥିଲେ। ରାଜ୍ୟପାଳ କହିଥିଲେ ଯେ ମାତୃଭାଷା-ଆଧାରିତ ଶିକ୍ଷା, ଡିଜିଟାଲ୍ ସଶକ୍ତିକରଣ, ବହୁମୁଖୀ ଶିକ୍ଷା ଏବଂ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଭବିଷ୍ୟତ ପାଇଁ ପିଢ଼ି ପ୍ରସ୍ତୁତ କରିବା ଦିଗରେ ଏକ ଦୂରଦୃଷ୍ଟିପୂର୍ଣ୍ଣ ଆଭିମୁଖ୍ୟକୁ ପ୍ରତିଫଳିତ କରୁଛି। ଏହି ଅବସରରେ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ 'ଅର୍ଥନୈତିକ ଆତ୍ମରକ୍ଷା' ପାଇଁ ଆହ୍ୱାନକୁ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ, ଦେଶର ଦୀର୍ଘକାଳୀନ ସମୃଦ୍ଧି ଏବଂ ରଣନୈତିକ ସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ ଅର୍ଥନୈତିକ ସ୍ଥିରତା ଏବଂ ଆତ୍ମନିର୍ଭରଶୀଳତା ଅତ୍ୟାବଶ୍ୟକ। ଏହି କାର୍ଯ୍ୟକ୍ରମରେ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗର ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ରୋଟାରୀ ଜିଲ୍ଲା ଗଭର୍ଣ୍ଣର ମନୋଜ କୁମାର ତ୍ରିପାଠୀ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ନ୍ୟୁଜ୍ ୧୮ ଓଡ଼ିଆର ସମ୍ପାଦକ ନରେନ୍ଦ୍ରନାଥ ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।

# ପୁରୀ-କୋରାପୁଟ ମଧ୍ୟରେ ନୂତନ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ ପାଇଁ ରେଳ ମନ୍ତ୍ରଣାଳୟର ମଞ୍ଜୁରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଶାର ରେଳ ସଂଯୋଗୀକରଣ କ୍ଷେତ୍ରରେ ଏକ ବଡ଼ ପଦକ୍ଷେପ ସ୍ୱରୂପ, ରେଳ ମନ୍ତ୍ରଣାଳୟ ପକ୍ଷରୁ ପୁରୀ ଏବଂ କୋରାପୁଟ ମଧ୍ୟରେ ଏକ ନୂତନ ତ୍ରି-ସାପ୍ତାହିକ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ ପାଇଁ ଅନୁମୋଦନ ପ୍ରଦାନ କରାଯାଇଛି।

ଏହି ନୂତନ ଟ୍ରେନ୍ (ନମ୍ବର ୧୮୪୦୭/୧୮୪୦୮ ପୁରୀ-କୋରାପୁଟ-ପୁରୀ ଏକ୍ସପ୍ରେସ୍) ଖୋର୍ଦ୍ଧା ରୋଡ଼, ଭୁବନେଶ୍ୱର, ଅନୁଗୋଳ, ସମ୍ବଲପୁର, ବରଗଡ଼ ରୋଡ଼, ବଲାଙ୍ଗୀର, ଟିଟିଲାଗଡ଼, କେସିଙ୍ଗା, ମୁନିଗୁଡ଼ା, ରାୟଗଡ଼ା, କାକିରିଗୁମା ଏବଂ ଦାମନଯୋଡ଼ି ଦେଇ ଚଳାଚଳ କରିବ। ଏହାଦ୍ୱାରା ଉପକୂଳ, ପଶ୍ଚିମ ଏବଂ ଦକ୍ଷିଣ ଓଡ଼ିଶା ମଧ୍ୟରେ ସଂଯୋଗୀକରଣ ବୃଦ୍ଧି ପାଇବା ସହ ଯାତ୍ରୀମାନଙ୍କୁ ଉନ୍ନତ ସୁବିଧା ଏବଂ ଆଞ୍ଚଳିକ ସୁଗମତା ମିଳିପାରିବ।

ଏହି ଟ୍ରେନ୍ ପ୍ରଚଳନ ଦ୍ୱାରା ପୁରୀ, ଭୁବନେଶ୍ୱର ଏବଂ ଦକ୍ଷିଣ ଓଡ଼ିଶାର ଆଦିବାସୀ ବହୁଳ ଜିଲ୍ଲାଗୁଡ଼ିକ



ମଧ୍ୟରେ ଏକ ସିଧାସଳଖ ଏବଂ ସୁବିଧାଜନକ ରେଳ ସଂଯୋଗ ପାଇଁ ଅନେକ ଅବହେଳିତ ଅଞ୍ଚଳର ଲୋକମାନଙ୍କ ଦୀର୍ଘ ଦିନର ଆଶା ପୂରଣ ହୋଇଛି। ଏହି ଟ୍ରେନ୍ ସେବା ତୀର୍ଥସ୍ଥାନ, ଶିକ୍ଷା, ସ୍ୱାସ୍ଥ୍ୟସେବା, ନିଯୁକ୍ତି, ପର୍ଯ୍ୟଟନ ଏବଂ ବ୍ୟବସାୟିକ ଉଦ୍ଦେଶ୍ୟରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କ ପାଇଁ ଅତ୍ୟନ୍ତ ଆବଶ୍ୟକୀୟ ସଂଯୋଗ ଯୋଗାଇଦେବ।

ଏହି ନୂତନ ସେବା ପୁରୀ, ଖୋର୍ଦ୍ଧା, କଟକ, ଢେଙ୍କାନାଳ, ଅନୁଗୋଳ, ସମ୍ବଲପୁର, ବରଗଡ଼, ବଲାଙ୍ଗୀର, କଳାହାଣ୍ଡି, ରାୟଗଡ଼ା ଏବଂ କୋରାପୁଟ ଭଳି ପ୍ରମୁଖ ଜିଲ୍ଲାଗୁଡ଼ିକ ଦେଇ ଗତି କରିବ ଏବଂ ଏହି ଅଂଚଳର ଯାତ୍ରୀମାନଙ୍କୁ ଉପକୃତ କରିବ। ଏହା ବିଶେଷ କରି କେବିକେ ଅଞ୍ଚଳର ଜିଲ୍ଲାଗୁଡ଼ିକ ସହିତ ସଂଯୋଗକୁ ସୁଦୃଢ଼ କରିବ ଏବଂ ରାଜ୍ୟର ପ୍ରମୁଖ ଶିକ୍ଷା, ଚିକିତ୍ସା ଓ ପ୍ରଶାସନିକ କେନ୍ଦ୍ରଗୁଡ଼ିକ ପର୍ଯ୍ୟନ୍ତ ପହଞ୍ଚିବା ସହଜ କରିବ।

ଏହି ଟ୍ରେନ୍ ଖୋର୍ଦ୍ଧା ରୋଡ଼, ଭୁବନେଶ୍ୱର, ଢେଙ୍କାନାଳ, ତାଳଚେର ରୋଡ଼, ଅନୁଗୋଳ, ବୋଇଣ୍ଡା, ରେଢ଼ାଖୋଲ, ସମ୍ବଲପୁର, ବରଗଡ଼ ରୋଡ଼, ବଲାଙ୍ଗୀର, ଟିଟିଲାଗଡ଼, କେସିଙ୍ଗା, ମୁନିଗୁଡ଼ା, ରାୟଗଡ଼ା, ଟିକିରି, ଲକ୍ଷ୍ମୀପୁର ରୋଡ଼, କାକିରିଗୁମା ଏବଂ ଦାମନଯୋଡ଼ି ଭଳି ଗୁରୁତ୍ୱପୂର୍ଣ୍ଣ ଷ୍ଟେସନଗୁଡ଼ିକରେ ରହଣି କରିବ।

ଏହି ନୂତନ ଟ୍ରେନ୍ ଉପକୂଳ ଓଡ଼ିଶା ଏବଂ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକ ମଧ୍ୟରେ ଯାତାୟାତରେ ଉନ୍ନତି ଆଣି ଆଂଚଳିକ ସମନ୍ୱୟ ଏବଂ ସାମାଜିକ-ଅର୍ଥନୈତିକ ବିକାଶକୁ ଯଥେଷ୍ଟ ବୃଦ୍ଧି କରିବ ବୋଲି ଆଶା କରାଯାଉଛି। ଏହି ସେବା ଶ୍ରୀଜଗନ୍ନାଥ ମନ୍ଦିର ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁ ଏବଂ କୋରାପୁଟ ଓ ରାୟଗଡ଼ାର ମନୋରମ ତଥା ଆଦିବାସୀ ଅଞ୍ଚଳ ଭ୍ରମଣରେ ଯାଉଥିବା ପର୍ଯ୍ୟଟକଙ୍କ ପାଇଁ ଏକ ନିରନ୍ତର ସଂଯୋଗ ପ୍ରଦାନ କରିବ।

## ପ୍ରଧାନମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପୁରୀରୁ କୋରାପୁଟକୁ ଖୁବ୍ ଶୀଘ୍ର ଚାଲିବ ଏକ ନୂଆ ଏକ୍ସପ୍ରେସ୍ ଟ୍ରେନ। କେନ୍ଦ୍ର ରେଳ ମନ୍ତ୍ରାଳୟ ଏହାକୁ ଅନୁମୋଦନ ଦେଇଛନ୍ତି। ଏହି ନୂତନ ଟ୍ରେନ ଚଳାଚଳ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ ଦେଇଛନ୍ତି।

ଏହି ଟ୍ରେନଟି ପୁରୀରୁ ସମ୍ବଲପୁର ଦେଇ କୋରାପୁଟ ଯିବ। ଏହି ନୂଆ ଟ୍ରେନ ଯୋଗୁଁ ପୂର୍ବ, ପଶ୍ଚିମ ଓ ଦକ୍ଷିଣ ଓଡିଶାର ରେଳ ଯୋଗାଯୋଗ ବ୍ୟବସ୍ଥା ଆହୁରି ସୁଦୃଢ ହେବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। କୋରାପୁଟ ଓ ସମ୍ବଲପୁର ଅଞ୍ଚଳରୁ ପୁରୀକୁ ଅଧିକ ତୀର୍ଥଯାତ୍ରୀ ମଧ୍ୟ ଆସିପାରିବେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସଡ଼କ ଦୁର୍ଘଟଣା...

ଦୁର୍ଘଟଣାରେ ଡ୍ୟୁଟିରେ ଥିବା ଜଣେ ପୋଲିସକର୍ମୀ ସହିତ ୬ ଜଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ସୂଚନା ଅନୁସାରେ, ସଡ଼କର ଡିଭାଇଡ଼ରକୁ ଧକ୍କା ଦେଇ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଟ୍ରକ୍‌କୁ ପୋଲିସକର୍ମୀ ରବିଚନ୍ଦ୍ରନ ହଟାଉଥିଲେ। ଏହି ସମୟରେ ଏକ ଦ୍ରୁତ ଗତିରେ ଆସୁଥିବା କାର୍ ହଠାତ୍ ନିୟନ୍ତ୍ରଣ ହରାଇ ଟ୍ରକ୍‌କୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ପୋଲିସକର୍ମୀ ରବିଚନ୍ଦ୍ରନ, ଟ୍ରକ୍ ଚାଳକ ଏବଂ କାର୍‌ରେ ଥିବା ଚାରିଜଣଙ୍କୁ ମିଶାଇ ମୋଟ ୬ ଜଣଙ୍କ ମୃତ୍ୟୁ ଘଟିଛି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କ ମୃତଦେହକୁ ସରକାରୀ ହସ୍ପିଟାଲକୁ ପଠାଯାଇଛି। ଏପର୍ଯ୍ୟନ୍ତ ମୃତକମାନଙ୍କ ପରିଚୟ ମିଳିପାରିନାହିଁ। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ଅଧା ହେଲା ମୁଖ୍ୟମନ୍ତ୍ରୀଙ୍କ...

ଏହି ଆହ୍ୱାନକୁ ଗୁରୁତ୍ୱ ଦେଇ ବ୍ୟକ୍ତିଗତ ଗାଡ଼ିରେ ଯିବାଆସିବା କମ୍ କରିବା ସହିତ ଅଧିକ ମାତ୍ରାରେ ପବ୍ଲିକ ଟ୍ରାନ୍ସପୋର୍ଟ ବ୍ୟବହାର କରିବାକୁ ରାଜ୍ୟବାସୀଙ୍କୁ ନିବେଦନ କରିଛନ୍ତି। କେବଳ ଆବଶ୍ୟକ ସ୍ଥଳରେ ଗାଡ଼ି ବ୍ୟବହାର କରି ଅନାବଶ୍ୟକ ବ୍ୟବହାର ବନ୍ଦ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହା ସହିତ ସୁନା କିଣିବା ଓ ଅନାବଶ୍ୟକ ବିଦେଶଗସ୍ତ ନକରିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

## ସିବିଏସଇ ଦ୍ୱାଦଶ ପରୀକ୍ଷା ଫଳ...

ପ୍ରତିଶତରେ ୩.୧୯ ପ୍ରତିଶତ ହ୍ରାସ ଘଟିଛି, ଯାହା ୨୦୨୫ର ୮୮.୩୯ ପ୍ରତିଶତରୁ କମି ୨୦୨୬ରେ ୮୫.୨୦ ପ୍ରତିଶତ ହୋଇଛି।

ସିବିଏସଇ ଅନୁସାରେ, ଛାତ୍ରୀମାନଙ୍କର ପାସ୍ ପ୍ରତିଶତ ୮୮.୮୬ ରହିଥିବାବେଳେ, ଛାତ୍ରମାନଙ୍କର ପାସ୍ ପ୍ରତିଶତ ୮୨.୧୩ ରେକର୍ଡ କରାଯାଇଛି। ଏହିପରି ଛାତ୍ରୀମାନେ ଛାତ୍ରମାନଙ୍କଠାରୁ ୬.୭୩ ପ୍ରତିଶତ ଭଲ ପ୍ରଦର୍ଶନ କରିଛନ୍ତି।

କ୍ଷେତ୍ରଭିତ୍ତିକ ପ୍ରଦର୍ଶନରେ ତିରୁବନନ୍ତପୁରମ୍ କ୍ଷେତ୍ର ସର୍ବାଗ୍ରେ ରହିଛି, ଯେଉଁଠାରେ ୯୫.୬୨ ପ୍ରତିଶତ ଛାତ୍ରଛାତ୍ରୀ ସଫଳ ହୋଇଛନ୍ତି। ଏହାପରେ ଚେନ୍ନାଇ, ବେଙ୍ଗାଲୁରୁ ଏବଂ ବିଜୟୱାଡା କ୍ଷେତ୍ରର ସ୍ଥାନ ରହିଛି। ଦିଲ୍ଲୀ ପଶ୍ଚିମ କ୍ଷେତ୍ରର ଫଳାଫଳ ୯୨.୩୪ ପ୍ରତିଶତ ଏବଂ ଦିଲ୍ଲୀ ପୂର୍ବ କ୍ଷେତ୍ରର ଫଳାଫଳ ୯୧.୭୩ ପ୍ରତିଶତ ରହିଛି। ସମଗ୍ର ଦିଲ୍ଲୀ କ୍ଷେତ୍ରର ପାସ୍ ପ୍ରତିଶତ ୯୧.୯୭ ପ୍ରତିଶତ ରହିଥିବାବେଳେ, ପ୍ରୟାଗରାଜରେ ସବୁଠାରୁ କମ୍ ୭୨.୪୩ ପ୍ରତିଶତ ପାସ୍ ହାର ରେକର୍ଡ ହୋଇଛି।

ବିଦେଶସ୍ଥିତ ସିବିଏସଇ ବିଦ୍ୟାଳୟଗୁଡ଼ିକର ଫଳାଫଳ ୯୦.୫୦ ପ୍ରତିଶତ ରହିଛି। ଏହାସହ ଦିବ୍ୟାଙ୍ଗ (ସିଡବ୍ଲ୍ୟୁଏସଏନ୍) ଛାତ୍ରଛାତ୍ରୀଙ୍କର ପାସ୍ ପ୍ରତିଶତ ୯୦.୧୬ ରେକର୍ଡ କରାଯାଇଛି।

ବୋର୍ଡ ଜଣାଇଛି ଯେ, ଏହି ବର୍ଷ ୧,୬୩,୮୦୦ ଜଣ ଛାତ୍ରଛାତ୍ରୀଙ୍କୁ କମ୍ପାର୍ଟମେଣ୍ଟାଲ ଶ୍ରେଣୀରେ ରଖାଯାଇଛି, ଯାହା ମୋଟ ପରୀକ୍ଷାର୍ଥୀଙ୍କର ୯.୨୬ ପ୍ରତିଶତ। ଏହାଛଡ଼ା, ୯୦ ପ୍ରତିଶତ କିମ୍ବା ତା'ଠାରୁ ଅଧିକ ନମ୍ବର ପାଇଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ୯୪,୦୨୮ ରହିଥିବାବେଳେ, ୯୫ ପ୍ରତିଶତରୁ ଅଧିକ ନମ୍ବର ହାସଲ କରିଥିବା ୧୭,୧୧୩ ଜଣ ଛାତ୍ରଛାତ୍ରୀ ରହିଛନ୍ତି।

## ଧାନର ଏମଏସପି...

ଶେଷ ପର୍ଯ୍ୟନ୍ତ କରାଯାଉଥିବା ସବୁ ବ୍ୟୟ ସାମିଲ ରହିଛି। ଏଥିରେ ଶ୍ରମିକ, ବଳଦ ଶ୍ରମ/ମେସିନ ଶ୍ରମ, ଜମି ଭାଗ ପାଇଁ ଖର୍ଚ୍ଚ, ବିହନ, ସାର, ଖତ, ଜଳସେଚନ ଶୁଳ୍କ, ଉପକରଣ ଏବଂ କୃଷି ଭବନ ଉପଯୋଗ ବାବଦ ଖର୍ଚ୍ଚ, ଚଳନ୍ତି ପୁଞ୍ଜି ଉପରେ ସୁଧ, ପମ୍ପ ସେଟ୍ ପରିଚାଳନା ପାଇଁ ଡିଜେଲ/ବିଦ୍ୟୁତ ଖର୍ଚ୍ଚ ଆଦି ସମେତ ଅନ୍ୟାନ୍ୟ ଖର୍ଚ୍ଚ ଏବଂ ପାରିବାରିକ ଶ୍ରମ ପାଇଁ ପ୍ରଯୁଜ୍ୟ ମୂଲ୍ୟ ସାମିଲ ରହିଛି। ଧାନ (ଗ୍ରେଡ୍ ଏ), ଜୋୱାର୍ (ମାଲଦାଣ୍ଡି) ଏବଂ କପା (ଲମ୍ବା ଷ୍ଟେପଲ) ପାଇଁ ମୂଲ୍ୟ ତଥ୍ୟ ପୃଥକ ଭାବରେ ସଂକଳନ କରାଯାଇ ନାହିଁ।

୨୦୧୮-୧୯ କେନ୍ଦ୍ର ବଜେଟରେ ସର୍ବଭାରତୀୟ ସ୍ତରରେ ଲାଗୁ ହାରାହାରି ଉତ୍ପାଦନ ଖର୍ଚ୍ଚର ଅତି କମରେ ୧.୫ ଗୁଣ ସର୍ବନିମ୍ନ ସହାୟକ ମୂଲ୍ୟ ସ୍ଥିର କରିବା ଲାଗି ଘୋଷଣା କରାଯାଇଥିଲା। ଏହାକୁ ଆଧାର କରି ୨୦୨୬-୨୭ ବିପଣନ ଋତୁ ପାଇଁ ଖରିଫ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରାଯାଇଛି। ମୁଗ (୬୧%) ପରେ ବାଜରା (୫୬%), ମକା (୫୬%) ଏବଂ ତୁର/ହରଡ଼ (୫୪%) କ୍ଷେତ୍ରରେ ଚାଷୀଙ୍କ ପାଇଁ ଉତ୍ପାଦନ ଖର୍ଚ୍ଚ ଉପରେ ଆଶା କରାଯାଇଥିବା ଲାଭ ସର୍ବାଧିକ ହେବ ବୋଲି ଆକଳନ କରାଯାଇଛି। ବାକି ଫସଲ ନିମନ୍ତେ ଚାଷୀଙ୍କ ପାଇଁ ଉତ୍ପାଦନ ଖର୍ଚ୍ଚ ଉପରେ ୫୦% ଲାଭ ହେବ ବୋଲି ଆକଳନ କରାଯାଇଛି।

ଗତ କିଛି ବର୍ଷ ହେବ ସରକାର ଡାଲି ଏବଂ ତୈଳବୀଜ ଭଳି ଶସ୍ୟ ଏବଂ ପୁଷ୍ଟିକର ଶସ୍ୟ/ ଶ୍ରୀଅନ୍ନ ପରି ଶସ୍ୟ ବ୍ୟତୀତ ଅନ୍ୟାନ୍ୟ ଫସଲ ଚାଷକୁ ପ୍ରୋତ୍ସାହିତ କରିଆସୁଛନ୍ତି। ଏହି ଫସଲ ପାଇଁ ଅଧିକ ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ କରାଯାଇଛି।

## ଆସ୍ଥା ଭୋଟରେ ଜିତିଲେ...

୯:୩୦ରେ ବିଧାନସଭାର କାର୍ଯ୍ୟବିଧି ଆରମ୍ଭ ହୋଇଥିଲା। ତାମିଲଗା ଭେଟ୍ରି କଡଗମ୍ ପାର୍ଟି ପାଇଁ ଏହି ଦିନଟି ବହୁତ ଗୁରୁତ୍ୱପୂର୍ଣ୍ଣ ଥିଲା। ପ୍ରଥମ ଥର ପାଇଁ ରାଜ୍ୟରେ ନିର୍ବାଚନ ଲଢ଼ିଥିବା ଟିଭିକେ ରାଜ୍ୟରେ ସରକାର ଗଠନ କରିଛି। ବୁଧବାର ଟିଭିକେ ସରକାରଙ୍କୁ ବିଧାନସଭାରେ ବହୁମତ ସାବ୍ୟସ୍ତ କରିବାକୁ ଥିଲା। ବିଧାନସଭା ଅଧ୍ୟକ୍ଷ କାର୍ଯ୍ୟବିଧି ଆରମ୍ଭ କରିଥିଲେ। ଏହାପରେ ଟିଭିକେ ସରକାରଙ୍କ ଆସ୍ଥା ଭୋଟ୍ ପାଇଁ ଭୋଟିଂ କରାଯାଇଥିଲା। ତାମିଲନାଡୁର ଟିଭିକେ ସରକାରକୁ କ୍ଷମତାରେ ରହିବା ପାଇଁ କମ୍ ସେ କମ୍ ୧୧୮ ଜଣ ବିଧାୟକଙ୍କ ସମର୍ଥନ ଆବଶ୍ୟକ ଥିଲା। ଆସ୍ଥାଭୋଟ୍ ସମୟରେ ସରକାରଙ୍କୁ ୧୪୪ ଜଣ ସଦସ୍ୟଙ୍କ ସମର୍ଥନ ମିଳିଥିଲା ଏବଂ ଏଥିରେ ବିଜୟ ସରକାର ବହୁମତ ହାସଲ କରିଥିଲେ।

## ପୁଡୁଚେରୀ ମୁଖ୍ୟମନ୍ତ୍ରୀ ଭାବେ...

ଏନ୍. ରଙ୍ଗାସାମୀ ପଞ୍ଚମ ଥର ପାଇଁ ମୁଖ୍ୟମନ୍ତ୍ରୀ ପଦରେ ଶପଥ ନେଇଥିଲେ। ତାଙ୍କ ସହ ଭାଜପାର ଏ. ନମସ୍ୱିବାୟମ ଏବଂ ଏନଆର କଂଗ୍ରେସର ମଲ୍ଲାଡି କୃଷ୍ଣ ରାଓ ମନ୍ତ୍ରୀ ପଦରେ ଶପଥ ନେଇଛନ୍ତି। ମଲ୍ଲାଡି କୃଷ୍ଣ ରାଓ ତେଲୁଗୁ ଭାଷାରେ ଶପଥ ଗ୍ରହଣ କରିଥିଲେ।

କାର୍ଯ୍ୟକ୍ରମର ଆରମ୍ଭ ବନ୍ଦେ ମାତରମ୍ ଏବଂ ଜାତୀୟ ସଙ୍ଗୀତ ସହ ହୋଇଥିଲା, ଯେଉଁଠାରେ ତୃତୀୟ କ୍ରମରେ ତାମିଲ ଥାଇ ଭାଜଥୁ ଗାନ କରାଯାଇଥିଲା। ଶପଥଗ୍ରହଣ ସମାରୋହରେ ଭାଜପାର ଜାତୀୟ ଅଧ୍ୟକ୍ଷ ନୀତିନ ନବୀନଙ୍କ ସମେତ ଦଳର ଅନ୍ୟାନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ। ଏକ ସପ୍ତାହ ମଧ୍ୟରେ ସମ୍ପୂର୍ଣ୍ଣ ମନ୍ତ୍ରିମଣ୍ଡଳର ଶପଥଗ୍ରହଣ ହେବ। ସେହି ସମୟରେ ବିଭାଗ ବଣ୍ଟନ ଘୋଷଣା କରାଯିବ।

ପଞ୍ଚମ ଥର ପାଇଁ ମୁଖ୍ୟମନ୍ତ୍ରୀ ପଦରେ ଶପଥ ନେବା ପରେ ରଙ୍ଗାସାମୀ ଚାଲି ଚାଲି ବିଧାନସଭାରେ ପହଞ୍ଚିଥିଲେ। ସେଠାରେ ସେ ପୋଲିସ ପରେଡର ସଲାମୀ ଗ୍ରହଣ କରିଥିଲେ ଏବଂ ନିଜ କାର୍ଯ୍ୟାଳୟରେ ଗୁରୁତ୍ୱପୂର୍ଣ୍ଣ ଫାଇଲଗୁଡ଼ିକରେ ସ୍ୱାକ୍ଷର କରିବା ପରେ ସାମ୍ବାଦିକମାନଙ୍କ ସହ କଥାହେବାବେଳେ କହିଥିଲେ, "ପୁଡୁଚେରୀର ପଞ୍ଚମ ଥର ମୁଖ୍ୟମନ୍ତ୍ରୀ ହେବା ମୋ ପାଇଁ ଖୁସିର ବିଷୟ। ଆଜି ଆମେ ଅନେକ ଯୋଜନା ସମ୍ବନ୍ଧୀୟ ଫାଇଲରେ ସ୍ୱାକ୍ଷର କରିଛୁ। ହଳଦିଆ ରାସନ କାର୍ଡଧାରୀମାନଙ୍କୁ ମଧ୍ୟ ବୀମା ଯୋଜନାର ଲାଭ ଦେବା ପାଇଁ ବ୍ୟବସ୍ଥା କରାଯାଇଛି। ଏପର୍ଯ୍ୟନ୍ତ କେବଳ ଲାଲ ରାସନ କାର୍ଡଧାରୀମାନେ ବୀମା ସୁବିଧା ପାଉଥିଲେ।"

# ପୁରୀ ରେଳଷ୍ଟେସନର ଆଧୁନିକୀକରଣ କାର୍ଯ୍ୟ ପାଇଁ ଟ୍ରେନ୍ ସେବାଗୁଡ଼ିକର ସାମୟିକ ପରିବର୍ତ୍ତନ ଅବଧି ବୃଦ୍ଧି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳ ଅଧୀନରେ ଥିବା ପୁରୀ ରେଳଷ୍ଟେସନର ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟ ଜାରି ରହିଥିବାରୁ, ପୂର୍ବତଟ ରେଳପଥ ପକ୍ଷରୁ ମଇ ୨୦୨୬ ମାସରେ କେତେକ ଏକ୍ସପ୍ରେସ ଏବଂ ପାସେଞ୍ଜର ଟ୍ରେନ୍ ସେବାଗୁଡ଼ିକର ସଂକ୍ଷିପ୍ତ-ଅବଧି ଏବଂ ସଂକ୍ଷିପ୍ତ-ଉତ୍ପତ୍ତି ସମ୍ପର୍କିତ ବ୍ୟବସ୍ଥାର ଅବଧିକୁ ବୃଦ୍ଧି କରାଯାଇଛି। ପୁରୀ ରେଳଷ୍ଟେସନରେ ପ୍ଲାଟଫର୍ମର ନବୀକରଣ ଏବଂ ଆନୁଷଙ୍ଗିକ ଭିତିଭୂମି ବିକାଶ କାର୍ଯ୍ୟ ସଂଯୋଗରେ ଏହି ସାମୟିକ ନିୟନ୍ତ୍ରଣ ବ୍ୟବସ୍ଥା କରାଯାଉଛି। ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଏହି ଗୁରୁତ୍ୱପୂର୍ଣ୍ଣ ତୀର୍ଥସ୍ଥଳୀରେ ଯାତ୍ରୀ ସୁବିଧା, କାର୍ଯ୍ୟଦକ୍ଷତା ଏବଂ ଟ୍ରେନ୍ ଚଳାଚଳ କ୍ଷମତାକୁ ଅଧିକ ବୃଦ୍ଧି କରିବା। ମାଳତୀପାଟପୁର ଷ୍ଟେସନରେ ନିୟନ୍ତ୍ରିତ ହେବାକୁ ଥିବା ଟ୍ରେନ ଗୁଡିକ ହେଲା : ୧୨୧୪୬ ପୁରୀ-ଲୋକମାନ୍ୟ ତିଲକ ଟର୍ମିନସ ଏକ୍ସପ୍ରେସ୍ ୧୯ ଏବଂ ୨୬ ମଇ ୨୦୨୬ ରିଖରେ ମାଳତୀପାଟପୁରରୁ ଯାତ୍ରା ଆରମ୍ଭ କରିବ।୧୨୧୪୫ ଲୋକମାନ୍ୟ ତିଲକ ଟର୍ମିନସ-ପୁରୀ ଏକ୍ସପ୍ରେସ୍ ୧୭ ଏବଂ ୨୪ ମଇ ୨୦୨୬ ରିଖରେ ମାଳତୀପାଟପୁରରେ ଯାତ୍ରା ଶେଷ କରିବ। ୧୨୯୯୩ ଗାନ୍ଧୀଧାମ-ପୁରୀ ଏକ୍ସପ୍ରେସ୍ ୧୫, ୨୨ ଏବଂ ୨୯ ମଇ ୨୦୨୬ ରିଖରେ ମାଳତୀପାଟପୁରରେ ଯାତ୍ରା ଶେଷ କରିବ। ୧୨୯୯୪ ପୁରୀ-ଗାନ୍ଧୀଧାମ ଏକ୍ସପ୍ରେସ୍ ୧୮ ଏବଂ ୨୫ ମଇ ୨୦୨୬ ରିଖରେ ମାଳତୀପାଟପୁରରୁ ଯାତ୍ରା ଆରମ୍ଭ କରିବ। ୧୫୬୪୩ ପୁରୀ-କାମାକ୍ଷା ଏକ୍ସପ୍ରେସ୍ ୨୩ ଏବଂ ୩୦ ମଇ ୨୦୨୬ ରିଖରେ ମାଳତୀପାଟପୁରରୁ ଯାତ୍ରା ଆରମ୍ଭ କରିବ। ୧୫୬୪୪ କାମାକ୍ଷା-ପୁରୀ ଏକ୍ସପ୍ରେସ୍ ୨୧ ଏବଂ ୨୮ ମଇ ୨୦୨୬ ରିଖରେ ମାଳତୀପାଟପୁରରେ ଯାତ୍ରା ଶେଷ କରିବ। ୨୨୯୭୩ ଗାନ୍ଧୀଧାମ-ପୁରୀ ଏକ୍ସପ୍ରେସ୍ ୨୦ ଏବଂ ୨୭ ମଇ ୨୦୨୬ ରିଖରେ ମାଳତୀପାଟପୁରରେ ଯାତ୍ରା ଶେଷ କରିବ।୨୨୯୭୪ ପୁରୀ-ଗାନ୍ଧୀଧାମ ଏକ୍ସପ୍ରେସ୍ ୨୩ ଏବଂ ୩୦ ମଇ ୨୦୨୬ ରିଖରେ ମାଳତୀପାଟପୁରରୁ ଯାତ୍ରା ଆରମ୍ଭ କରିବ। ୧୭୪୮୦ ତିରୁପତି-ପୁରୀ ଏକ୍ସପ୍ରେସ୍ ୧୫, ୧୬, ୧୮, ୧୯, ୨୦, ୨୨, ୨୩, ୨୫, ୨୬, ୨୭, ୨୯ ଏବଂ ୩୦ ମଇ ୨୦୨୬ ରିଖରେ ମାଳତୀପାଟପୁରରେ ଯାତ୍ରା ଶେଷ କରିବ।୧୭୪୭୯ ପୁରୀ-ତିରୁପତି ଏକ୍ସପ୍ରେସ୍ ୧୭, ୧୮, ୨୦, ୨୧, ୨୨, ୨୪, ୨୫, ୨୭, ୨୮, ୨୯ ଏବଂ ୩୧ ମଇ ୨୦୨୬ ରିଖରେ ମାଳତୀପାଟପୁରରୁ ଯାତ୍ରା ଆରମ୍ଭ କରିବ। ୨୨୨୦୧ ସିଆଲଦା-ପୁରୀ ଦୁରନ୍ତ ଏକ୍ସପ୍ରେସ୍ ୧୮, ୨୦, ୨୨, ୨୫, ୨୭ ଏବଂ ୨୯ ମଇ ୨୦୨୬ ରିଖରେ ମାଳତୀପାଟପୁରରେ ଯାତ୍ରା ଶେଷ କରିବ। ୨୨୨୦୨ ପୁରୀ-ସିଆଲଦା ଦୁରନ୍ତ ଏକ୍ସପ୍ରେସ୍ ୧୬, ୧୯, ୨୧, ୨୩, ୨୬, ୨୮ ଏବଂ ୩୦ ମଇ ୨୦୨୬ ରିଖରେ ମାଳତୀପାଟପୁରରୁ ଯାତ୍ରା ଆରମ୍ଭ କରିବ। ୨୨୯୦୯ ଭାଲସାଡ-ପୁରୀ ଏକ୍ସପ୍ରେସ୍ ୨୧ ଏବଂ ୨୮ ମଇ ୨୦୨୬ ରିଖରେ ମାଳତୀପାଟପୁରରେ ଯାତ୍ରା ଶେଷ କରିବ।୨୨୯୧୦ ପୁରୀ-ଭାଲସାଡ ଏକ୍ସପ୍ରେସ୍ ୧୭ ଏବଂ ୨୪ ମଇ ୨୦୨୬ ରିଖରେ ମାଳତୀପାଟପୁରରୁ ଯାତ୍ରା ଆରମ୍ଭ କରିବ। ୨୦୯୧୭ ଇନ୍ଦୋର-ପୁରୀ ହମସଫର ଏକ୍ସପ୍ରେସ୍ ୧୯ ଏବଂ ୨୬ ମଇ ୨୦୨୬ ରିଖରେ ମାଳତୀପାଟପୁରରେ ଯାତ୍ରା ଶେଷ କରିବ। ୨୦୯୧୮ ପୁରୀ-ଇନ୍ଦୋର ହମସଫର ଏକ୍ସପ୍ରେସ୍ ୨୧ ଏବଂ ୨୮ ମଇ ୨୦୨୬ ରିଖରେ ମାଳତୀପାଟପୁରରୁ ଯାତ୍ରା ଆରମ୍ଭ କରିବ। ୨୦୪୭୨ ପୁରୀ-ଶ୍ରୀ ଗଙ୍ଗାନଗର ଏକ୍ସପ୍ରେସ୍ ୨୦ ଏବଂ ୨୭ ମଇ ୨୦୨୬ ରିଖରେ ମାଳତୀପାଟପୁରରୁ ଯାତ୍ରା ଆରମ୍ଭ କରିବ। ୨୦୪୭୧ ଶ୍ରୀ ଗଙ୍ଗାନଗର-ପୁରୀ ଏକ୍ସପ୍ରେସ୍ ୧୭ ଏବଂ ୨୪ ମଇ ୨୦୨୬ ରିଖରେ ମାଳତୀପାଟପୁରରେ ଯାତ୍ରା ଶେଷ କରିବ। ୧୫୬୪୦ କାମାକ୍ଷା-ପୁରୀ ଏକ୍ସପ୍ରେସ୍ ୧୭ ଏବଂ ୨୪ ମଇ ୨୦୨୬ ରିଖରେ ମାଳତୀପାଟପୁରରେ ଯାତ୍ରା ଶେଷ କରିବ। ୧୫୬୩୯ ପୁରୀ-କାମାକ୍ଷା ଏକ୍ସପ୍ରେସ୍ ୧୯ ଏବଂ ୨୬ ମଇ ୨୦୨୬ ରିଖରେ ମାଳତୀପାଟପୁରରୁ ଯାତ୍ରା ଆରମ୍ଭ କରିବ। ସେହିପରି ୧୬ ରୁ ୩୧ ମଇ ୨୦୨୬ ପର୍ଯ୍ୟନ୍ତ ୧୮୩୦୩ ସମ୍ବଲପୁର-ପୁରୀ ଇଣ୍ଟରସିଟି ଏକ୍ସପ୍ରେସ୍ ସାକ୍ଷୀଗୋପାଳରେ ଯାତ୍ରା ଶେଷ କରିବ। ୧୮୩୦୪ ପୁରୀ-ସମ୍ବଲପୁର ଇଣ୍ଟରସିଟି ଏକ୍ସପ୍ରେସ୍ ସାକ୍ଷୀଗୋପାଳରୁ ଯାତ୍ରା ଆରମ୍ଭ କରିବ। ୧୬ ରୁ ୩୧ ମଇ ୨୦୨୬ ପର୍ଯ୍ୟନ୍ତ ୧୮୧୨୫ ରାଉରକେଲା-ପୁରୀ ଏକ୍ସପ୍ରେସ୍ ଖୋର୍ଦ୍ଧା ରୋଡ଼ରେ ଯାତ୍ରା ଶେଷ କରିବ। ୧୮୧୨୬ ପୁରୀ-ରାଉରକେଲା ଏକ୍ସପ୍ରେସ୍ ଖୋର୍ଦ୍ଧା ରୋଡ଼ରୁ ଯାତ୍ରା ଆରମ୍ଭ କରିବ। ୬୮୪୧୩ ତାଳଚେର-ପୁରୀ ମେମୁ ଖୋର୍ଦ୍ଧା ରୋଡ଼ରେ ଯାତ୍ରା ଶେଷ କରିବ। ୬୮୪୧୪ ପୁରୀ-ତାଳଚେର ମେମୁ ଖୋର୍ଦ୍ଧା ରୋଡ଼ରୁ ଯାତ୍ରା ଆରମ୍ଭ କରିବ। ୬୮୪୪୧ ଜଳେଶ୍ୱର-ପୁରୀ ମେମୁ ଖୋର୍ଦ୍ଧା ରୋଡ଼ରେ ଯାତ୍ରା ଶେଷ କରିବ। ୬୮୪୪୨ ପୁରୀ-ଜଳେଶ୍ୱର ମେମୁ ଖୋର୍ଦ୍ଧା ରୋଡ଼ରୁ ଯାତ୍ରା ଆରମ୍ଭ କରିବ। ଏହି ସାମୟିକ ନିୟନ୍ତ୍ରଣ ସମୟରେ ଯାତ୍ରୀମାନଙ୍କ ସୁବିଧା ପାଇଁ ପ୍ରଭାବିତ ଷ୍ଟେସନ ଏବଂ ପୁରୀ ମଧ୍ୟରେ ବୈଧ ଯାତ୍ରୀଙ୍କ ନିମନ୍ତେ ମାଗଣା ବସ୍ ସେବା ଜାରି ରହିବ।ଯାତ୍ରା ଆରମ୍ଭ କରିବା ପୂର୍ବରୁ ଏନଟିଇଏସ ଏବଂ ରେଳବାଇର ସରକାରୀ ସୂଚନା ସେବା ମାଧ୍ୟମରେ ଟ୍ରେନ୍ ଚଳାଚଳର ସଦ୍ୟତମ ସ୍ଥିତି ଯାଞ୍ଚ କରିବାକୁ ଯାତ୍ରୀମାନଙ୍କୁ ପରାମର୍ଶ ଦିଆଯାଇଛି।

# ପୂର୍ବତନ ବିଧାୟକ ଆୟୁବ୍ ଖାନ୍‌ଙ୍କ ବିୟୋଗରେ ଶଙ୍ଖ ଭବନରେ ଶୋକ ସଭା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବୁଧବାର ସକାଳେ କଣ୍ଟାବାଞ୍ଜିର ପୂର୍ବତନ ବିଧାୟକ ତଥା ବିଜେଡିର ବରିଷ୍ଠ ନେତା ଆୟୁବ ଖାନଙ୍କ ବିୟୋଗ ହୋଇଯାଇଛି । ତାଙ୍କ ଅମର ଆତ୍ମର ସଦଗତି ପାଇଁ ଶଙ୍ଖ ଭବନଠାରେ ବିଜୁ ଜନତା ଦଳ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଏହି ଶୋକ ସଭାରେ ଯୋଗ ଦେଇ ବିଜେଡି ସାଂସଦ ସଂତୃପ୍ତ ମିଶ୍ର, ସ୍ୱର୍ଗତ ଆୟୁବ ଖାନ୍‌ଙ୍କ ଅମାୟିକ ବ୍ୟକ୍ତିତ୍ୱ, ସାଧାରଣ ଜନତାଙ୍କ ପ୍ରତି ପ୍ରତିବଦ୍ଧତା ସଂପର୍କରେ ଆଲୋକପାତ କରିଥିଲେ। କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀରେ ସ୍ୱର୍ଗତ ଖାନ ଅନେକ ବିକାଶମୂଳକ କାର୍ଯ୍ୟ କରିଛନ୍ତି। ତାଙ୍କ ବିୟୋଗରେ ପଶ୍ଚିମ




ଓଡିଶା ତଥା କଣ୍ଟାବାଞ୍ଜିବାସୀ ଏକ ସୁଯୋଗ୍ୟ ସନ୍ତାନ ହରାଇଲା । ବିଜୁ ଜନତା ଦଳର ସଂଗଠନରେ ତାଙ୍କର ଅତୁଳନୀୟ ଅବଦାନ ଥିଲା । ଅନ୍ୟମାନଙ୍କ ମଧ୍ୟରେ ଏହି ଶୋକ ସଭାରେ ସାଂସଦ ସୁଲତା ଦେଓ, ବିଜୟ ନାୟକ, ମନ୍ମଥ ରାଉତରାୟ, ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ. ଲେନିନ୍ ମହାନ୍ତି, ଡ. ପ୍ରିୟବ୍ରତ ମାଝୀ, ତୁମ୍ବନାଥ ପଣ୍ଡା, ନାରାୟଣ ଜେନା, ଇପ୍ସିତା ସାହୁ, ସୋଫିଆ ଆଲାମ, ସକିଲୁର ରେହମାନ, ଜ୍ୟୋତ୍ସ୍ନା ପରିଡା, ରକି ଦାସ, ବିକ୍ରମ ରଂଜିତ ପଟ୍ଟନାୟକ, ତବରେଜ୍ ଖାନ, ସ୍ନେହାଶିଷ ଜେନା ପ୍ରମୁଖ ଉପସ୍ଥିତ ଥିଲେ । ବିଜେଡି ସଂଖ୍ୟାଲଘୁ ସେଲର ସହସଂଯୋଜିକା ରିଜୱାନ ବେଗମ୍ ଏହି ଶ୍ରଦ୍ଧାଞ୍ଜଳି ସଭା ସଞ୍ଚାଳନ କରିଥିଲେ ।

# ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣାକୁ ନେଇ ରାଜ୍ୟବ୍ୟାପୀ ବିଜୁ ଯୁବ ଛାତ୍ର ଜନତା ଦଳର ପ୍ରତିବାଦ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣାକୁ ନେଇ ଆଜି ସମଗ୍ର ରାଜ୍ୟରେ ବିଜୁ ଯୁବ ଜନତା ଦଳ ଓ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ରାଜ୍ୟବ୍ୟାପୀ ପ୍ରତିବାଦ ଆନ୍ଦୋଳନ ହୋଇଛି । ଭୁବନେଶ୍ୱର ସ୍ଥିତ ଉତ୍କଳ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ବିଜୁ ଯୁବ ଜନତା ଦଳର ରାଜ୍ୟ ସଭାପତି ଶ୍ରୀ ଚିନ୍ମୟ ସାହୁ ଓ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁଙ୍କ ନେତୃତ୍ୱରେ ଏକ ବିଶାଳ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ନିଟ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣାକୁ ନେଇ କଟକ ଜିଲ୍ଲା ପକ୍ଷରୁ ଖ୍ରୀଷ୍ଟ ମହାବିଦ୍ୟାଳୟ ସମ୍ମୁଖରେ ଏକ ବିଶାଳ ବିକ୍ଷୋଭ ପ୍ରଦର୍ଶନ ହୋଇଛି । ସେହିପରି ବ୍ରହ୍ମପୁର, ବାରିପଦା, ଅନୁଗୁଳ, ଯାଜପୁର, ବାଲେଶ୍ୱର ଆଦି ଜିଲ୍ଲାରେ ମଧ୍ୟ ବିଜେଡି ପକ୍ଷରୁ ପ୍ରତିବାଦ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି । ଏହି ଆନ୍ଦୋଳନରେ ଶତାଧିକ ଛାତ୍ର ଓ ଯୁବ କର୍ମୀମାନେ ଯୋଗଦେଇ କେନ୍ଦ୍ର ସରକାର ବିରୋଧରେ ଜୋରଦାର ନାରାବାଜି କରିଥିଲେ । ଆନ୍ଦୋଳନକାରୀ ଯୁବ ଛାତ୍ର ନେତାମାନେ କହିଥିଲେ ଯେ, ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣା ଲକ୍ଷାଧିକ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳ ଖେଳିଛି । ପୁନଃ ପ୍ରଶ୍ନପତ୍ର ଲିକ୍ ଓ ପରୀକ୍ଷାରେ ଅନିୟମିତତା ଘଟଣା କେନ୍ଦ୍ର ସରକାରଙ୍କ ବିଫଳତାକୁ ପଦାରେ ପକାଇଛି । ନେତୃବୃନ୍ଦ ଏହି ଘଟଣାର ନିରପେକ୍ଷ ଓ ସ୍ୱଚ୍ଛ ତଦନ୍ତ ସହ ଦୋଷୀମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ସେହିପରି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୈତିକ ଦାୟିତ୍ୱ ନେଇ ତୁରନ୍ତ ଇସ୍ତଫା ପ୍ରଦାନ କରନ୍ତୁ ବୋଲି ଛାତ୍ରନେତାମାନେ ଦାବି କରିଥିଲେ । ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଆସ୍ଥା ଫେରାଇ ଆଣିବା ପାଇଁ ପରୀକ୍ଷା ବ୍ୟବସ୍ଥାରେ ତୁରନ୍ତ ସଂଶୋଧନ ଆଣିବାକୁ ମଧ୍ୟ ଦାବି କରାଯାଇଥିଲା । କେନ୍ଦ୍ର ସରକାର ଯଦି ଏହି ଘଟଣାରେ କଠୋର ପଦକ୍ଷେପ ନେବାରେ ବିଫଳ ହୁଏ, ତେବେ ଆଗାମୀ ଦିନରେ ଏହି ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ବିଜେଡି ଚେତାବନୀ ଦେଇଛି ।

## ବିଶ୍ୱ ଦକ୍ଷତା କେନ୍ଦ୍ରରେ ଶିଳ୍ପ ମନ୍ତ୍ରୀଙ୍କ ସମୀକ୍ଷା

# ନୂତନ ବୈଷୟିକ ଶିକ୍ଷା ଆରମ୍ଭ କରିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବିଶ୍ୱ ଦକ୍ଷତା କେନ୍ଦ୍ର ଓଡ଼ିଶାରେ ଉନ୍ନତମାନର ଦକ୍ଷତା ବିକାଶ ପାଇଁ ଦୃଢ଼ ଭିତିପ୍ରସ୍ତର ସ୍ଥାପନ କରିଛି। ଏବେ ଏହାର ଭିତିଭୂମିର ସମ୍ପୂର୍ଣ୍ଣ ବିନିଯୋଗ, ଶିଳ୍ପ ସହଭାଗିତାକୁ ସୁଦୃଢ଼ କରି ଏବଂ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରି ଏହାର ପରିସରକୁ ଆହୁରି ବ୍ୟାପକ କରିବାକୁ ହେବ। ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ରର ଅଗ୍ରଗତି ଏବଂ ଭବିଷ୍ୟତ କାର୍ଯ୍ୟପନ୍ଥା ସଂପର୍କରେ ସମୀକ୍ଷା କରି ଏହା କହିଛନ୍ତି ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ। ଏହାସହ ଓଡ଼ିଶାର ଯୁବପିଢ଼ିଙ୍କୁ କେବଳ ଘରୋଇ ନିଯୁକ୍ତି ପାଇଁ ନୁହେଁ, ବରଂ 'ୱାର୍ଲ୍ଡ ସ୍କିଲ୍ସ' ଭଳି ବିଶ୍ୱସ୍ତରୀୟ ମଂଚ ପାଇଁ ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରହିଥିବା ସେ କହିଛନ୍ତି। ରାଜ୍ୟରେ ଦକ୍ଷତା ବିକାଶ କ୍ଷେତ୍ରରେ ବିଶ୍ୱ ଦକ୍ଷତା କେନ୍ଦ୍ର ଏକ ପ୍ରମୁଖ ଅନୁଷ୍ଠାନ। ପ୍ରତିଷ୍ଠା ପରଠାରୁ ଏହା ୯,୦୦୦ ରୁ ଅଧିକ ଯୁବକ ଯୁବତୀଙ୍କୁ ପ୍ରଶିକ୍ଷଣ ଦେଇସାରିଛି। ଏହି କେନ୍ଦ୍ର ୯୯% ରୁ ଅଧିକ ନିଯୁକ୍ତି ହାର ହାସଲ କରିଛି। ଏଠାରୁ ପ୍ରଶିକ୍ଷଣ ପାଇଥିବା ପିଲାଙ୍କ ମଧ୍ୟରୁ ୨୫୧ ଜଣ ଟାଟା ଗ୍ରୁପ୍, ହିଟାଚି ଓ ୱିପ୍ରୋ ଭଳି ନାମୀଦାମୀ କମ୍ପାନୀରେ ବିଦେଶରେ ଚାକିରି ପାଇଛନ୍ତି। ଏହାସହ କେନ୍ଦ୍ର ପକ୍ଷରୁ 'ପ୍ରଶିକ୍ଷକଙ୍କ ତାଲିମ' କାର୍ଯ୍ୟକ୍ରମ ଜରିଆରେ ୪,୦୦୦ରୁ ଅଧିକ ଅଧ୍ୟାପକଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଏଥିସହ ଆଡଭାନ୍ସଡ୍ ୱେଲ୍‌ଡିଂ, ଇଣ୍ଡଷ୍ଟ୍ରିଆଲ୍ ଅଟୋମେସନ୍ ଏବଂ ସ୍ମାର୍ଟ ମାନୁଫ୍ୟାକଚରିଂ ଭଳି ଅତ୍ୟାଧୁନିକ ବିଷୟରେ ଏଠାରେ ଉତ୍କର୍ଷ କେନ୍ଦ୍ରମାନ ସ୍ଥାପନ କରାଯାଇଛି। ମନ୍ତ୍ରୀ ବିଶ୍ୱ ଦକ୍ଷତା କେନ୍ଦ୍ରର ଅଗ୍ରଗତିକୁ ପ୍ରଶଂସା କରିବା ସହ ଏହାର ପରିସର ବୃଦ୍ଧି ନେଇ ଭବିଷ୍ୟତ କାର୍ଯ୍ୟପନ୍ଥା ସଂପର୍କରେ ଆଲୋଚନା କରିଛନ୍ତି। ଭିତିଭୂମିର ସଠିକ୍ ଉପଯୋଗ ଉପରେ ଗୁରୁତ୍ୱ ଦେଇ ସେ ଅଧିକ ସଂଖ୍ୟକ ଛାତ୍ରଛାତ୍ରୀଙ୍କୁ ସାମିଲ କରିବା, ଶିଳ୍ପ-ଭିତିକ ସ୍ୱଳ୍ପକାଳୀନ ପାଠ୍ୟକ୍ରମର ସମ୍ପ୍ରସାରଣ ଏବଂ ଅଣ୍ଡର-ୱାଟର ଓ ପାଇପ୍ ୱେଲଡିଂ ଭଳି ସ୍ୱତନ୍ତ୍ର ଦକ୍ଷତା କ୍ଷେତ୍ରଗୁଡ଼ିକ ଆରମ୍ଭ କରିବା ଉପରେ ଜୋର ଦେଇଛନ୍ତି। ଏହାସହ ସରକାରୀ ଅନୁଷ୍ଠାନ, ବେସରକାରୀ ଆଇଟିଆଇ ଏବଂ ପଲିଟେକନିକଗୁଡ଼ିକ ମଧ୍ୟରେ ଅଧିକ ସମନ୍ୱୟ ରକ୍ଷା କରିବାକୁ ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ବୈଠକରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର କମିଶନର-ତଥା-ସଚିବ ଭୂପେନ୍ଦ୍ର ସିଂ ପୁନିଆ, ବିଶ୍ୱ ଦକ୍ଷତା କେନ୍ଦ୍ରର ସିଇଓ ରଶ୍ମି ରଞ୍ଜନ ମହାପାତ୍ର, ସିଓଓ ପିନାକୀ ପଟ୍ଟନାୟକ, ଅଧ୍ୟକ୍ଷ ଡକ୍ଟର ଶୁଭାଙ୍ଗ କିଶୋର ଦାସ ଏବଂ ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ।

# ଇସ୍ରୋ ପରିଦର୍ଶନ କଲେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ

**ବେଙ୍ଗାଲୁରୁ/ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ବେଙ୍ଗାଲୁରୁସ୍ଥିତ ୟୁ.ଆର ରାଓ ସାଟେଲାଇଟ୍ ସେଣ୍ଟର (ୟୁଆରଏସସି) ଏବଂ ଇସ୍ରୋ ସାଟେଲାଇଟ୍ ଇଂଟିଗ୍ରେସନ୍ ଆଣ୍ଡ ଟେଷ୍ଟ ଏଷ୍ଟାବ୍ଲିଶମେଣ୍ଟ (ଆଇଏସଆଇଟିଇ ) ପରିଦର୍ଶନ କରିଛନ୍ତି । ବର୍ତ୍ତମାନର ଶାସନ ବ୍ୟବସ୍ଥା ଏବଂ ବୈଜ୍ଞାନିକ ଶିକ୍ଷା କ୍ଷେତ୍ରରେ ଅତ୍ୟାଧୁନିକ ମହାକାଶ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ପାଇଁ ଓଡ଼ିଶା ସରକାର ଏବଂ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ମଧ୍ୟରେ ସମନ୍ୱୟ ରକ୍ଷା କରିବା ଏହି ଗସ୍ତର ମୂଳ ଲକ୍ଷ୍ୟ ଥିଲା। ମନ୍ତ୍ରୀ ଶ୍ରୀ ପାତ୍ର ଇସ୍ରୋର ବରିଷ୍ଠ ବୈଜ୍ଞାନିକ ଏବଂ ଅଧିକାରୀମାନଙ୍କ ସହ ଓଡ଼ିଶାରେ ବିପର୍ଯ୍ୟୟ ପରିଚାଳନା, ଖାଦ୍ୟ ସୁରକ୍ଷା ତଦାରଖ ଏବଂ ପ୍ରାକୃତିକ ସମ୍ପଦର ସ୍ଥିତାବସ୍ଥାର ମାନଚିତ୍ର ପ୍ରସ୍ତୁତି କ୍ଷେତ୍ରରେ ଉପଗ୍ରହ ତଥ୍ୟ ପ୍ରୟୋଗ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ।

ସେହିଭଳି ଇସ୍ରୋ ସାଟେଲାଇଟ୍ ଇଂଟିଗ୍ରେସନ୍ ଆଣ୍ଡ ଟେଷ୍ଟ ଏଷ୍ଟାବ୍ଲିଶମେଣ୍ଟ ପରିସରରେ ସାଟେଲାଇଟ୍ ସଂଯୋଗୀକରଣ କ୍ଷେତ୍ର ପରିଦର୍ଶନ କରିବା ସହ ମନ୍ତ୍ରୀ ଶ୍ରୀ ପାତ୍ର ଅତ୍ୟାଧୁନିକ 'କ୍ଲିନ୍ ରୁମ୍' ସୁବିଧା ବୁଲି ଦେଖିଥିଲେ । ଭାରତର ଭବିଷ୍ୟତରେ ଯୋଗାଯୋଗ ବ୍ୟବସ୍ଥା ଏବଂ ନେଭିଗେସନ୍ ସାଟେଲାଇଟ୍ ଗୁଡ଼ିକର ଜଟିଳ ସଂଯୋଗୀକରଣ ଓ ପରୀକ୍ଷଣ ପ୍ରକ୍ରିୟା ସମ୍ପର୍କରେ ସେ ଅବଗତ ହୋଇଥିଲେ।

ୟୁ.ଆରରାଓ ସାଟେଲାଇଟ୍ ସେଂଟର ସ୍ଥିତ ମହାକାଶ ସଂଗ୍ରହାଳୟ ବୁଲି ଦେଖି ଶ୍ରୀ ପାତ୍ର 'ଆର୍ଯ୍ୟଭଟ୍ଟ'ଠାରୁ ଆରମ୍ଭ କରି ବର୍ତମାନର ମହାକାଶ ଅଭିଯାନ ପର୍ଯ୍ୟନ୍ତ ଭାରତର ସଫଳତା ବିଷୟରେ ଅବଗତ ହୋଇଥିଲେ। ଓଡ଼ିଶାର ଛାତ୍ରଛାତ୍ରୀଙ୍କୁ ଅନୁପ୍ରାଣିତ କରିବା ପାଇଁ ଭୁବନେଶ୍ୱରରେ ପ୍ରସ୍ତାବିତ ସାଇନ୍ସ ସିଟିରେ ଏଭଳି ବିଶ୍ୱସ୍ତରୀୟ ପ୍ରଦର୍ଶନୀ ସ୍ଥାପନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହି ଗସ୍ତ ସମୟରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ବରିଷ୍ଠ ଅଧିକାରୀମାନେ ମନ୍ତ୍ରୀଙ୍କ ସହ ଉପସ୍ଥିତ ଥିଲେ। ବିଜ୍ଞାନ ଓ ନବସୃଜନ କ୍ଷେତ୍ରରେ ଓଡ଼ିଶାର ସକ୍ରିୟ ପଦକ୍ଷେପକୁ ୟୁ.ଆର.ରାଓ ସାଟେଲାଇଟ୍ ସେଣ୍ଟର ନିର୍ଦ୍ଦେଶକ ପ୍ରଶଂସା କରିଥିଲେ।

ଭୁବନେଶ୍ୱର, ୧୪ ମଇ, ଗୁରୁବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ରଥଖଳା ହାଲ୍‌ଚାଲ୍ : ୩୧ ଚକ ଶେଷ, ନାହାକା ତିଆରି ଆରମ୍ଭ

**ପୁରୀ, ୧୩/୦୫ ନ୍ୟୁଜ ବ୍ୟୁରୋ**

ରଥତ୍ରୟର ଚକ, ଚଉତା ଓ ଗୁଜ ଆଦି ତିଆରି ଚାଲିଛି । ବର୍ତ୍ତମାନ ସୁଦ୍ଧା ୩୧ଟି ଚକ ନିର୍ମାଣ ଶେଷ ହୋଇଥିବା ସୂଚନା ରହିଛି । ବିଶ୍ୱକର୍ମାଙ୍କ ସମେତ କରତୀ ଓ ଭୋଇ ସେବକମାନେ ଚକ ନିର୍ମାଣରେ ଲାଗିଛନ୍ତି । ରଥ ଖଳା ମାଲିକାଣୀ ମା'ଚର୍ଚ୍ଚିକାଙ୍କ ସମ୍ମୁଖରେ ଯନ୍ତାଗାଡ଼ରେ ପକାଇ ସିଙ୍ଗଡ଼ା (ତୁମ୍ବ ସଂଯୁକ୍ତ ୧୬ ଅର) ତିଆରୁଛନ୍ତି ଭୋଇସେବକ । ସିଙ୍ଗଡ଼ା ପ୍ରସ୍ତୁତ ପରେ ବୁହାହୋଇ ରଥ ଚାଳିକୁ ଆସୁଛି । ସେଠାରେ ଅଭିଜ୍ଞ ବିଶ୍ୱକର୍ମାଙ୍କ ନିର୍ଦ୍ଦେଶ କ୍ରମେ ପ୍ରସ୍ତୁତ ହେଉଛି ଚକ। ରଥର ଚାରି ନାହାକା ତିଆରି ଆରମ୍ଭ ହୋଇଛି । ଦଣ୍ଡା ଉପରେ ଚାରି ନାହାକା ଉଠିଲେ ରଥ ଉପରିଭାଗ ଗଢ଼ା ହେବ । ଭୋଇ ସେବକମାନେ ୨୦ଫୁଟିଆ କାଠ



ଯୋଗାଇବା ପରେ ବିଶ୍ୱକର୍ମାମାନେ କେଉଁ କାଠ ରଥର କେଉଁ ଅଂଶ ପାଇଁ ଉପଯୁକ୍ତ ବାଛି ସେହି ଅନୁସାରେ କାଟୁଛନ୍ତି । ତାଳଧ୍ୱଜର ଦୁଇଟି ନାହାକା ହଣା ଚାଲିଥିବା କହିଛନ୍ତି ବାଳକୃଷ୍ଣ ମହାରଣା । ସେହିଭଳି ମୁହାଣ୍ଟ, ନିରାଡ଼ି ଓ ଯୋକା କାର୍ଯ୍ୟ ପ୍ରାୟ ଶେଷ ହୋଇଛି । ନିର୍ମାଣକାରୀଙ୍କ ମଧ୍ୟରେ ସମନ୍ୱୟ ରଖି ତିନି ରଥର କାର୍ଯ୍ୟ ଆଗଉଛି। ଚକ କାର୍ଯ୍ୟ ଶେଷ ପାଇଁ ପହିକୁ ଅପେକ୍ଷା। ରୂପକାରମାନେ ଗୁଜ ନିର୍ମାଣରେ ନିମଗ୍ନ। ଓଝା ସେବକମାନେ ନୂଆ କରି ଦଣ୍ଡା କଣ୍ଟା ପକାଇଛନ୍ତି। ଦଣ୍ଡା ପାଇଁ ଅଗପାତଳି କଣ୍ଟା ତିଆରି ଆରମ୍ଭ ହୋଇଛି । ଏଥିସହ ମଙ୍ଗଳବାର କାର୍ଯ୍ୟାଳୟରେ ବୈଠକ କରି ରଥ ନିର୍ମାଣ ସମ୍ପର୍କରେ ଆଲୋଚନା କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ। ବୈଠକକୁ ବିଶ୍ୱକର୍ମା, ରୁପକାର, ଭୋଇସେବକ, ଓଝା ଓ କରତୀ ସେବକଙ୍କୁ ଡାକି ରଥ ନିର୍ମାଣର ଅଗ୍ରଗତି ନେଇ ପଚାରି ବୁଝିଛନ୍ତି । ଆଲୋଚନା ସମୟରେ ଶ୍ରୀମନ୍ଦିର ପ୍ରଶାସକମାନେ ଉପସ୍ଥିତ ଥିଲେ । ମୋଟାମୋଟି ରଥ କାର୍ଯ୍ୟ ନେଇ ବୈଠକରେ ସନ୍ତୁଷ୍ଟି ପ୍ରକାଶ ପାଇଥିଲା।

# ରଥଯାତ୍ରା ପୂର୍ବରୁ ପୁରୀରେ ସ୍ୱାସ୍ଥ୍ୟ ସଚିବଙ୍କ ସମୀକ୍ଷା : ରୋଗୀଙ୍କ ଭିଡ଼ କମାଇବ ଟ୍ରାଏଜ୍

**ପୁରୀ ୧୩।୫ ନ୍ୟୁଜ ବ୍ୟୁରୋ**

ରଥଯାତ୍ରା ପୂର୍ବରୁ ପୁରୀରେ ସ୍ୱାସ୍ଥ୍ୟ ସଚିବଙ୍କ ସମୀକ୍ଷା। ପୁରୀ ମେଡିକାଲରେ ସ୍ୱାସ୍ଥ୍ୟ ସଚିବ ସମୀକ୍ଷା କରିବା ସହିତ ବୈଠକ କରିଛନ୍ତି। ଆଗାମୀ ରଥଯାତ୍ରାକୁ ନେଇ ପୁରୀ ମେଡ଼ିକାଲରେ ସ୍ୱାସ୍ଥ୍ୟ ସେବାର ସମୀକ୍ଷା କରିଛନ୍ତି ସ୍ୱାସ୍ଥ୍ୟ ସଚିବ ଏସ ଅଶ୍ୱସ୍ଥି। ଏହି ବୈଠକରେ ସ୍ୱାସ୍ଥ୍ୟ ସଚିବଙ୍କ ସହିତ ଅନ୍ୟ ଦୁଇଜଣ ସ୍ପେଶାଲ ସେକ୍ରେଟାରୀ ମଧ୍ୟ ଉପସ୍ଥିତ ଥିଲେ। ମେଡ଼ିକାଲରେ କିଭଳି ରହିଛି ସ୍ୱାସ୍ଥ୍ୟ ସେବା ତାହାର ସମୀକ୍ଷା କରିଛନ୍ତି ସଚିବ। ବୈଠକରେ ସମସ୍ତ ବିଭାଗର ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

ତେବେ ରଥଯାତ୍ରା ପୂର୍ବରୁ ପୁରୀ ମେଡ଼ିକାଲ ପରିସରରେ ନୂଆ ବିଲଡିଂ କାମ ସାରିବା ସହିତ ଡାକ୍ତରଙ୍କ ସଂଖ୍ୟା ପୂରଣ, ଶ୍ରୀଜଗନ୍ନାଥ ମେଡ଼ିକାଲକୁ କାର୍ଯ୍ୟକ୍ଷମ କରିବା ଆଦି ପ୍ରସଙ୍ଗକୁ ନେଇ ସମୀକ୍ଷା କରାଯାଇଛି। ରୋଗୀଙ୍କ ଭିଡ଼ କମାଇବା ନେଇ ପ୍ରଥମ କରି ଟ୍ରାଏଜ୍, ବଡ଼ଦାଣ୍ଡରେ ୮ଟି ଅସ୍ଥାୟୀ ହସ୍ପିଟାଲ ଖୋଲାଯିବ। ଜୁନ୍ ୩୦ ସୁଦ୍ଧା ପୁରୀ ହସ୍ପିଟାଲରେ ଚାଲିଥିବା ନୂଆ ବିଲଡିଂର କାର୍ଯ୍ୟକ୍ଷମ ହେବ। ଏହାସହ ୨୩୭ ଡାକ୍ତର, କାର୍ଡ଼ିଓଲୋଜିଷ୍ଟ, ପ୍ଲାଷ୍ଟିକ ସର୍ଜରୀ, ନ୍ୟୁରୋ ଆଦି ୨ ଜଣ ଲେଖାଏଁ ଡ଼ାକ୍ତର ନିୟୋଜିତ ରହିବେ ବୋଲି କହିଛନ୍ତି ସ୍ୱାସ୍ଥ୍ୟ ସଚିବ।

ତେବେ ଜୁଲାଇ ୧୬ରେ ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେବ। ରଥଯାତ୍ରାରେ ୧୦ରୁ ୧୫ ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ହେବାର ଆକଳନ କରିଛି ପ୍ରଶାସନ। ରଥଯାତ୍ରାକୁ ଶୃଙ୍ଖଳିତ ଓ ସୁରୁଖୁରୁରେ ଆୟୋଜନ କରିବା ନେଇ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ଏନେଇ ରଥଯାତ୍ରା ପ୍ରଥମ ସମନ୍ୱୟ କମିଟି ବୈଠକ ଆରଡିସିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବାକୁ ନେଇ ବୈଠକରେ ପ୍ରବଳ ହୋହାଲ୍ଲା ହୋଇଥିଲା। ରଥଯାତ୍ରା ପୂର୍ବରୁ ସ୍ୱାସ୍ଥ୍ୟ ସେବାରେ ସୁଧାର ଆଣିବା ପାଇଁ କଡ଼ା ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ଆଜି ସ୍ୱାସ୍ଥ୍ୟ ସଚିବଙ୍କ ସମୀକ୍ଷା ବୈଠକ ପରେ ପୁରୀ ହସ୍ପିଟାଲରେ ସ୍ୱାସ୍ଥ୍ୟ ସେବାରେ କିଭଳି ସୁଧାର ଆସୁଛି ତାହା ସମୟ କହିବ ବୋଲି କହିଛନ୍ତି ବୁଦ୍ଧିଜୀବୀ।

# ସମ୍ଭାବ୍ୟ ବାତ୍ୟା ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୧୩/୦୫ ନ୍ୟୁଜ ବ୍ୟୁରୋ**

'ବିପର୍ଯ୍ୟୟ ପରିଚାଳନା ଓ ପ୍ରସ୍ତୁତି କ୍ଷେତ୍ରରେ ଓଡ଼ିଶାର ରହିଛି ସୁନାମ । କିନ୍ତୁ ଏଥିପାଇଁ କୌଣସି ପ୍ରକାର ଆତ୍ମସନ୍ତୁଷ୍ଟିରେ ରୁହନାହିଁ ।' ବାତ୍ୟା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବାକୁ ସମସ୍ତ ବିଭାଗକୁ ନିର୍ଦ୍ଦେଶ । ସମୟୋପଯୁକ୍ତ ପଦକ୍ଷେପ, ମାର୍ଗଦର୍ଶିକାର କଡ଼ାକଡ଼ି ପାଳନ ଓ ଜରୁରୀକାଳୀନ ସମୟରେ ଦ୍ରୁତ ସୂଚନା ପ୍ରସାର ମାଧ୍ୟମରେ ବିପର୍ଯ୍ୟୟ ପ୍ରସ୍ତୁତି ଓ ପରିଚାଳନାର ସୁନାମକୁ ଅକ୍ଷୁର୍ଣ୍ଣ ରଖିବାକୁ ଗୁରୁତ୍ୱ । ଲୋକସେବା ଭବନରେ ପ୍ରାକ ବାତ୍ୟା ପ୍ରସ୍ତୁତି ସଂପର୍କିତ ଉଚ୍ଚସ୍ତରୀୟ ବୈଠକର ଅଧ୍ୟକ୍ଷତାରେ କରି ଏହା କହିଛନ୍ତି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ । ଉନ୍ନୟନ କମିଶନର ଦେଓ ରଞ୍ଜନ କୁମାର ସିଂହ ସମସ୍ତ ବିଭାଗକୁ କ୍ଷେତ୍ରସ୍ତରୀୟ ଅଧିକାରୀମାନଙ୍କ ସହ ପ୍ରସ୍ତୁତି ବ୍ୟବସ୍ଥାର ନିୟମିତ ସମୀକ୍ଷା କରିବା ସହ ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନକୁ କଡ଼ାକଡ଼ି ଭାବେ ଅନୁସରଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସ୍ୱତନ୍ତ୍ର ରିଲିଫ କମିଶନର ତଥା ଓସଡମାର ପରିଚାଳନା



ରାଜ୍ୟ ସରକାରଙ୍କ ପ୍ରାକ୍ ବାତ୍ୟା ପ୍ରସ୍ତୁତି

ନିର୍ଦ୍ଦେଶକ ରାଜେଶ ପ୍ରଭାକର ପାଟିଲ କହିଛନ୍ତି, 'ବଙ୍ଗୋପସାଗର କୂଳରେ ଭୌଗୋଳିକ ଅବସ୍ଥିତି କାରଣରୁ ଓଡ଼ିଶା ବାତ୍ୟା ପ୍ରତି ଅତ୍ୟନ୍ତ ସମ୍ବେଦନଶୀଳ । ପ୍ରସ୍ତୁତି, ସମନ୍ୱୟ ଓ ପୂର୍ବ ସତର୍କ ସୂଚନା ପ୍ରଚାର ମାଧ୍ୟମରେ "ଶୂନ୍ୟ ମୃତାହତ" ଲକ୍ଷ୍ୟ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ରହିଥିବା ସଂପର୍କରେ ସେ ଉଲ୍ଲେଖ କରିଛନ୍ତି । ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱରର ନିର୍ଦ୍ଦେଶିକା ଡଃ. ମନୋରମା ମହାନ୍ତିଙ୍କ ସୂଚନା ଅନୁସାରେ, ବର୍ତ୍ତମାନ ଓଡିଶା ଉପକୂଳରେ କୌଣସି ବାତ୍ୟାର ସମ୍ଭାବନା ନାହିଁ । ତେବେ ପ୍ରାକ ବାତ୍ୟା ପ୍ରସ୍ତୁତି ସ୍ୱରୂପ ସମସ୍ତ ସ୍ତରରେ ପ୍ରସ୍ତୁତି ଜାରି ରଖିବାକୁ ସେ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଛନ୍ତି । ପ୍ରାକ ବାତ୍ୟା ପ୍ରସ୍ତୁତି ପରିପ୍ରେକ୍ଷୀରେ ବିଭିନ୍ନ ବିଭାଗର ପ୍ରସ୍ତୁତି ସଂପର୍କରେ ବିଭାଗୀୟ କର୍ତ୍ତୃପକ୍ଷମାନେ ସୂଚନା ଦେଇଛନ୍ତି । ଆଇନ ଓ ଶୃଙ୍ଖଳା ଅତିରିକ୍ତ ଡ଼ିଜି ସଞ୍ଜୟ କୁମାର କହିଛନ୍ତି, 'ସନ୍ଧାନ ଓ ଉଦ୍ଧାର କାର୍ଯ୍ୟ ପାଇଁ ତୁରନ୍ତ ମୁତୟନ ନିମନ୍ତେ ୩୦ଟି ଓଡ୍ରାଫ ଟିମ୍ ପ୍ରସ୍ତୁତ ରହିଛନ୍ତି । ଜଳ ସମ୍ପଦ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ, ଶକ୍ତି, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ପୂର୍ତ୍ତ, କୃଷି, ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ଏବଂ ଗୃହ ଓ ନଗର ଉନ୍ନୟନ ଆଦି ବିଭାଗ ପକ୍ଷରୁ ଜଳଭଣ୍ଡାର ପରିଚାଳନା, ରାସ୍ତା ଓ ବିଦ୍ୟୁତ୍ ସେବା, ପୁନରୁଦ୍ଧାର, ସୁରକ୍ଷିତ ପାନୀୟ ଜଳ ଯୋଗାଣ, ଔଷଧ, ପଶୁଖାଦ୍ୟ ଓ ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ ସହ ଜରୁରୀକାଳୀନ ପ୍ରତିକ୍ରିୟା ବ୍ୟବସ୍ଥା ସମ୍ବନ୍ଧୀୟ ପ୍ରସ୍ତୁତି ସଂପର୍କରେ ବିଭାଗୀୟ ପ୍ରସ୍ତୁତି ନେଇ ସମୀକ୍ଷା ହୋଇଛି । ବିଭିନ୍ନ ବିଭାଗକୁ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀର ପ୍ରସ୍ତୁତି ସୁନିଶ୍ଚିତ କରିବା, କଣ୍ଟ୍ରୋଲ ରୁମ ସକ୍ରିୟ କରିବା ଓ ଏସଓପି କଡ଼ାକଡ଼ି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବିଶେଷକରି ମତ୍ସ୍ୟଜୀବୀଙ୍କ ପାଇଁ ବାତ୍ୟା ସତର୍କତା ସୂଚନାର ପ୍ରଚାର-ପ୍ରସାର ଓ ପ୍ରଭାବଶାଳୀ ବିପର୍ଯ୍ୟୟ ମୁକାବିଲା ପାଇଁ ବିଭାଗ ଗୁଡ଼ିକ ମଧ୍ୟରେ ସମନ୍ୱୟ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ବୈଠକରେ ଅଗ୍ନିଶମ ସେବା ଡିଜି ଡଃ. ସୁଧାଂଶୁ ଷଡ଼ଙ୍ଗୀଙ୍କ ସମେତ ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନର, ଭାରତୀୟ ପାଣିପାଗ ବିଭାଗ, ଓଡ୍ରାଫ ଏବଂ ସମ୍ପୃକ୍ତ ବିଭିନ୍ନ ବିଭାଗର ସଚିବ ଓ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ ।

## ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ

# କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ଛାତ୍ରଛାତ୍ରୀଙ୍କ ଶତପ୍ରତିଶତ ସଫଳତା

**ଭୁବନେଶ୍ୱର, ୧୩।୫ ନ୍ୟୁଜ ବ୍ୟୁରୋ**

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଏଥିରେ ଦ୍ୱାଦଶ ଶ୍ରେଣୀରେ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ଛାତ୍ରଛାତ୍ରୀମାନେ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି । ସ୍କୁଲ୍‌ର ୯୮ପ୍ରତିଶତ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଜ୍ଞାନ ଓ ବାଣିଜ୍ୟରେ ସର୍ବାଧିକ ୯୮.୪ ପ୍ରତିଶତ ନମ୍ବର ରଖି ଯଥାକ୍ରମେ ଅନ୍ୱେଶା ସୁନ୍ଦରାଏ ଓ ତମନ୍ନା ଅଗ୍ରୱାଲ ସ୍କୁଲ୍ ଟପ୍ପର ହୋଇଛନ୍ତି। ସେହିପରି କଳାରେ ସର୍ବାଧିକ ୯୮ ପ୍ରତିଶତ ନମ୍ବର ରଖି ସାନ୍‌ଭି ଏସ୍ ପଟେଲ୍ ସ୍କୁଲ୍



ଟପ୍‌ପର ହୋଇଛନ୍ତି। ଚଳିତବର୍ଷ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ୩୦ ପ୍ରତିଶତ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ରେ ସ୍ପେଶିଆଲ୍ ଛାତ୍ରଛାତ୍ରୀଙ୍କ ପାଇଁ ଉଦିଷ୍ଟ ସେନ୍ ଗ୍ଲୋବ୍‌ରେ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀମାନେ ମଧ୍ୟ ଏକ ପ୍ରଭାବଶାଳୀ ଫଳାଫଳ ରେକର୍ଡ କରିଛନ୍ତି। ସେନ୍ ଗ୍ଲୋବର ସମସ୍ତ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେନ୍ ଗ୍ଲୋବ୍ ଛାତ୍ରଛାତ୍ରୀମାନେ ହାରାହାରି ୮୫ ପ୍ରତିଶତ ନମ୍ବର ରଖିଥିବା ବେଳେ ସର୍ବାଧିକ ୯୨ପ୍ରତିଶତ ନମ୍ବର ରହିଛି। ସେହିପରି କଳରାବାଙ୍କ ଇଂଲିଶ ମିଡିୟମ ସ୍କୁଲ୍‌ର ଫଳାଫଳ ସନ୍ତୋଷଜନକ ହୋଇଥିବା ବେଳେ ଅସ୍ମିତ ସାହୁ ସର୍ବାଧିକ ୯୬ ପ୍ରତିଶତ ନମ୍ବର ରଖି ସ୍କୁଲ୍ ଟପ୍‌ପର ହୋଇଛନ୍ତି। ସ୍କୁଲ୍‌ର ଏହି ସଫଳତାରେ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ସନ୍ତୋଷ ବ୍ୟକ୍ତ କରିବା ସହ ସଫଳତା ହାସଲ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେ କହିଛନ୍ତି, କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ଗୁଣାତ୍ମକ ଶିକ୍ଷା ପ୍ରଣାଳୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ନିଷ୍ଠା ଏବଂ ଛାତ୍ରଛାତ୍ରୀଙ୍କୁ ସମୟ ଉପଯୋଗୀ ପରାମର୍ଶ ଯୋଗୁଁ ଦୀର୍ଘ ୧୯ବର୍ଷ ହେଲା ଏହି ସଫଳତା ସମ୍ଭବ ହୋଇଆସୁଛି। ଏଥିପାଇଁ ସେ ସ୍କୁଲ୍‌ର ଚେୟାରପର୍ସନ ଡ. ମୋନା ଲିସା ବଳ ଏବଂ ଅଧ୍ୟକ୍ଷ ଡ. ସଞ୍ଜୟ ସୁଆର ତଥା ଅନ୍ୟାନ୍ୟ ଶିକ୍ଷକ ଓ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ବିଶେଷ କରି ସେନ୍ ଗ୍ଲୋବର ଛାତ୍ରଛାତ୍ରୀମାନଙ୍କର ଉପଯୁକ୍ତ ଯତ୍ନ ନିଆଯାଇପାରୁଥିବାରୁ ସେମାନେ ପରୀକ୍ଷାରେ ଭଲ ପ୍ରଦର୍ଶନ କରୁଛନ୍ତି।

# ପୂର୍ବତନ ବିଧାୟକ ଆୟୁବ ଖାନଙ୍କ ପରଲୋକ: ମୁଖ୍ୟମନ୍ତ୍ରୀ ଓ ନବୀନଙ୍କ ଶୋକ ପ୍ରକାଶ

**ବଲାଙ୍ଗୀର, ୧୩/୦୫ ନ୍ୟୁଜ ବ୍ୟୁରୋ**

ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ କଣ୍ଟାବାଞ୍ଜି ବିଧାୟକ ଆୟୁବ ଖାନ୍‌ଙ୍କ ପରଲୋକ ହୋଇଯାଇଛି। ୭୮ ବର୍ଷ ବୟସରେ ବୁଧବାର ତାଙ୍କର କଣ୍ଟାବାଞ୍ଜି ସ୍ଥିତ ବାସଭବନରେ ପରଲୋକ ଘଟିଛି। ଶେଷ ପର୍ଯ୍ୟନ୍ତ ସେ ରାଜନୀତିରେ ସକ୍ରିୟ ଥିବା ବେଳେ କଣ୍ଟାବାଞ୍ଜି ରାଜନୀତିରେ ସେ ବେଶ୍ ସଫଳ ଥିଲେ। ତାଙ୍କ ଦେହାନ୍ତରେ କଣ୍ଟାବାଞ୍ଜି ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜିର ପୂର୍ବତନ ବିଧାୟକ ଥିଲେ ହାଜି ଆୟୁବ ଖାନ୍ । ସୂଚନା ଅନୁସାରେ ସେ ବୁଧବାର



ନିତିଦିନ ପରି ସକାଳୁ ଉଠି ନିତ୍ୟ କର୍ମ ସାରି ବସିଥିବା ବେଳେ ହଠାତ ଟଳି ପଡ଼ିଥିଲେ। ତାଙ୍କ ସାନ ପୁଅ ଡାକ୍ତର ଥିବା ବେଳେ ସେ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥଲେ। ପରେ ତାଙ୍କ ନିଜ ଆୟୁବ ଖାଁ ହସ୍ପିଟାଲକୁ ନେଇ ଥିଲେ। ସେଠି ତାଙ୍କୁ ମୃତ ଘୋଷଣା କରାଯାଇଛି। ତେବେ ହୃଦଘାତରୁ ତାଙ୍କ ଦେହାନ୍ତ ହୋଇଥିବା ଜଣା ପଡିଛି। ସେପଟେ ତାଙ୍କ ଦେହାନ୍ତ ଖବର ଆସିବା ପରେ ତାଙ୍କ ବାସ ଭବନରେ ସମ୍ପର୍କୀୟ, ନେତା, କର୍ମୀଙ୍କ ଭିଡ ଜମିଛି। ସମାନ ଭାବରେ ତାଙ୍କର ବିୟୋଗରେ ସାରା କଣ୍ଟାବାଞ୍ଜିର ଶୋକର ଛାୟା ଖେଳି ଯାଇଛି। ତାଙ୍କ ବିୟୋଗରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଦୁଃଖ ପ୍ରକାଶ କରିଛନ୍ତି । ନବୀନ ଏକ୍ସରେ ପୋଷ୍ଟ କରିଛନ୍ତି ଯେ "ପୂର୍ବତନ ବିଧାୟକ ଆୟୁବ ଖାନଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ। ତାଙ୍କ ବିୟୋଗରେ ଦଳ ଜଣେ ଦକ୍ଷ ସଙ୍ଗଠକ ଏବଂ ଦରଦୀ ନେତାଙ୍କୁ ହରାଇଲା। ଅଞ୍ଚଳର ଉନ୍ନତି ଓ ଲୋକଙ୍କ ସେବାରେ ସେ କରିଯାଇଥିବା କାର୍ଯ୍ୟ ସର୍ବଦା ତାଙ୍କୁ ଅମର କରି ରଖିବ। ଏପରି ଦୁଃଖଦ ସମୟରେ ତାଙ୍କ ପୁଅ ଡ. ଅମଜାଦ ଅଲ୍ଲୀ ଖାନଙ୍କ ସହିତ କଥା ହୋଇ ସମସ୍ତ ପରିବାରବର୍ଗଙ୍କୁ ମୋର ଗଭୀର ସମବେଦନା ସହ ଅମର ଆତ୍ମାର ସଦଗତି କାମନା କରୁଛି।" ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ଓ ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂହ ଦେଓ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଆୟୁବ ଖାନଙ୍କ ଅନ୍ତେଷ୍ଟି କ୍ରିୟା ବୁଧବାର ସନ୍ଧ୍ୟାରେ ହେବାର ସ୍ଥିର ହୋଇଛି। ବୁଧବାର ସନ୍ଧ୍ୟା ପାଞ୍ଚଟାରେ ଅନ୍ତିମ ସଂସ୍କାର ପୂର୍ବରୁ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲେ । ପରେ ସ୍ଥାନୀୟ କଣ୍ଟାବାଞ୍ଜି କବରସ୍ଥାନରେ ତାଙ୍କୁ କବର ଦିଆଯାଇଛି। ଭିଡକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ଓ ଟ୍ରାଫିକ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା।

**ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**

ତାରିଖ :-୧୩/୦୫/୨୦୨୬
୫,୦୨,୭୧୨/- ଟଙ୍କା
ସୁନା:-୦୨ଗ୍ରାମ୍‌୦୫୦ ମିଲିଗ୍ରାମ
ରୂପା:-୨୯ଗ୍ରାମ୍‌୩୦୦ ମିଲିଗ୍ରାମ



ସମ୍ପାଦକୀୟ
ପୃଷ୍ଠା-୪
ମୁହାଁଣ୍ଟି ଟାପ, ଦୁର୍ନୀତି ଟଙ୍କା ଚିନ୍ତା ବଢ଼ାଉଛି
ଉତ୍କଳ ଦୀପିକା
୧୮୬୬ରେ ପ୍ରକାଶିତ
ଓଡ଼ିଶାର ସର୍ବପୁରାତନ ସମ୍ବାଦପତ୍ର
RNI Regd. No. : ODIODI/2016/67976
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା
Vol -10 • Issue-45 • 13-19th May 2026 • Bhubaneswar
ଜଗତସିଂହପୁରରେ ଶିଶୁ ସୁରକ୍ଷା ବିପନ୍ନ : ବାଲ୍ୟବିବାହର କରୁଣ ପରିଣତି
କିଡ୍‌ନୀ ରୋଗ ଆତଙ୍କ : ବର୍ଷକରେ ଗଲାଣି ୨୫ ଜଣଙ୍କ ଜୀବନ

**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ଇଞ୍ଜିନିୟରିଂ ଛାତ୍ରୀଙ୍କୁ ଗଣଦୁଷ୍କର୍ମରେ ପୁରୁଷ ବନ୍ଧୁଙ୍କ ସମେତ ୪ ଗିରଫ



**ଭୁବନେଶ୍ୱର, ୧୩/୦୫ ନ୍ୟୁଜ ବ୍ୟୁରୋ**

ରାଜଧାନୀରେ ପୁଣି ଏକ ନିନ୍ଦନୀୟ ଘଟଣା ସାମ୍ନାକୁ ଆସିଛି। ଏକ ଘରୋଇ କଲେଜର ଇଞ୍ଜିନିୟରିଂ ଛାତ୍ରୀଙ୍କୁ ମୃଦୁ ପାନୀୟରେ ନିଶା ଦେଇ ଗଣଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି । ଇନଫୋସିଟି ଥାନା ଅନ୍ତର୍ଗତ କାଇମାଟିଆ ଅଞ୍ଚଳରେ ଏହି ଘଟଣା ଘଟିଛି। ପୀଡ଼ିତାଙ୍କ ପକ୍ଷରୁ ଏତଲା ହେବା ପରେ କମିଶନରେଟ୍ ପୋଲିସ ଏହି ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ସୂଚନା ଅନୁସାରେ ପୁରୁଷ ବନ୍ଧୁର ରୁମ୍‌ରେ ହିଁ ପୀଡିତାଙ୍କ ସହ ଏଭଳି ଅମାନବୀୟ ଅପରାଧିକ କାଣ୍ଡ ଘଟିଛି। ଇନଫୋସିଟି ଥାନା ପୋଲିସ ପୀଡ଼ିତାଙ୍କ ପୁରୁଷବନ୍ଧୁ ସମେତ ୪ ଜଣଙ୍କୁ ବୁଧବାର ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଶୁଭଙ୍କର ପାଢ଼ୀ, ସିପୁନ ବେହେରା, ରଞ୍ଜନ ବେହେରା, ରତିରଞ୍ଜନ ତରାଇ। ଅଭିଯୁକ୍ତ ଶୁଭଙ୍କର ହିଁ ପୀଡ଼ିତାଙ୍କ ବଏଫ୍ରେଣ୍ଡ ବୋଲି ପୋଲିସ ସୂଚନା ଦେଇଛି। ଅନ୍ୟପକ୍ଷରେ ପୀଡିତାଙ୍କ ଡାକ୍ତରୀ ପରୀକ୍ଷା ସହ ବୟାନ ମଧ୍ୟ ରେକର୍ଡ କରାଯାଇଛି।

ପୋଲିସ ସୂଚନା ଅନୁଯାୟୀ, କାଇମାଟିଆ ଅଞ୍ଚଳରେ ପୁରୁଷ ବନ୍ଧୁ ଶୁଭଙ୍କରର ଭଡ଼ାଘର ରହିଛି। ଶୁଭଙ୍କର ଓ ପୀଡିତା ଗୋଟିଏ ଘରୋଇ ଇଞ୍ଜିନିୟରିଂ କଲେଜରେ ପଢ଼ନ୍ତି। ପୀଡିତାଙ୍କ ଅଭିଯୋଗ ଅନୁଯାୟୀ, ୨୦ ଦିନ ତଳେ ତାଙ୍କ ସହ ଦୁଷ୍କର୍ମ କାଣ୍ଡ ଘଟିଥିଲା। ସେ ବଏଫ୍ରେଣ୍ଡ ଶୁଭଙ୍କରଙ୍କ ରୁମକୁ ଖାଇବାକୁ ଯାଇଥିଲେ। ସେହି ସମୟରେ ସେଠାରେ ଶୁଭଙ୍କରର ଅନ୍ୟ ୩ ସାଙ୍ଗ ମଧ୍ୟ ଥିଲେ। ପୀଡ଼ିତା ମୃଦୁପାନୀୟ ପିଇବା ପରେ ତାଙ୍କ ମୁଣ୍ଡ ବୁଲାଇଥିଲା। ସେ ଶୋଇପଡ଼ିବା ପରେ ଅଭିଯୁକ୍ତମାନେ ତାଙ୍କ ସହ ଦୁଷ୍କର୍ମ କରିଥିଲେ। ନିଦ ଭାଙ୍ଗିବା ପରେ ସେ ଏକଥା ଜାଣିବାକୁ ପାଇଥିଲେ।

ଥାନାଧିକାରୀ ଗୟାନନ୍ଦ ଶାହା କହିଛନ୍ତି, ପୀଡିତାଙ୍କ ପକ୍ଷରୁ ଏତଲା ହୋଇଥିଲା। ଆମେ ତୁରନ୍ତ ମାମଲା ପଞ୍ଜିକୃତ କରି ଆଇନଗତ ପ୍ରକ୍ରିୟା ଆରମ୍ଭ କରିଥିଲୁ। ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଘଟଣାରେ ଅଧିକ ତଦନ୍ତ ଚାଲୁ ରହିଛି।

ଦୁଇ ସପ୍ତାହ ତଳେ ଜଣେ ଅଣଓଡିଆ ଯୁବତୀଙ୍କୁ ଦୁଷ୍କର୍ମ ଉଦ୍ୟମ ମାମଲାରେ ତେଜରାତି ଦୋକାନୀକୁ ଇନଫୋସିଟି ପୋଲିସ ଗିରଫ କରିଥିଲା। ଭଡ଼ା ଘରେ କେହି ନ ଥିବାର ସୁଯୋଗ ନେଇ ଅଭିଯୁକ୍ତ ବୃଦ୍ଧ ଜଣକ ଏହି କାଣ୍ଡ ଘଟାଇଥିଲା। ଏହି ଘଟଣାରେ ଅଭିଯୁକ୍ତ ତଥା ଇନଫୋସିଟି ଥାନା ଅନ୍ତର୍ଗତ ଗଙ୍ଗପଡ଼ା ମାଝୀସାହିର ଦୀପକ ଚନ୍ଦ୍ର ପ୍ରଧାନ (୬୭)ଙ୍କୁ ଜେଲ ପଠାଇ ଦିଆ ଯାଇଥିଲା।

## ରାଜଧାନୀରେ ପୁଣି ଦୁର୍ଘଟଣା ଘଟାଇଲା ଆମ ବସ୍ : ବାଇକ୍ ଆରୋହୀ ଗୁରୁତର

**ଭୁବନେଶ୍ୱର ୧୩/୦୫ ନ୍ୟୁଜ ବ୍ୟୁରୋ**

ରାଜଧାନୀରେ ପୁଣି ଦୁର୍ଘଟଣା ଘଟାଇଲା ଆମ ବସ୍ । ଜୟଦେବବିହାର ଓ ଆଚାର୍ଯ୍ୟବିହାର ମଧ୍ୟରେ ଦୁର୍ଘଟଣା। ବାଇକ୍ ଆରୋହୀଙ୍କୁ ପଛରୁ ଧକ୍କା ଦେଲା ଆମ ବସ୍। ବାଇକ୍ ଚାଳକଙ୍କ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଛି। ଗୁରୁତର ଯୁବକ ଜଣକ ଭଦ୍ରକର ରଶ୍ମି ରଞ୍ଜନ ପଣ୍ଡା ବୋଲି ଜଣାପଡିଛି । ଘଟଣାସ୍ଥଳରେ ଚାପା ଉତ୍ତେଜନା ଦେଖାଦେଇଥିଲା । ବସ୍ କାଚ ଭାଙ୍ଗିଦେଲେ ଉତ୍ୟକ୍ତ ଲୋକେ। ଘଟଣାସ୍ଥଳର ସହିଦ ନଗର ଥାନା ପୁଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିବା ବେଳେ ବସ୍‌କୁ ଜବତ କରିଥିବା ସୂଚନା ମିଳିଛି।

# ରାଜସ୍ୱ ମନ୍ତ୍ରୀଙ୍କ ପାଠଶାଳା : ସୁରେଶ ସାଜିଲେ ଶିକ୍ଷକ, ଶିକ୍ଷା ଗ୍ରହଣ କଲେ ଓଆରଏସ୍ ପ୍ରଶିକ୍ଷାର୍ଥୀ

**ଭୁବନେଶ୍ୱର, ୧୩/୦୫ ନ୍ୟୁଜ ବ୍ୟୁରୋ**

ଅହଙ୍କାର ଠୁ ଦୂରରେ ନିଷ୍ଠା ଓ ପ୍ରତିବଦ୍ଧତାର ସହ ଲୋକାଭିମୁଖୀ ସେବା ପ୍ରଦାନ ସୁନିଶ୍ଚିତ କରିବାର ଅଛି। ଆମଠୁ ଅଧିକ ଦକ୍ଷ ଲୋକ ବି ସୁଯୋଗ ଅଭାବରୁ ଆମ ସ୍ଥାନରେ ପହଞ୍ଚି ପାରି ନାହାଁନ୍ତି । ସୁତରାଂ ଭଲ କାମ କଲେ ସ୍ୱତଃପ୍ରବୃତ୍ତ ଭାବେ ଲୋକଙ୍କ ଆଶୀର୍ବାଦ ଓ ସୁନାମ ପାଇପାରିବେ । ନିଜକୁ ସେବକ ଭାବି ସାଧାରଣ ଲୋକଙ୍କୁ ମାଲିକ ଭାବେ ବିବେଚନା କରି କାର୍ଯ୍ୟ କରିବା ଦ୍ୱାରା ହିଁ ଅଧିକାରୀ ଉଦାହରଣ ସୃଷ୍ଟି କରିପାରିବେ । ଏହା ଦ୍ୱାରା ସମ୍ମାନ ସହ ଲୋକଙ୍କ ବିଶ୍ୱାସ ଓ ଭଲପାଇବା ମିଳିବ। ଏହା କୌଣସି ସଂଳାପ ନୁହେଁ। ବରଂ ଏହା ଜଣେ ଦକ୍ଷ ଶିକ୍ଷକଙ୍କ ଦ୍ୱାରା ପ୍ରଶିକ୍ଷାର୍ଥୀଙ୍କୁ ପ୍ରଦାନ କରାଯାଇଥିବା ଗୁରୁ ବାର୍ତ୍ତା ବା ପରାମର୍ଶ। ଓଡିଶା ରାଜସ୍ୱ ସେବାର ୭୪ ଜଣ ଓଡ଼ିଶା ରାଜସ୍ୱ ସେବା ପ୍ରଶିକ୍ଷାର୍ଥୀ ବା ଓଆରଏସଙ୍କ ଟ୍ରେନିଂ କାର୍ଯ୍ୟକ୍ରମ ଚାଲିଛି । ଗୋଠପାଟଣାରେ ରାଜସ୍ୱ ଅଧିକାରୀ ପ୍ରଶିକ୍ଷଣ ପ୍ରତିଷ୍ଠାନ ବା ଆରଓଟିଆଇରେ ଚାଲିଥିବା ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ପରିଦର୍ଶନ କରିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀ । ସ୍ୱତନ୍ତ୍ର ସଭାରେ ଯୋଗ ଦେଇ ମନ୍ତ୍ରୀ ଶ୍ରୀ ପୂଜାରୀ ପ୍ରଶିକ୍ଷାର୍ଥୀଙ୍କ ସହିତ ଆଲୋଚନା କରିବା



ସହ ମାର୍ଗଦର୍ଶନ ଦେଇଛନ୍ତି । ଭାବ ବିନିମୟ କରିବା ସହ ନିଷ୍ଠା ଓ ପ୍ରତିବଦ୍ଧତାର ସହ ଲୋକସେବାରେ ବ୍ରତୀ ହେବାକୁ ମନ୍ତ୍ରୀ ଶ୍ରୀ ପୂଜାରୀ ପରାମର୍ଶ ଦେଇଛନ୍ତି। ରାଜସ୍ୱ ସେବା ସମ୍ପର୍କିତ ବିଭିନ୍ନ ଆଇନ ତଥା ନିୟମ ସମ୍ବନ୍ଧରେ ମନ୍ତ୍ରୀ ପ୍ରଶିକ୍ଷାର୍ଥୀଙ୍କ ସହ ଆଲୋଚନା କରିଛନ୍ତି । ପ୍ରଶିକ୍ଷଣରେ ପଢ଼ାଯାଇଥିବା ବିଭିନ୍ନ ବିଷୟରେ ମନ୍ତ୍ରୀ ପଚାରି ବୁଝିଛନ୍ତି । ରାଜସ୍ୱ ମନ୍ତ୍ରୀ କହିଛନ୍ତି, 'ଅହଙ୍କାର ଠାରୁ ଦୂରରେ ରହି ଆମକୁ ନିଷ୍ଠା ଓ ପ୍ରତିବଦ୍ଧତାର ସହ ଲୋକାଭିମୁଖୀ ସେବା ପ୍ରଦାନ ସୁନିଶ୍ଚିତ କରିବାର ଅଛି । ଆମ ଠାରୁ ଅଧିକ ଦକ୍ଷ ଲୋକମାନେ ବି ସୁଯୋଗ ଅଭାବରୁ ଆମ ସ୍ଥାନରେ ପହଞ୍ଚି ପାରି ନାହାଁନ୍ତି । ସୁତରାଂ ଆପଣମାନେ ଭଲ କାମ କଲେ ସ୍ୱତଃପ୍ରବୃତ୍ତ ଭାବେ ଲୋକମାନଙ୍କ ଆଶୀର୍ବାଦ ଓ ସୁନାମ ପାଇପାରିବେ । ଆପଣମାନେ ରାଜସ୍ୱ ସେବା ସମ୍ପର୍କିତ ସମସ୍ତ ଆଇନ ବାରମ୍ବାର ପଢ଼ିବା ସହ ଉପଲବ୍ଧି କରନ୍ତୁ । ସକରାତ୍ମକ ଭାବେ ଆଇନର ସଦୁପଯୋଗ କରିବା ଆମର ନୈତିକ ଦାୟିତ୍ୱ । ନିଜକୁ ସେବକ ଭାବି ସାଧାରଣ ଲୋକଙ୍କୁ ମାଲିକ ତଥା ଗୁରୁତ୍ୱପୂର୍ଣ୍ଣ ହିତାଧିକାରୀ ଭାବେ ବିବେଚନା କରି କାର୍ଯ୍ୟ କରିବା ଦ୍ୱାରା ହିଁ ଆପଣମାନେ ଉଦାହରଣ ସୃଷ୍ଟି କରିପାରିବେ । ମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି, 'ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସେବା ପ୍ରଦାନ କରିବା ସୁନିଶ୍ଚିତ କଲେ ଅଧିକାରୀ କୌଣସି ଚାପର ବଶବର୍ତ୍ତୀ ହେବେ ନାହିଁ । ଆମର ସବୁଠୁଁ ସଶକ୍ତ ସାଧାରଣଜ୍ଞାନ ହିଁ ଆଇନ । ଯେଉଁଠି କୌଣସି ଆଇନ କିମ୍ବା କର୍ତ୍ତୃପକ୍ଷଙ୍କ ସହଯୋଗ ମିଳି ପାରୁନାହିଁ। ନତୁବା କୌଣସି ଚାପ ପ୍ରୟୋଗ କରାଯାଉଛି । ସେପରି ସ୍ଥଳେ ନିଜର ସାଧାରଣ ଜ୍ଞାନ ପ୍ରୟୋଗ କରି ସମସ୍ୟାକୁ ସୁଯୋଗରେ ବଦଳେଇ ସକରାତ୍ମକ ପରିବର୍ତ୍ତନ କରିବାରେ ନିଶ୍ଚୟ ସଫଳ ହେବେ ''। କେବଳ ଶ୍ରେଣୀ ଗୃହ ପ୍ରଶିକ୍ଷଣରେ ସୀମିତ ନ ରହି ଏହାର ବାସ୍ତବ ଉପଯୋଗ ନିମନ୍ତେ ପ୍ରାକ୍ଟିକାଲ ଟ୍ରେନିଂ ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଓଡ଼ିଶା ପରି ରାଜ୍ୟରେ ବିପର୍ଯ୍ୟୟ ପରିଚାଳନାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଓଆରଏସ ଅଧିକାରୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବିପର୍ଯ୍ୟୟ ପରିଚାଳନା ସମ୍ବନ୍ଧିତ ତାଲିମରେ ଦକ୍ଷ ହେବାକୁ ସେ ଆହ୍ୱାନ ଦେଇଛନ୍ତି। ଗୁଣାତ୍ମକ ଏବଂ ଉପାଦେୟ ପ୍ରଶିକ୍ଷଣ ସହ ସାଧାରଣ ଜ୍ଞାନର ଉପଯୋଗ ମାଧ୍ୟମରେ ହିଁ ଜଣେ ସଫଳ ଅଧିକାରୀ ହେଇପାରିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ମତବ୍ୟକ୍ତ କରିଛନ୍ତି। ଜନସାଧାରଣଙ୍କ ନିମନ୍ତେ ରାଜସ୍ୱ ସେବା କିପରି ସହଜଲବ୍ଧ ହୋଇପାରିବ, ସେ ସମ୍ପର୍କରେ ସମସ୍ତେ ଯତ୍ନବାନ ହେବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ରାଜ୍ୟରେ ରାଜସ୍ୱ ସେବା ଦିଗରେ ଥିବା ବିଭିନ୍ନ ଆହ୍ୱାନ ସମ୍ବନ୍ଧରେ ଆଲୋଚନା କରିଛନ୍ତି ମନ୍ତ୍ରୀ। ଏହା ସହ ହାଇଟେକ ସର୍ଭେ ସମ୍ବନ୍ଧରେ ନୂଆ ଅଧିକାରୀମାନେ ଅଧିକ ସଚେତନ ହେବାକୁ ସେ ପରାମର୍ଶ ଦେଇଛନ୍ତି । ଜମି ଅଧିଗ୍ରହଣ ଆଇନ, ପୁନର୍ବାସ ଓ ଥଇଥାନ ନିୟମ ସମ୍ବନ୍ଧରେ ଆଲୋଚନା କରି ସର୍ବପ୍ରଥମେ ସାଧାରଣ ଲୋକଙ୍କ ପକ୍ଷଧର ହେବାକୁ ଅଧିକାରୀମାନଙ୍କୁ ସେ ପରାମର୍ଶ ଦେଇଛନ୍ତି। ରାଜସ୍ୱ ସେବା ପ୍ରଶିକ୍ଷଣ ପ୍ରତିଷ୍ଠାନକୁ ବୈଷୟିକ ଦୃଷ୍ଟିକୋଣରୁ ଅଧିକ ଦକ୍ଷତାସମ୍ପନ୍ନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବ୍ୟବସ୍ଥା କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ସମ୍ବଲପୁର, ସୁବର୍ଣ୍ଣପୁର ଏବଂ ଦେବଗଡ଼ ଆଦି ଜିଲ୍ଲାରେ ହାଇଟେକ ସର୍ଭେ ପ୍ରକିୟା ସଫଳତାର ସହ ଚାଲିଥିବା ବେଳେ ଆଗାମୀ ଦିନରେ ଅନ୍ୟ ସ୍ଥାନମାନଙ୍କରେ ମଧ୍ୟ ଏହାର ଆବଶ୍ୟକତା ଯୋଗୁ ରାଜସ୍ୱ ଅଧିକାରୀମାନେ ଅଧିକ ଦକ୍ଷ ହେବାର ଆବଶ୍ୟକତା ରହିଛି ବୋଲି ସେ ମତପ୍ରକାଶ କରିଛନ୍ତି । ସେଥିନିମନ୍ତେ ଉପଯୁକ୍ତ ପ୍ରଶିକ୍ଷାର୍ଥୀଙ୍କୁ ସ୍ୱତନ୍ତ୍ର ଭାବେ ହାଇଟେକ ସର୍ଭେ ସମ୍ବନ୍ଧିତ ଅଧିକ ଦକ୍ଷତା ବିକାଶ ପ୍ରଶିକ୍ଷଣ ପ୍ରଦାନ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଆର୍‌ଓଟିଆଇର ପାଠ୍ୟକ୍ରମ ସଂଯୋଜକ ସୌମ୍ୟକାନ୍ତ ସୌମ୍ୟଦର୍ଶୀ ପ୍ରଶିକ୍ଷଣ ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ପାଠ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଛନ୍ତି । କାର୍ଯ୍ୟକ୍ରମ ଶେଷରେ ଆର୍‌ଓଟିଆଇର ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ ମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ତାଙ୍କର ଉପାଦେୟ ପରାମର୍ଶ ଗ୍ରହଣ କରି ଆଗାମୀ ଦିନରେ ରାଜସ୍ୱ ସେବା ଅଧିକାରୀଙ୍କ ନିମନ୍ତେ ଅଧିକ ଦକ୍ଷତାସମ୍ପନ୍ନ ପ୍ରଶିକ୍ଷଣ ବ୍ୟବସ୍ଥା କରାଯିବ ବୋଲି ଆଶାବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ପ୍ରଦୀପ କୁମାର ସାହୁ, ରାଜସ୍ୱ ସେବା ପ୍ରଶିକ୍ଷଣ ପ୍ରତିଷ୍ଠାନର ସମସ୍ତ ପ୍ରଶିକ୍ଷକ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ।